# ନିତିଦିନ

NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY 12 APRIL 2026
ରବିବାର ୧୨ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 324 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୨୪ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



ପୃଷ୍ଠା ୩ ଓଡ଼ିଶାକୁ ସର୍ବାଧିକ ବିଶ୍ୱକର୍ମା ପୁରସ୍କାର

ପୃଷ୍ଠା ୫ ନିଯୁକ୍ତି ସନ୍ଧାନକାରୀ ନୁହେଁ, ସୃଷ୍ଟିକାରୀ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

ପୃଷ୍ଠା ୮ ଟିଏମ୍‌ସିର ଅହଂକାର ଭାଙ୍ଗିବେ ବଙ୍ଗବାସୀ: ମୋଦୀ


## ରାଜ୍ୟରେ ଗଠନ ହେବ ପାନୀୟ ଜଳ ନିଗମ

**ଭୁବନେଶ୍ୱର,୧୧।୪/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ଖୁବ୍‌ଶୀଘ୍ର ଗଠନ ହେବ ପାନୀୟ ଜଳ ନିଗମ। ଗ୍ରାମ୍ୟ ପାନୀୟ ଜଳ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି ୨୦୨୬ କାର୍ଯ୍ୟକାରୀ କରିବାରେ ଏହି ନିଗମର ବଡ଼ ଭୂମିକା ରହିବ। ନିଗମ ଗଠନ ନେଇ ଖୁବ୍‌ଶୀଘ୍ର ଦୁଇଟି ରାଜ୍ୟକୁ ଓଡ଼ିଶା ଟିମ୍ ଯିବ। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି।

ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକକୁ ଓଡ଼ିଶା ଟିମ ଯାଇ ନିଗମର ରୂପରେଖ କେମିତି ହେବ ସେ ବାବଦରେ ଅନୁଧ୍ୟାନ କରିବେ। ଆଇଟି ଏବଂ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାମ କରିବ। ୨୦୭ ମେଗା ପ୍ରକଳ୍ପ, ୧୮୭୦୦ ସିଙ୍ଗଲ ଭିଲେଜ, ୬୫୫୧ ସୋଲାର ସିଷ୍ଟମ ପ୍ରକଳ୍ପକୁ ପରିଚାଳନା ନିଗମ ନିରୀକ୍ଷଣ କରିବ। ନୂଆ ନୀତିରେ ମେଗା ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ପାଇଁ ଗୋଟିଏ ଏଜେନ୍ସିକୁ ଦିଆଯିବ। ପାଞ୍ଚ ବର୍ଷ ପରେ ଦାୟିତ୍ୱ ପଞ୍ଚାୟତର ସରପଞ୍ଚଙ୍କୁ ହସ୍ତାନ୍ତର କରାଯିବ। ଭିଲେଜ ୱାଟର ସାନିଟେସନ କମିଟିର ଭାଗିଦାରୀରେ ହେବ। ପାଣି ପହଞ୍ଚିଲାଣି କି ନାହିଁ, କେଉଁଠି ବିଶୋଧନ ହେବ ଏହା ଗାଁ ▶▶ ୬

## ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍ ପାଇଁ ମାର୍ଗଦର୍ଶିକା

**ଭୁବନେଶ୍ୱର,୧୧।୪/ଏନ୍‌ଏନ୍‌ଏସ୍:**

ନକଲ ସ୍କୁଲ ଲିଭିଂ ସାର୍ଟିଫିକେଟ୍ (ଏସ୍‌ଏଲସି) ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଯଦି କୌଣସି ଛାତ୍ରଛାତ୍ରୀଙ୍କ ଏସ୍‌ଏଲ୍‌ସି ହଜିଥାଏ କିମ୍ବା ନଷ୍ଟ ହୋଇଥାଏ ତେବେ ତାଙ୍କୁ ନକଲ କପି ମିଳିବ। ଏଥିପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ପ୍ରକୃତ ତଥା ଯଥାର୍ଥତା ଦର୍ଶାଇବାକୁ ହେବ। ବିଭାଗ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ କୁହାଯାଇଛି ଯେ ଓରିଜିନାଲ ଏସ୍‌ଏଲ୍‌ସି ହଜିଯାଇଥିଲେ କିମ୍ବା ନଷ୍ଟ ହୋଇଥିଲେ ଏହାର ନକଲ କପି ପାଇବା ପାଇଁ ଅନେକ ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ଏବେ ସରକାର ଡୁପ୍ଲିକେଟ୍ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ଅନୁମତି ଦେଇଛନ୍ତି। ତେବେ ସ୍କୁଲର ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ନେଇ ଏସ୍‌ଏଲସିର ନକଲ ଦେଇପାରିବେ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଯଥାର୍ଥତା ଦର୍ଶାଇବାକୁ ହେବ। ଯଦି ସାର୍ଟିଫିକେ୍ ନଷ୍ଟ ହୋଇଥିବ ତା'ର ପ୍ରମାଣ ଦେଖାଇବେ। ଯଦି ଚୋରି କିମ୍ବା ହଜିଥିବ ତେବେ ଥାନାରୁ ଏଫ୍‌ଆଇଆର୍ କପି ଆଣି ପ୍ରଦାନ କରିବେ। ଯଦି ନିଆଁ ଲାଗିଯାଇଥାଏ ▶▶ ୬

## ପୃଥିବୀକୁ ଫେରିଲା ଆର୍ଟେମିସ୍ -୨

**ନୂଆଦିଲ୍ଲୀ,୧୧।୪/ଏଜେନ୍ସି:**

ନାସାର ଆର୍ଟେମିସ୍-୨ ମିଶ ପୃଥିବୀକୁ ସଫଳତାର ସହ ଫେରିଆସିଛି। ମହାକାଶଚାରୀମାନଙ୍କୁ ନେଇ ଯାଉଥିବା ଓରିଅନ୍ ମହାକାଶଯାନ ଚନ୍ଦ୍ର ନିକଟରେ ପ୍ରାୟ ୧୦ ଦିନର ଯାତ୍ରା ସମାପ୍ତ କରିବା ପରେ ସୁରକ୍ଷିତ ଭାବରେ ପ୍ରଶାନ୍ତ ମହାସାଗରରେ ଅବତରଣ କରିଛି। ଉପସ୍ଥିତି ଥିବା ନାସା ଏବଂ ଆମେରିକୀୟ ନୌସେନା ଦଳ କ୍ୟାପସୁଲ୍‌କୁ ସୁରକ୍ଷିତ ଭାବେ ବାହାର କରିଛନ୍ତି। ମହାକାଶଚାରୀ ରିଡ୍ ୱିଜମ୍ୟାନ୍, ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ ଜେରେମି ହାନସନ ଏହି ଐତିହାସିକ ମିଶନରେ ବହୁ ଗୁରୁତ୍ୱପୂର୍ଣ୍ଣ ଗବେଷଣା କରିଛନ୍ତି। ମିଶନ ସମୟରେ ମହାକାଶଯାନଟି ପ୍ରଥମ ୨୫ ଘଣ୍ଟା ପୃଥିବୀ କକ୍ଷପଥରେ ବିତାଇ ସମସ୍ତ ଆବଶ୍ୟକୀୟ ପ୍ରଣାଳୀର ଯାଞ୍ଚ କରିଥିଲା। ମହାକାଶଯାନଟି ଏହାର ମୁଖ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଚନ୍ଦ୍ର ଅଭିମୁଖେ ଉତ୍କ୍ଷେପଣ କରିଥିଲା। ଚନ୍ଦ୍ରର ମହାକର୍ଷଣ ଶକ୍ତି ପ୍ରଭାବ କ୍ଷେତ୍ରରୁ ବାହାରିବା ପରେ, ମହାକାଶଯାନ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥିଲା। ଏହି ସମୟ ମଧ୍ୟରେ ମହାକାଶଯାନର ଦିଗ ବଜାୟ ରଖିବା ▶▶ ୬

## ନକଲି ସୁନାରେ ୫୭ ଲକ୍ଷ ଲୋନ୍

**ନୂଆଦିଲ୍ଲୀ,୧୧।୪/ଏଜେନ୍ସି:**

ବ୍ୟାଙ୍କ୍‌ରେ ବନ୍ଧକ ରଖିଲେ ନକଲି ସୁନା, ଆଉ ଉଠାଇ ଆଣିଲେ ଲକ୍ଷ ଲକ୍ଷ ଟଙ୍କାର ଋଣ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତର ପ୍ରଦେଶର ପ୍ରୟାଗରାଜ ଅଞ୍ଚଳରେ। ପ୍ରୟାଗରାଜର ସିଭିଲ୍ ଲାଇନ୍ସରେ ଥିବା ଏକ ଘରୋଇ ବ୍ୟାଙ୍କ୍ ଶାଖାରେ ଏକ ବଡ଼ ସୁନା ଋଣ ଠକେଇ ସାମ୍ନାକୁ ଆସିଛି। ଏହି ବ୍ୟାଙ୍କ୍‌ରେ ଠକମାନେ ଚତୁରତାର ସହିତ ନକଲି ସୁନାକୁ ବନ୍ଧକ ଭାବରେ ବ୍ୟବହାର କରି ପ୍ରକୃତ ସୁନା ଋଣ ହାସଲ କରିଥିଲେ, ଆଉ ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ପଙ୍କଜ ବର୍ମାଙ୍କ ଅଭିଯୋଗ ଆଧାରରେ, ମୋଟ ୧୭ ଜଣଙ୍କ ବିରୋଧରେ ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏବେ ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଖୋଜୁଛି। ତଦନ୍ତରୁ ଜଣାପଡିଛି ଯେ ମୋଟ ୧୮ଟି ସୁନା ଋଣ ଆକାଉଣ୍ଟ ମାଧ୍ୟମରେ ଏହି ଠକେଇ କରାଯାଇଛି। ଏହି ଆକାଉଣ୍ଟ ମାଧ୍ୟମରେ, ଅଭିଯୁକ୍ତମାନେ ବ୍ୟାଙ୍କରୁ ପ୍ରାୟ ୫୭ ଲକ୍ଷ ୧୯ ହଜାର ୮୦୦ ଟଙ୍କା ଋଣ ପାଇଥିଲେ। ସୁଧ ସହିତ ଏହି ପରିମାଣ ଏବେ ୬୪ ଲକ୍ଷରୁ ଅଧିକ ହୋଇଛି ।

ଠକମାନେ ସୁଚିନ୍ତିତ ଯୋଜନା ମାଧ୍ୟମରେ ଏହି ଠକେଇ କରିଥିଲେ। ଅଭିଯୁକ୍ତମାନେ ବ୍ୟାଙ୍କରେ ନକଲି ସୁନାକୁ ବନ୍ଧକ ରଖିଥିଲେ। ଆଉ ଏକ ମିଛ ସୁନା ମୂଲ୍ୟାଙ୍କନକାରୀଙ୍କ ରିପୋର୍ଟ ଆଧାରରେ ଋଣ ଅନୁମୋଦନ ପାଇଥିଲେ। ବ୍ୟାଙ୍କଗୁଡ଼ିକ ସାଧାରଣତଃ ମୂଲ୍ୟାଙ୍କନକାରୀଙ୍କ ରିପୋର୍ଟ ଆଧାରରେ ସୁନା ଋଣ ମଞ୍ଜୁର କରିଥିଲେ, ଯାହାକୁ ଏହି ସମ୍ପୂର୍ଣ୍ଣ ସିଣ୍ଡିକେଟ୍ ଠକେଇ କରିବା ପାଇଁ ବ୍ୟବହାର କରିଥିଲେ। ବ୍ୟାଙ୍କର ନିୟମିତ ପ୍ରକ୍ରିୟା ଅନୁଯାୟୀ, ବନ୍ଧକ ସୁନାର ପୁନଃପରୀକ୍ଷା କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଲା। ଦ୍ୱିତୀୟ ସୁନା ମୂଲ୍ୟାଙ୍କନକାରୀଙ୍କ ଦ୍ୱାରା କରାଯାଇଥିବା ଏହି ତଦନ୍ତରୁ ଜଣାପଡିଲା ଯେ ବନ୍ଧକ ସୁନା ଅସଲି ନୁହେଁ ବରଂ ନକଲି। ଏହା ଜଣାପଡ଼ିବା ପରେ ବ୍ୟାଙ୍କ ଅଧିକାରୀମାନେ ତୁରନ୍ତ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଏହା ମଧ୍ୟ ଜଣାପଡିଥିଲା ଯେ ଏହି ଠକେଇରେ କେବଳ ଗ୍ରାହକ ନୁହେଁ ବରଂ ସୁନା ମୂଲ୍ୟାଙ୍କନକାରୀଙ୍କ ଭୂମିକା ମଧ୍ୟ ସନ୍ଦେହଜନକ ଥିଲା। ବର୍ତ୍ତମାନ ପୁଲିସ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

### ୪୭ ବର୍ଷ ପରେ ପ୍ରଥମ; ଆମ୍ନାସାମ୍ନାରେ ଇରାନ୍ ଏବଂ ଆମେରିକୀୟ ପ୍ରତିନିଧି

# ୨ୟ ପର୍ଯ୍ୟାୟ ସିଜ୍‌ଫାୟାର୍ ଆଲୋଚନା ଆରମ୍ଭ

**ଇସଲାମାବାଦ୍, ୧୧।୪/ଏଜେନ୍ସି:**





ପାକିସ୍ତାନର ରାଜଧାନୀ ଇସଲାମାବାଦ୍ ଠାରେ ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ବିରତି ବା ସିଜ୍‌ଫାୟାର୍ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଇସଲାମାବାଦ୍‌ରେ ଥିବା ବିଳାସମୟ ହୋଟେଲ ସେରେନା ହୋଟେଲ୍‌ରେ ଚାଲିଥିବା ଏହି ଆଲୋଚନାର ପ୍ରଥମ ପର୍ଯ୍ୟାୟ ପ୍ରାୟ ୨ ଘଣ୍ଟା ଧରି ଚାଲିଥିଲା। ବୈଠକରେ ଇରାନ୍ ଓ ଆମେରିକା ମଧ୍ୟରେ ସୁରକ୍ଷା, ରାଜନୀତି, ସେନା, ଅର୍ଥନୀତି ଏବଂ ଆଇନ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉଭୟ ଦେଶର ବିଶେଷଜ୍ଞମାନେ ଆଲୋଚନା କରିଛନ୍ତି। ଆମେରିକା ପକ୍ଷରୁ ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନ ପକ୍ଷରୁ ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏହି ଆଲୋଚନାର ନେତୃତ୍ୱ ନେଉଛନ୍ତି। ଅଲ୍ ଜଜିରା ରିପୋର୍ଟ ଅନୁଯାୟୀ, ଏହି ସମୟରେ ଇରାନ୍ ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛି।

ଦୀର୍ଘ ୪୭ ବର୍ଷ ପରେ (ଅର୍ଥାତ୍ ୧୯୭୯ ମସିହାର ଇରାନ ଇସଲାମିକ୍ ବିପ୍ଲବ ପରେ) ପ୍ରଥମ ଥର ପାଇଁ ଉଭୟ ଦେଶର ଉଚ୍ଚସ୍ତରୀୟ ନେତାମାନେ ମୁହାଁମୁହିଁ ବସି ଆଲୋଚନା କରିଛନ୍ତି। ତେବେ ଏହି ବୈଠକରେ ସାମିଲ ହେବା ପାଇଁ ଆମେରିକା ପକ୍ଷରୁ ଜେଡି ଭାନ୍ସ ଓ ତାଙ୍କ ଟିମ୍ ପ୍ରଥମେ ପାକିସ୍ତାନ ଅଭିମୁଖେ ବାହାରିଥିବା ବେଳେ ଇରାନ୍‌ର ପ୍ରତିନିଧିମାନେ କିନ୍ତୁ ଆସିବା ବିଳମ୍ବ କରିଥିଲେ। ଏହାଦ୍ୱାରା ବୈଠକରେ ଇରାନ୍ ସାମିଲ ହୋଇନପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। କିନ୍ତୁ ବିଳମ୍ବିତ ରାତ୍ରିରେ ଇରାନ୍ ପ୍ରତିନିଧିମଣ୍ଡଳୀ ପାକିସ୍ତାନରେ ପହଞ୍ଚିଥିଲେ। ଉଭୟ ଆମେରିକା ଏବଂ ଇରାନ୍ ପ୍ରତିନିଧି ଟିମ୍‌ଙ୍କୁ ବିମାନବନ୍ଦରରେ ପାକିସ୍ତାନର ସେନା ମୁଖ୍ୟ ଅସିମ୍ ମୁନିର, ଗୃହମନ୍ତ୍ରୀ ମୋହସିନ୍ ନକ୍‌ଭୀ ଏବଂ ବିଦେଶ ମନ୍ତ୍ରୀ ଇଶାକ୍ ଡାର୍ ▶▶ ୬

**ଲେବାନନ୍ ଉପରେ ଆକ୍ରମଣ ବନ୍ଦ କରିବାକୁ ଦାବି କଲା ତେହରାନ୍**

**ଯୁଦ୍ଧ ବିରତି ଆଲୋଚନା ବିଫଳ ହେବା ଆଶଙ୍କା**

**ହିଜବୁଲ୍ଲା ସହ କୌଣସି ଚୁକ୍ତି କରିବାକୁ ମନା କଲା ଇସ୍ରାଏଲ୍**

**୧୪ରେ ହେବାକୁ ଅଛି ଯୁଦ୍ଧ ବିରତି କଥାବାର୍ତ୍ତା**

## ବଢ଼ିଲା ମହାନଦୀ ଟ୍ରିବ୍ୟୁନାଲ୍ ଅବଧି

**ଭୁବନେଶ୍ୱର,୧୧।୪/ଏନ୍‌ଏନ୍‌ଏସ୍:**

**୨୦୨୭ ଜାନୁଆରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି**

**୨୦ରେ ପରବର୍ତ୍ତୀ ଶୁଣାଣି: ଏଜି**



ମହାନଦୀ ଜଳବିବାଦର ସମାଧାନ ପାଇଁ ଗଠିତ ମହାନଦୀ ଜଳ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ଆଉ ୯ମାସ ପାଇଁ ବୃଦ୍ଧି କରିଛନ୍ତି ।ଏନେଇ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ତାରିଖରେ ଧାର୍ଯ୍ୟ ହୋଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଅବଧି ଏପ୍ରିଲ ୧୪ରୁ ଆଉ ୯ମାସ ଅର୍ଥାତ୍ ୨୦୨୭ ଜାନୁଆରୀ ୧୩ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅବଧି ସୁଦ୍ଧା ଟ୍ରିବ୍ୟୁନାଲଙ୍କୁ ନିଜର ରିପୋର୍ଟ ଓ ନିଷ୍ପତ୍ତି ପ୍ରଦାନ କରିବାକୁ ହେବ। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦ ଯୋଗୁ ୨୦୧୮ ମସିହା ମାର୍ଚ୍ଚ ୧୨ ତାରିଖରେ ଏହି ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। କୋଭିଡ୍ ମହାମାରୀ ଓ ୨୦୨୪ ମାର୍ଚ୍ଚ ମାସରେ ଟ୍ରିବ୍ୟୁନାଲର ତତ୍କାଳୀନ ଅଧ୍ୟକ୍ଷ ଜଷ୍ଟିସ ଏଏମ. ଖାନୱିଲକରଙ୍କ ଇସ୍ତଫା ଯୋଗୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଆଉ ୯ମାସ ସମୟ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ତୃତୀୟଥର ପାଇଁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ପୂର୍ବରୁ ୨୦୨୧ ଓ ୨୦୨୩ ମସିହାରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବଢ଼ିଥିଲା।

ଅନ୍ୟପକ୍ଷରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ତାରିଖରେ ଧାର୍ଯ୍ୟ ହୋଇଛି। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ଓ ମାମଲାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଟ୍ରିବ୍ୟୁନାଲଙ୍କ ଅବଧି ଆସନ୍ତାକାଲି ଶେଷ ହେଉଥିବାବେଳେ କେନ୍ଦ୍ର ସରକାର ଏହାର କାର୍ଯ୍ୟକାଳକୁ ୨୦୨୭ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଆଜି ▶▶ ୬

**ଦିଲ୍ଲୀରୁ ଲମ୍ବିଛି ଚେର**

## ଓଡ଼ିଶାରେ ଆତଙ୍କୀ ନେଟ୍‌ୱର୍କ

**ଭୁବନେଶ୍ୱର,୧୧।୪/ଏନ୍‌ଏନ୍‌ଏସ୍:**

ଦିଲ୍ଲୀରୁ ଓଡ଼ିଶା। ଆତଙ୍କବାଦୀ କଳା ନେଟୱାର୍କର ଭୟଙ୍କର ଖୁଲାସା। ଦେଶ ବିରୋଧରେ ରଚାଯାଉଥିଲା ବଡ଼ ଧରଣର ଷଡ଼ଯନ୍ତ୍ର। ଦିଲ୍ଲୀରେ କିଛି ଯୁବକ ଗିରଫ ହେବା ପରେ ଏବେ ଖୋଲିବାରେ ଲାଗିଛି ଗୋଟିଏ ପରେ ଗୋଟିଏ ରହସ୍ୟ। ଆଉ ଏହି ଆତଙ୍କୀ ଲିଙ୍କର ସୂତ୍ର ଏବେ ଲମ୍ବିଛି ଓଡ଼ିଶାକୁ।

ଆତଙ୍କୀ ଲିଙ୍କରେ ସନ୍ଦିଗ୍ଧ ଗିରଫ। ଭୁବନେଶ୍ୱର କ୍ୟାପିଟାଲ୍ ଥାନା ଅଞ୍ଚଳରୁ ଇମରାନ୍ ନାମକ ଯୁବକଙ୍କୁ ଉଠାଇ ନେଇଛି ଦିଲ୍ଲୀ ପୁଲିସ୍। ଭୁବନେଶ୍ୱରରେ ଦିଲ୍ଲୀ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରିଥିଲା। ସୋସିଆଲ୍ ମିଡିଆରେ ଦେଶ ବିରୋଧୀ ପୋଷ୍ଟ, ପାକିସ୍ତାନ ସହ ଲିଙ୍କ୍ ଭଳି ବିଭିନ୍ନ ଅଭିଯୋଗ ଇମରାନଙ୍କ ନାଁରେ ଥିଲା। ଏନେଇ ତଦନ୍ତ କରିବା ପରେ ତାଙ୍କୁ ଗିରଫ କରିଛି ଦିଲ୍ଲୀ ପୁଲିସ୍।

ଭୁବନେଶ୍ୱରରେ ଜଣେ ସନ୍ଦିଗ୍ଧଙ୍କୁ ଦିଲ୍ଲୀ ପୁଲିସର ସ୍ପେଶାଲ୍ ସେଲ୍ ଗିରଫ ପରେ ବଢ଼ିଛି ଚର୍ଚ୍ଚା। ନାଁ- ଶେଖ ଇମ୍ରାନ। ବୟସ- ୨୨। ଘର- ୟୁନିଟ୍ ୬ ଗଙ୍ଗନଗର। ଆତଙ୍କବାଦ କାର୍ଯ୍ୟକଳାପ ଅଭିଯୋଗରେ ଶୁକ୍ରବାର ରାତି ଅଧିଆ ଚଢ଼ଉ କରି ତାଙ୍କୁ ଗିରଫ କରିଛି ଦିଲ୍ଲୀ ପୁଲିସ। ଏହି ଘରୁ ଉଠାଇ ନେଇଥିଲା। ପରେ ଟ୍ରାନଜିଟ୍ ରିମାଣ୍ଡରେ ଇମ୍ରାନଙ୍କୁ ନିଆଯାଇଛି ଦିଲ୍ଲୀ। ସେ ଇନ୍‌ଷ୍ଟାଗ୍ରାମରେ ଲସ୍କର-ଇ-ମେହେଦି'ର ଅନୁଗାମୀ ଥିଲା। ଏହା ମାଧ୍ୟମରେ ଆତଙ୍କୀ ସଂଗଠନ ଓ ଆତଙ୍କବାଦୀଙ୍କ ସହ ଲିଙ୍କରେ ଥିବା ସନ୍ଦେହ କରାଯାଉଛି। ଦେଶ ବିରୋଧୀ ସ୍ଲୋଗାନ୍, ଉତ୍ତେଜନାକାରୀ ମନ୍ତବ୍ୟ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଥିଲା। ଆତଙ୍କୀ ସଂଗଠନର ପ୍ରଚାର ଓ ପ୍ରସାର କରୁଥିବା ଅଭିଯୋଗ ରହିଛି ଇମ୍ରାନ୍ ନାଁରେ।

**ଆତଙ୍କୀ ଲିଙ୍କ୍‌ରେ ସନ୍ଦିଗ୍ଧ ଗିରଫ**

**ଟ୍ରାନ୍‌ଜିଟ୍ ରିମାଣ୍ଡରେ ନିଆଯାଇଛି ଦିଲ୍ଲୀ**

ଆତଙ୍କୀ ଲିଙ୍କରେ ଦିଲ୍ଲୀ ପୁଲିସ କିଛି ଯୁବକଙ୍କୁ ଧରିଥିଲା। ସେମାନଙ୍କୁ ଜେରା ପରେ ସାମନାକୁ ଆସିଥିଲା ଓଡ଼ିଶା ଓ ଇମ୍ରାନର ଲିଙ୍କ। ସେ ବେକାର ଥିଲା ଓ ମୌଳବାଦୀ ଗ୍ରୁପର ସକ୍ରିୟ ସଦସ୍ୟ ଭାବେ କାମ କରୁଥିଲା। କମିଶନରେଟ ପୁଲିସ ସହାୟତାରେ ଭୁବନେଶ୍ୱର ଗଙ୍ଗନଗରରେ ଇମ୍ରାନ ଘରେ ଦିଲ୍ଲୀ ପୁଲିସ ପଞ୍ଚା ମାରିଥିଲା। ଇମ୍ରାନର ସୋସିଆଲ୍ ମିଡିଆ ଆକାଉଣ୍ଟ ଯାଞ୍ଚ ବେଳେ ସେ ବିଭିନ୍ନ ହ୍ୱାଟସଆପ୍ ଗ୍ରୁପରେ ସାମିଲ ଥିଲା। ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଉତ୍ତେଜନାପୂର୍ଣ୍ଣ ଓ ବିବାଦୀୟ ତଥ୍ୟ ପ୍ରସାର କରୁଥିଲା। ତା'ର ମୋବାଇଲ୍ ଜବତ ସହ କଲ୍ ଡିଟେଲର ଯାଞ୍ଚ କରାଯାଉଛି। ମୋବାଇଲରୁ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିପାରେ।

### ବଦଳୁଛି ପଶ୍ଚିମ ଏସିଆ ପରିସ୍ଥିତି

# ଭାରତକୁ ଆସୁଛି ୨୦,୪୦୦ ମେଟ୍ରିକ୍ ଟନ୍ ଏଲ୍‌ପିଜି

**ନୂଆଦିଲ୍ଲୀ,୧୧।୪/ଏଜେନ୍ସି:**




ପଶ୍ଚିମ ଏସିଆର ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ବ୍ୟାପକ କୂଟନୀତିକ ଓ ବାଣିଜ୍ୟିକ ପଦକ୍ଷେପ ଜାରି ରହିଛି। ଭାରତ ଓ ଭାରତୀୟଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସକ୍ରିୟ ରହିଛନ୍ତି ଭାରତ ସରକାର। ଶକ୍ତି ଯୋଗାଣକୁ ନିରନ୍ତର ରକ୍ଷା କରିବା ସହ ସାମୁଦ୍ରିକ କାର୍ଯ୍ୟ ଏବଂ ସେହି ଅଞ୍ଚଳରେ ଥିବା ଭାରତୀୟ ନାଗରିକମାନଙ୍କୁ ସହାୟତା କରିବା ପାଇଁ ଭାରତର ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

ଶକ୍ତି ଯୋଗାଣକୁ ନିରନ୍ତର କରିବା ସହ ଜାଳେଣିର ସହଜ ଉପଲବ୍ଧି ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବ୍ୟାପକ ପଦକ୍ଷେପ ହାତକୁ ନେଇଛି। ହର୍ମୁଜ ପ୍ରଣାଳୀ ଦେଇ ଗ୍ୟାସ୍ ଓ ତୈଳ ବୋଝେଇ ଜାହାଜ କିପରି ଭାରତ ଆସିପାରିବ ସେଥିନେଇ କୂଟନୀତିକ ଆଲୋଚନା ସଫଳତା ହାସଲ କରୁଥିବା ସମୟରେ ଦେଶବାସୀଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି ସରକାର। ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଆତଙ୍କିତ ହୋଇ ନ କିଣିବାକୁ କୁହାଯାଇଛି। ଏ କ୍ଷେତ୍ରରେ ବାହାର ବା ଅସମର୍ଥିତ ସୂଚନାକୁ ଆଧାର ନ କରି କେବଳ କେବଳ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି। ଏହାରି ଭିତରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସାମୁଦ୍ରିକ ସୁରକ୍ଷା ଏବଂ ପରିବହନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଭାରତୀୟ ପତାକାଧାରୀ ଏଲପିଜି ଜାହାଜ 'ଜଗ ବିକ୍ରମ' ପ୍ରାୟ ୨୦,୪୦୦ ମେଟ୍ରିକ ଟନ୍ ଏଲପିଜି କାର୍ଗୋ ଧରି ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି। ଏହା ୧୫ ଏପ୍ରିଲ ୨୦୨୬ ସୁଦ୍ଧା ମୁମ୍ବାଇରେ ପହଞ୍ଚିବାର ସମ୍ଭାବନା ଅଛି।

**ସ୍ୱାଭାବିକ ରହିଛି ଦେଶରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ଯୋଗାଣ**

**୨୬,୦୦୦ରୁ ଅଧିକ ପିଏନ୍‌ଜି ଗ୍ରାହକ ଫେରାଇଲେ ଏଲ୍‌ପିଜି ସଂଯୋଗ**

ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକଙ୍କ ପାଖକୁ ନଯିବାକୁ ଅନୁରୋଧ କରାଯାଇଛି। ନାଗରିକମାନଙ୍କୁ ପିଏନଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକ୍ସନ କୁକ୍-ଟପ୍ ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ବର୍ତ୍ତମାନର ସ୍ଥିତିରେ ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଞ୍ଚୟ କରିବାକୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି।

ଚାଲିଥିବା ଭୂ-ରାଜନୈତିକ ସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନଜି ଯୋଗାଣ ସହିତ ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଥମିକତା ଦେଇଛନ୍ତି। ରିଫାଇନେରୀ ଉତ୍ପାଦନ ବୃଦ୍ଧି, ସହରାଞ୍ଚଳରେ ବୁକିଂ ବ୍ୟବଧାନ ୨୧ ରୁ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଯୋଗାଣ ପାଇଁ ପ୍ରାଥମିକତା କ୍ଷେତ୍ର ନିର୍ଦ୍ଧାରଣ

କରାଯାଇଛି। ଏଲପିଜି ଚାହିଦା ଉପରେ ଚାପ କମାଇବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଜାଳେଣି ଉପଲବ୍ଧ କରାଯାଇଛି। କ୍ଷୁଦ୍ର ଏବଂ ମଧ୍ୟମ ଉପଭୋକ୍ତାଙ୍କୁ ବିତରଣ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଯୋଗାଇବାକୁ କୋଇଲା ମନ୍ତ୍ରଣାଳୟ କୋଲ୍ ଇଣ୍ଡିଆ ଏବଂ ▶▶ ୬

## ବଢ଼ିଲା ଡିଜେଲ୍, ଏଟିଏଫ୍ ରପ୍ତାନୀ ଶୁଳ୍କ

**ନୂଆଦିଲ୍ଲୀ, ୧୧।୪/ଏଜେନ୍ସି:**

ଦେଶରେ ଘରୋଇ ଇନ୍ଧନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଶନିବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଡିଜେଲ, ଜେଟ୍ ବା ବିମାନ ଇନ୍ଧନ (ଏଟିଏଫ୍)ର ରପ୍ତାନୀ ଶୁଳ୍କକୁ ଅନୁମାନ ଠାରୁ ଅଧିକ ବୃଦ୍ଧି କରିଛନ୍ତି। ଏସମ୍ପର୍କରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଏଥିରେ ଡିଜେଲର ରପ୍ତାନି ଶୁଳ୍କକୁ ଦ୍ୱିଗୁଣରୁ ଅଧିକ ବୃଦ୍ଧି କରି ଲିଟର ପିଛା ୨୧.୫ ଟଙ୍କାରୁ ୫୫.୫୦ ଟଙ୍କା କରାଯାଇଛି, ଯେତେବେଳେ କି ଜେଟ୍ ଇନ୍ଧନ ରପ୍ତାନି ଉପରେ, ଲେଭିକୁ ତୁରନ୍ତ ପ୍ରଭାବରେ ୨୯.୫ ଟଙ୍କାରୁ ୪୨.୦୦ ଟଙ୍କା କରାଯାଉଥିବା ନେଇ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ସମୟରେ ସରକାର ପେଟ୍ରୋଲ ଉପରେ କିନ୍ତୁ ରପ୍ତାନୀ ଶୁଳ୍କକୁ ପୂର୍ବବତ୍ ଶୂନ୍ୟ (୦) ହିଁ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସୁତରାଂ ପେଟ୍ରୋଲ ରପ୍ତାନୀ କ୍ଷେତ୍ରରେ ରପ୍ତାନୀକାରୀ କମ୍ପାନୀଗୁଡ଼ିକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

**ଚିନ୍ତାରେ ରିଫାଇନର୍ସ ଓ ରପ୍ତାନିକାରୀ କମ୍ପାନୀ**

**ପେଟ୍ରୋଲ୍ ଶୁଳ୍କ ଶୂନ୍ୟରେ ଅପରିବର୍ତ୍ତିତ**

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ତୈଳ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ମଧ୍ୟରେ, ସରକାର ତୁରନ୍ତ ପ୍ରଭାବ ଅନ୍ତର୍ଗତ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଦେଶର ରିଫାଇନର୍ସମାନଙ୍କୁ ଇନ୍ଧନ ରପ୍ତାନୀ କରିବାରୁ ନିବୃତ୍ତ କରାଯାଇପାରିବ ଏବଂ ଘରୋଇ ବଜାରରେ ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରାଯାଇପାରିବ ବୋଲି ଅର୍ଥ ମନ୍ତ୍ରଣାଳୟ ଦର୍ଶାଇଛି। ତେବେ କେବଳ ଡିଜେଲ୍ ଓ ଏଟିଏଫ୍‌ର ରପ୍ତାନୀ ଶୁଳ୍କ ନୁହେଁ ବରଂ ଘରୋଇ ଇନ୍ଧନ ଟିକସରେ ମଧ୍ୟ ସରକାର ଏକ ବ୍ୟାପକ ସଂଶୋଧନ ▶▶ ୬

## ଫୁଲବାଣୀରେ ସ୍ଥାପିତ ହେବ ନିଯୁକ୍ତି-ପୂର୍ବ ତାଲିମ କେନ୍ଦ୍ର



**ଫୁଲବାଣୀ,୧୧।୪/ଏନ୍‌ଏନ୍‌ଏସ୍‌:** ଫୁଲବାଣୀ ଠାରେ ଏକ ନିଯୁକ୍ତି ପୂର୍ବ ତାଲିମ କେନ୍ଦ୍ର ସ୍ଥାପନ କରାଯିବ। ଏଠାରେ ସେନାବାହିନୀରେ ଯୋଗ ଦେବା ପାଇଁ ଆଗ୍ରହୀ ଯୁବକ ଯୁବତୀ ମାନଙ୍କୁ ତାଲିମ ପ୍ରଦାନ କରାଯିବ। ବିଶେଷ କରି ଆଦିବାସୀ, ଅନୁସୂଚିତ ଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହେବେ ବୋଲି ଜିଲ୍ଲା ଭୂତପୂର୍ବ ସୈନିକ ସଙ୍ଗଠନର ମୁଖ୍ୟ ପରାମର୍ଶଦାତା କର୍ଣ୍ଣେଲ ଶିଶିର କୁମାର ଘୋଷ ପ୍ରକାଶ କରିଛନ୍ତି। ଏହି କେନ୍ଦ୍ର ପାଇଁ ସରକାରୀ ମହାବିଦ୍ୟାଳୟ ନିକଟରେ ସ୍ଥାନ ଚିହ୍ନଟ କରାଯାଇଛି। ଗୁରୁବାର ଜିଲାପାଳ ବେଦଭୂଷଣ ଏହି ସ୍ଥାନ ପରିଦର୍ଶନ କରିବା ସହିତ ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, କର୍ଣ୍ଣେଲ ଘୋଷ ଏ ନେଇ ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଭୂତପୂର୍ବ ସୈନିକ ସଙ୍ଗଠନକୁ ନିର୍ଦ୍ଦେଶ ଦେଇଥିଲେ ସରକାର । ରିପୋର୍ଟ ଦାଖଲ ସ୍ଥାନ ଚିହ୍ନଟ ପାଇଁ ପ୍ରଶାସନକୁ କୁହାଯାଇଥିଲା। ଗୁରୁବାର ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଏବଂ ଅନ୍ୟ ଅଧିକାରୀ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଛନ୍ତି। କର୍ଣ୍ଣେଲ ଘୋଷ ପ୍ରକଳ୍ପ ସମ୍ପର୍କରେ ଅଧିକାରୀ ମାନଙ୍କୁ ଅବଗତ କରାଇବା ପରେ ଜିଲ୍ଲାପାଳ ଆବଶ୍ୟକୀୟ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ପ୍ରକଳ୍ପ ପାଇଁ ଏହି ସ୍ଥାନକୁ ପ୍ରସ୍ତୁତ କରାଯିବ ବୋଲି ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ବଢୁଛି ଅସନ୍ତୋଷ

**ବୁଗୁଡା,୧୧।୪/ଏନ୍‌ଏନ୍‌ଏସ୍‌:** ରାଜ୍ୟ ସରକାର ଚବିଶି ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଟାଟାର ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି। ମେଘ ଆସିଲେ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯିବା ଅଞ୍ଚଳବାସୀଙ୍କ ପାଇଁ ସାଧାରଣ ଘଟଣା ପାଲଟିଥିବା ବେଳେ ବିନା ମେଘ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତମାନ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଛି। ଏଭଳି ସ୍ଥିତିରେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଲୋକଙ୍କ ପାଇଁ ଚିନ୍ତାର କାରଣ ହେଉଛି। ଅନ୍ୟପକ୍ଷରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବୁଗୁଡା ସହରର ଅନେକ ସାହିରେ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଲୋକେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏଥି ସହ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଇନଭେଟର୍ ମଧ୍ୟ କାମ କରୁନଥିବାରୁ କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଅଘୋଷିତ ବିଦ୍ୟୁତ କାଟର କାରଣ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରୁନଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଆଗାମୀ ଦିନରେ ଜନ ଆନ୍ଦୋଳନ କରିବାକୁ ଜନସାଧାରଣ ସଜବାଜ ହେଉଥିବା ଜଣାପଡିଛି। ଲୋକେ ରାଜରାସ୍ତାକୁ ଓହ୍ଲାଇବା ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଦ୍ୟୁତ କାଟ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ଗୁରୁଣ୍ଟି ପଞ୍ଚାୟତରେ ତ୍ରି-ଦଣ୍ଡନାଚ ଆୟୋଜନ

**କୁକୁଡାଖଣ୍ଡି,୧୧।୪/ଏନ୍‌ଏନ୍‌ଏସ୍‌:** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁରୁଣ୍ଟି ପଞ୍ଚାୟତର ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଭକ୍ତିମୟ ପରିବେଶ ମଧ୍ୟରେ ମାନସିକ ତ୍ରି ଦଣ୍ଡନାଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁଣ୍ଟି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଏମ୍. ବିଶିକେଶନଙ୍କ ଦ୍ୱାରା ଆୟୋଜିତ ଦଣ୍ଡନାଚ ନିଜ ବାସଭବନରେ ଅନୁଷ୍ଠିତ ହୋଇଥିଲା। କୁକୁଡାଖଣ୍ଡି, ନୂଆ ରାମଚନ୍ଦ୍ରପୁର ଓ ଗୁରୁଣ୍ଟି ଗ୍ରାମର ତିନି କାଳୀ ମାଁ ବିଶିକେଶନଙ୍କ ବାସଭବନରେ ବିରାଜମାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମଧ୍ୟାହ୍ନ ସମୟରେ ମାନସିକଧାରୀ ଦଣ୍ଡୁଆମାନଙ୍କ ଦ୍ୱାରା ଧୂଳି ଦଣ୍ଡ ପରିବେଷଣ ହୋଇଥିଲା। ଭକ୍ତମାନେ ଭକ୍ତିଭାବରେ ଏହି ପାରମ୍ପରିକ ଦୃଶ୍ୟକୁ ଉପଭୋଗ କରିଥିଲେ। ରାତିରେ ଅଗ୍ନି ଦଣ୍ଡ ଦେଖିବାକୁ ଭକ୍ତମାନଙ୍କ ଭିଡ଼ ଜମିଥିଲା। ତିନୋଟି ଦଣ୍ଡ ପରିବେଶ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ରାତିରେ ସାମାଜିକ ନାଟକ ପରିବେଷଣ ହୋଇଥିଲା। ଗ୍ରାମବାସୀ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନେ ବିପୁଳ ସଂଖ୍ୟାରେ ଯୋଗଦେଇଥିଲେ। ସମଗ୍ର ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ବହୁ ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମାଁଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଅଞ୍ଚଳର ଯୁବ ଗୋଷ୍ଠୀ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହୋଇ ସୁଚାରୁ ଭାବେ ପରିଚାଳନା କରିଥିଲେ।



### ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶା ପ୍ରତି ରେଳ ବିଭାଗର ଅବହେଳାକୁ ବିରୋଧ

# ନୂଆଦିଲ୍ଲୀ ରେଳ ଭବନ, ଯନ୍ତର-ମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ

**ବ୍ରହ୍ମପୁର,୧୧।୪/ଏନ୍‌ଏନ୍‌ଏସ୍‌:** ବ୍ରହ୍ମପୁର ଓ ଦକ୍ଷିଣ ଓଡିଶା ପ୍ରତି ରେଳ ବିଭାଗର କ୍ରମାଗତ ଅବହେଳା ପ୍ରଦର୍ଶନ ଜାରି ରହିଛି। ରେଳ ଭିତ୍ତିଭୂମିର ବିକାଶ ପ୍ରତି ଅଣଦେଖା ପ୍ରତିବାଦରେ ଆଜି ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୂଆଦିଲ୍ଲୀ ରେଳ ଭବନ ଓ ଯନ୍ତର-ମନ୍ତର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ନୂଆଦିଲ୍ଲୀ ସ୍ଥିତ ରେଳୱେ ବୋର୍ଡ ଚେୟାରମେନଙ୍କ କାର୍ଯ୍ୟାଳୟରେ କମିଟିର ସଦସ୍ୟମାନେ ଦାବି ପତ୍ର ପ୍ରଦାନ କରିଥିଲେ। ବ୍ରହ୍ମପୁର ଓ ଦକ୍ଷିଣ ଓଡିଶାର ରେଳ ଭିତ୍ତିଭୂମି ବିକାଶ ନେଇ ହୋଇ ଆସୁଥିବା ଦୀର୍ଘବର୍ଷର ଦାବିକୁ କେନ୍ଦ୍ର ରେଳ ବିଭାଗ କର୍ଣ୍ଣପାତ କରୁନାହିଁ। ଗୋଟିଏ ଇଞ୍ଚ ରେଳପଥ ମଧ୍ୟ ନିର୍ମାଣ ହୋଇପାରିଲାନାହିଁ। କେବଳ ବାରମ୍ବାର ସର୍ଭେରେ ସୀମିତ ରହିଛି ରେଳ ବିକାଶ କାର୍ଯ୍ୟ। ବିଶେଷ କରି ତିନୋଟି ରେଳପଥ ନିର୍ମାଣ କାର୍ଯ୍ୟରେ ଜାଣିଶୁଣି ଅବହେଳା ପ୍ରଦର୍ଶନ କରାଯାଉଥିବା ନେଇ ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଗୋପାଳପୁର (ବ୍ରହ୍ମପୁର)- ରେଢ଼ାଖୋଲ (ସମ୍ବଲପୁର ), ଗୋପାଳପୁର- ସିଙ୍ଗାପୁର ରୋଡ (ରାୟଗଡା), ଗୋପାଳପୁର- ତାଳଚେର ରେଳପଥ ଭାୟା ତାରାତାରିଣୀ ଶକ୍ତିପୀଠ ନିର୍ମାଣକୁ ଜାଣିଶୁଣି ଅବହେଳା କରାଯାଉଛି। ବାରମ୍ବାର ସର୍ଭେ କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ ତଥା ଆର୍ଥିକ ଅନୁମୋଦନ କରାଯାଉନାହିଁ। ଫଳରେ ଦକ୍ଷିଣ ଓଡିଶା ସହ ପଶ୍ଚିମ ଓଡିଶାକୁ ସିଧାସଳଖ ଯୋଗାଯୋଗ ଓ ସାମାଜିକ ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହେଉଛି। ଏଥିସହ ରାଜ୍ୟର ପୁରାତନ ବ୍ରହ୍ମପୁର ରେଳ ଷ୍ଟେସନ ଅମୃତ ଭାରତ ରେଳ ଷ୍ଟେସନ ମାନ୍ୟତା ପାଇଥିଲେ ମଧ୍ୟ ଅନ୍ୟ ଷ୍ଟେସନଗୁଡିକ ଭଳି ଆବଶ୍ୟକ ଆର୍ଥିକ ଅନୁଦାନ ମିଳୁନଥିବାରୁ ବିକାଶ କାର୍ଯ୍ୟ ଆଣ୍ଟେଇଥିବା ଅଭିଯୋଗ ହୋଇଛି। ଓଡ଼ିଶାର ତିନି ଗୋଟି ଏନ୍‌ଏସ୍‌ଜି-୨ ଷ୍ଟେସନ ଭିତରେ ଭୁବନେଶ୍ୱର, ପୁରୀ ଏବଂ ବ୍ରହ୍ମପୁର ରହିଛି। ବ୍ରହ୍ମପୁରର ଆୟ ବାର୍ଷିକ ୧୦୦ କୋଟିରୁ ଉର୍ଦ୍ଧ ରହିଥିବାବେଳେ ଯାତ୍ରୀ ସଂଖ୍ୟା ବାର୍ଷିକ ହାରାହାରି ୭୨ ଲକ୍ଷରୁ ଅଧିକା ରହିଛି। ଭୁବନେଶ୍ୱର ଓ ପୁରୀର ବିକାଶ ପାଇଁ ୪୦୦ ଓ ୩୦୦ କୋଟି ଦିଆଯାଇ ଥିବାବେଳେ ଓଡ଼ିଶାର ୫ ନମ୍ବର ଷ୍ଟେସନ କଟକର ଓ ୮ ନମ୍ବର ସମ୍ବଲପୁରର ବିକାଶ ପାଇଁ ୩୫୦ ଓ ୩୦୦ କୋଟିରୁ ଅଧିକା ଅର୍ଥ ଦିଆଯାଇଛି। କିନ୍ତୁ ବ୍ରହ୍ମପୁର ଷ୍ଟେସନର ଆନୁସଙ୍ଗିକ ବିକାଶ ପାଇଁ ମାତ୍ର ୯୩.୧୯ କୋଟି ଦିଆଯିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି କମିଟିର କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି। ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ବରିଷ୍ଠ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିକ୍ଷୋଭରେ ଓଡିଶା ଡେଭେଲପମେଣ୍ଟ ଫୋରମର ପ୍ରୀତିଶ ପାଣିଗ୍ରାହୀ, ତପେଶ ପ୍ରଧାନ, କୃଷ୍ଣ ଚନ୍ଦ୍ର ସାହୁ, ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ବେଲଗୁଣ୍ଠା ବାଣିଜ୍ୟ ସଂଘର ବରିଷ୍ଠ କାର୍ଯ୍ୟକର୍ତା ଡ଼. ନାଗେଶ୍ୱର ପାତ୍ର, ମିଟୁ ସିଂ, ମନୋଜ. ଜେ, ଶିବନନ୍ଦ ଦାନୀ, ରାନ୍ଧିର ଦେବ, ଜପେଶ ଜୈନ, କଲୁ ରାମ, ବିନୀତ କୁମାର ଦେବ, ରାକେଶ କୁମାର, ଦିଗମ୍ବର, ମୀରା ସିଂ, ପ୍ରଭୁନାଥ ସିଂ ଯାଦବ, ଦିଲୀପ କୁମାର ପଣ୍ଡା, ତପେଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**ବ୍ରହ୍ମପୁର,୧୧।୪/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ବିଗତ ୫ ଦିନ ବ୍ୟାପୀ ବ୍ରହ୍ମପୁର ସହରର ରେଶମ ସହର ମହୋତ୍ସବରେ ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍‌ଯାପିତ ହୋଇଛି। ଏହି ମେଳାର ଷ୍ଟଲ ଗୁଡ଼ିକୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମର କମିଶନର, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ, ବ୍ରହ୍ମପୁର ଉପଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀ ଡ. ଅଜୟ କୁମାର କର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଆୟୋଜିତ ହୋଇଥିଲା । ଏହି ମେଳାରେ ୪୦ ଗୋଟି ଷ୍ଟଲ ମାଧ୍ୟମରେ ବିଭିନ୍ନ କୃଷି ଯନ୍ତ୍ରପାତିର ଡିଲର ମାନଙ୍କ ଦ୍ୱାରା ଅନେକ ଅତ୍ୟାଧୁନିକ କ୍ଷୁଦ୍ର ଏବଂ ବୃହତ୍ କୃଷି ଯନ୍ତ୍ରପାତି ଓ ୧୦ ଗୋଟି ଷ୍ଟଲରେ କୃଷି ଓ ଆନୁସଙ୍ଗିକ ବିଭାଗ ଦ୍ୱାରା ବିଭାଗୀୟ ଯୋଜନା ଓ କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରାଯାଇଥିଲା । ପ୍ରଥମ ଦିନରେ ପାତ୍ରପୁର, ଚିକିଟି, ବୁଗୁଡ଼ା, ଜଗନ୍ନାଥପ୍ରସାଦ ଓ ବେଗୁନିଆପଡ଼ା ବ୍ଲକର ୪୦୦ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଦେବବ୍ରତ ପାଣିଗ୍ରାହୀ ଓ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୁଜିତ୍ କୁମାର ନାଥ, କୃଷି ପାଠ୍ୟକ୍ରମ ଆଲୋଚନା ଚକ୍ରରେ ଭାଗ ନେଇ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଚାଷୀ ଭାଇ ଓ ଭଉଣୀ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀଙ୍କୁ କୃଷି ଅଧିକାରୀମାନେ ଚାଷ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ସଚେତନ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଭିନ୍ନ ବ୍ଲକର ୪୦୦ ଚାଷୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ପ୍ରାକୃତିକ ଓ ଜୈବିକ କୃଷି ସହ କୃଷି ଉଦ୍ୟୋଗୀକରଣ ଦ୍ୱାରା କୃଷି ଓ କୃଷକଙ୍କ ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକର ଅଗ୍ରଣୀ ଚାଷୀ ଭାଇ ଭଉଣୀମାନଙ୍କୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା। ସହକାରୀ କୃଷି ଯନ୍ତ୍ରୀ ପ୍ରମିତ୍ କୁମାର ସାହୁ ଏବଂ ଶ୍ରେୟାଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଯାନ୍ତ୍ରିକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ. ଅଜୟ କୁମାର କରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓ ଆନୁସଙ୍ଗିକ ବିଭାଗର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




## ସଂଖ୍ୟା ଜ୍ୟୋତିଷ ବିଶାରଦ ଅଙ୍କିତା ରାଜ ନୂଆଦିଲ୍ଲୀରେ ସମ୍ମାନିତ



**ବ୍ରହ୍ମପୁର,୧୧।୪/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ହିଲ୍‌ପାଟଣା ଅଞ୍ଚଳର ସଂଖ୍ୟା ଜ୍ୟୋତିଷ ବିଶାରଦ ଅଙ୍କିତା ରାଜ୍ ନୂଆଦିଲ୍ଲୀରେ ଆୟୋଜିତ ଭବ୍ୟ "ଆଷ୍ଟ୍ରୋ ସେମିନାର ଏବଂ ଷ୍ଟାର୍ ଆଚିଭର୍ ଆୱାର୍ଡ (ସିଜନ-୧୮)" ଅବସରରେ 'ଭିଆଇପି ମୁଖ୍ୟ ଅତିଥି' ଭାବେ ସମ୍ମାନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ୨୮ ମାର୍ଚ୍ଚ ୨୦୨୬ରେ ଆୟୋଜିତ ହୋଇଥିଲା। ଉଲ୍ଲେଖନୀୟ ଯେ, ସେ ଏହି ପ୍ରତିଷ୍ଠିତ ମଞ୍ଚରେ ଏକମାତ୍ର ଓଡ଼ିଆ ପ୍ରତିନିଧି ଭାବେ ଯୋଗ ଦେଇଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବଲିଉଡର ପ୍ରସିଦ୍ଧ ଖଳନାୟକ ଗୁଲସନ୍ ଗ୍ରୋଭର, ଅଭିନେତ୍ରୀ ସୁଧା ଚନ୍ଦ୍ରନ୍, ଜନପ୍ରିୟ ଗାୟିକା ଶିବାନୀ କଶ୍ୟପ ଏବଂ ବିଶିଷ୍ଟ ଜ୍ୟୋତିଷୀ ଜି.ଡି. ବଶିଷ୍ଠଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନ ଜଣାଯାଇଥିଲା। ପ୍ରସିଦ୍ଧ 'ଟାରୋଟ୍ କୁଇନ୍' ମିନୁ ଶର୍ମାଙ୍କ ଆୟୋଜନରେ ହୋଇଥିବା ଏହି ସେମିନାରରେ ଅଙ୍କିତା ସଂଖ୍ୟା ଜ୍ୟୋତିଷ ଓ ଘଡ଼ି ବିଶ୍ଳେଷଣ ମାଧ୍ୟମରେ ମଣିଷ ଜୀବନରେ ସକାରାତ୍ମକ ପରିବର୍ତ୍ତନ କିପରି ଆଣିହେବ, ସେଥିରେ ଗଭୀର ଆଲୋଚନା କରିଥିଲେ। ଅଙ୍କିତା ରାଜ୍ ବୃତ୍ତିରେ କୃଷି ବିଭାଗର କର୍ମଚାରୀ ହେଉଥିବା ସତ୍ତ୍ୱେ, ନିଜ ପ୍ରତିଭା ଓ ଆଗ୍ରହ ଦ୍ୱାରା ସେ ଜଣେ ସମାଜସେବୀ, ପ୍ରସିଦ୍ଧ ସଂଖ୍ୟା ଜ୍ୟୋତିଷୀ, ଆଡଭାନ୍ସ ନାମ ସଂଶୋଧନ ବିଶେଷଜ୍ଞ ଓ ବିଜନେସ୍ ନ୍ୟୁମେରୋଲୋଜି ପରାମର୍ଶଦାତା ଭାବେ ପରିଚିତ ହୋଇପାରିଛନ୍ତି। ବର୍ତ୍ତମାନ ସେ ସଂଖ୍ୟା ଜ୍ୟୋତିଷରେ ପିଏଚ୍‌ଡି କରୁଛନ୍ତି। ଏହା ସହ ସେ ବାସ୍ତୁ ଉର୍ଜା ବିଶେଷଜ୍ଞ ଓ ଘଡ଼ି ବିଶ୍ଳେଷକ ଭାବେ ମଧ୍ୟ ଖ୍ୟାତି ଅର୍ଜନ କରିଛନ୍ତି। ନିଜ ସଫଳତା ପାଇଁ ସେ ନିଜ ପିତା ପ୍ରଦୀପ୍ତ କୁମାର ରଥ (ଅବସରପ୍ରାପ୍ତ କଲେଜ ପ୍ରିନ୍ସିପାଲ୍), ମାତା ବିଷ୍ଣୁପ୍ରିୟା ଦେବୀ (ଅବସରପ୍ରାପ୍ତ ହାଇସ୍କୁଲ୍ ଶିକ୍ଷୟିତ୍ରୀ), ଗୁରୁଜନ, ଓ ଗୋସେବାଗ୍ରାହୀମାନଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଲୋକଙ୍କ ଭଲପାଇବା ଓ ବିଶ୍ୱାସ ମୋତେ ଏହି ସ୍ଥାନକୁ ଆଣିଛି ବୋଲି କହିଛନ୍ତି । ଆଗାମୀ ଦିନରେ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହିତ ସେମାନଙ୍କୁ ଆଧ୍ୟାତ୍ମିକ ପଥରେ ଆଗେଇ ନେବା ମୋର ଲକ୍ଷ୍ୟ, ବୋଲି ଅଙ୍କିତା କହିଛନ୍ତି। ଅଙ୍କିତା ରାଜଙ୍କ ଏହି ସଫଳତା ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।

## ମା' ରତ୍ନମାଳୀ ଉଚ୍ଚ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ବଣ୍ଟନ ମେଳା

**ଆସିକା,୧୧।୪/ଏନ୍‌ଏନ୍‌ଏସ୍‌:** ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମ ପଞ୍ଚାୟତର ମଣ୍ଡାପଡା ଗ୍ରାମରେ ଥିବା ମା ରତ୍ନମାଳୀ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ନାମ ଲେଖାଇଥିବା ୬୮ ଜଣ ବିଦ୍ୟାର୍ଥୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ସାହିତ୍ୟ, ଇଂରାଜୀ, ହିନ୍ଦୀ/ସଂସ୍କୃତ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ ପୁସ୍ତକ ପାଇଁ ବିଦ୍ୟାର୍ଥୀ ଖୁସି ଥିବା ଜଣାପଡିଛି। ମା ରତ୍ନମାଳୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଅବସରରେ ଅନୁଷ୍ଠିତ ମାଗଣା ପାଠ୍ୟପୁସ୍ତକ ବଣ୍ଟନ ମେଳାରେ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ତାରା ପ୍ରସାଦ ମିଶ୍ର, ସହକାରୀ ଶିକ୍ଷକ ବି.ଚନ୍ଦ୍ରଶେଖର ରେଡି, ରଶ୍ମିତା ମହାପାତ୍ର, ଗୋବିନ୍ଦ ପରିଡା, ଶଶୀଭୂଷଣ ସାହୁ, ପାଣ୍ଡବେଶ୍ୱର ଜେନା, ପାଣ୍ଡବ ଗୌଡ ଯୋଗଦେଇ ନବାଗତ ଦଶମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ପାଠପଢା ପ୍ରତି ଉତ୍ସାହିତ କରିଥିଲେ। ଆଗାମୀ ମାଟ୍ରିକ ପରୀକ୍ଷାରେ ଭଲ ଫଳ ରଖିବା ପାଇଁ ଏବେଠୁ ପ୍ରସ୍ତୁତି ଜାରି ରଖିବା ସହ ପିତାମାତା ଓ ଶିକ୍ଷାନୁଷ୍ଠାନର ଅତୀତ ଗୌରବକୁ ଉଜ୍ଜିବୀତ କରିବାକୁ ପରାମର୍ଶ ଦେଇଥିଲେ। ପାଠ୍ୟପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାନୁଷ୍ଠାନର କର୍ମଚାରୀ ମହନ୍ତର ସାହୁ, ବୁଲୁ ସେଠୀ, ଶନି ଜେନା ପ୍ରମୁଖ ସହଯୋଗ କରିଥିଲେ।



## ପଣା ବାଣ୍ଟିଲେ ଜାଭିୟର୍ସ ହାଇସ୍କୁଲ୍ ସ୍କାଉଟ୍ସ, ଗାଇଡ୍ସ ବିଦ୍ୟାର୍ଥୀ




**ବ୍ରହ୍ମପୁର,୧୧।୪/ଏନ୍‌ଏନ୍‌ଏସ୍‌:** ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ମିନାକ୍ଷୀ ନଗରସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନଙ୍କ ତରଫରୁ ପଣା ବଣ୍ଟନ କରଯାଇଥିଲା । ଛାତ୍ରଛାତ୍ରୀମାନେ ହିଲପାଟଣା ସ୍ଥିତ ସିଦ୍ଧ ହନୁମାନ ମନ୍ଦିର ସମ୍ମୁଖ ରାସ୍ତାରେ ବାଟୋଇମାନଙ୍କୁ ରୌଦ୍ରତାପରୁ କିପରି ନିଜକୁ ସୁରକ୍ଷା କରିବେ, ସେଥିନେଇ ସଚେତନତା ସୃଷ୍ଟି ସହ ପଣା ବଣ୍ଟନ କରିଥିଲେ। ଛାତ୍ରଛାତ୍ରୀମାନେ ପଣା ସହ ବିଭିନ୍ନ ଫଳ ମୂଳ ବଣ୍ଟନ କରି ସଚେତନତା କରିଥିଲେ। ଗାଇଡ୍ ଶିକ୍ଷୟିତ୍ରୀ ରଶ୍ମିତା ଦଳେଇ ଓ ଶିକ୍ଷକ ଅଭିଳାଶ ଶିଳା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଏପରି ମହତ୍ ଆଉ ସେବାମୁଳକ କାର୍ଯ୍ୟ ଲାଗି ସ୍କୁଲ ଅଧ୍ୟକ୍ଷ କାହ୍ନୁ ଚରଣ ପଣ୍ଡା, ନିର୍ଦ୍ଦେଶକ କୁନାଲ୍ କୌଶିକ ପଣ୍ଡା, ରାହୁଲ୍ ରାଜ ପଣ୍ଡା ସଭିଙ୍କୁ ସାଧୁବାଦ୍ ଜଣାଇଥିଲେ।

### ବାବନପୁର ଗ୍ରାମରେ ପଞ୍ଚୁଦଣ୍ଡ ମହାମିଳନ

# 'କଳାରୁଦ୍ରମଣିଙ୍କୁ ଭଜ ହେ' ଧ୍ୱନିରେ ଗ୍ରାମ୍ୟ ପରିବେଶ ପ୍ରକମ୍ପିତ

**ଆସିକା,୧୧।୪/ଏନ୍‌ଏନ୍‌ଏସ୍‌:** ଆସିକା ବ୍ଲକ ଅଧିନସ୍ଥ ବାବନପୁର ଗ୍ରାମ ବଡଦାଣ୍ଡ ସାହିରେ ଆଜି ପଞ୍ଚୁଦଣ୍ଡ ମହାମିଳନ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଯାଇଛି । ବାବନପୁର, ବଡଖୋଲି, ଖାରିଆ, ଗୋବିନ୍ଦପୁର, ମରେଇପଲ୍ଲୀ ଗ୍ରାମ ଦଣ୍ଡଦଳଙ୍କ ଅପୂର୍ବ ମହାମିଳନ ଦେଖିବାକୁ ବାବନପୁର ଗ୍ରାମରେ ଶହଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା । ବାବନପୁର ଗ୍ରାମ ବଡଦାଣ୍ଡ ସାହିର ମାନସିକଧାରୀ ଭକ୍ତ ତ୍ରିବେଣୀ ଚରଣ ନାୟକ ଓ ବିକ୍ରମ ନାୟକ ଏବଂ ନିଳାଞ୍ଚଳ ନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନ ଓ ସମସ୍ତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଏହି ପଞ୍ଚୁଦଣ୍ଡ ମହାମିଳନ ଯାତ୍ରା ଆୟୋଜିତ ହୋଇଥିଲା। ବାବନପୁର ଗ୍ରାମକୁ ମହମାୟୀ ମା' କାଳୀ, ଦେବଦେବ ମହାଦେବ ଓ ମା' ପାର୍ବତୀଙ୍କ ଆଗମନ ହୋଇଥିବାରୁ ସମସ୍ତ ଗ୍ରାମବାସୀ ଭାବବିହ୍ୱଳ ହୋଇଥିଲେ। ପୂର୍ବାହ୍ନରେ ମାନସିକଧାରୀ ଭକ୍ତ ତ୍ରିବେଣୀ ଚରଣ ନାୟକ ଓ ବିକ୍ରମ ନାୟକ ଏବଂ ନିଳାଞ୍ଚଳ ନାୟକଙ୍କ ପରିବାରବର୍ଗ ଓ ଗ୍ରାମର ଆଧ୍ୟାତ୍ମିକପ୍ରେମୀ ପୁରୁଷ ଓ ମହିଳାମାନେ ଆଦର୍ଶ ଶିଶୁମନ୍ଦିର ନିକଟରେ ବିଧିବିଧାନ ଅନୁଯାୟୀ ଦଣ୍ଡଦଳମାନଙ୍କୁ ଗ୍ରାମକୁ ଆମନ୍ତ୍ରଣ କରିଥିଲେ। ଦଣ୍ଡୁଆମାନେ ମହାଦେବଙ୍କୁ ଖଟୁଲି, ମହାମାୟୀ କାଳୀଙ୍କୁ କାନ୍ଧରେ ଓ ମୁଣ୍ଡରେ ଚମ୍ପାବରକୁ ଧରି ବିରାଟ ଶୋଭାଯାତ୍ରାରେ ସଂପୂର୍ଣ୍ଣ ବାବନପୁର ଗ୍ରାମ ପରିକ୍ରମା କରିଥିଲେ। ଅପରାହ୍ନରେ ବିଭିନ୍ନ ଦଣ୍ଡଦଳର ମାନସିକଧାରୀ ଦଣ୍ଡୁଆମାନେ ବଡଦାଣ୍ଡ ସାହି, ରଘୁନାଥନଗର, ଆଦର୍ଶ ଶିଶୁମନ୍ଦିର ଛକ, କୁମ୍ଭାରସାହି, ପାଟଣା ସାହିରେ ପ୍ରଚଣ୍ଡ ଖରାରେ ଧୂଳି ଦଣ୍ଡ ଓ ଗ୍ରାମର ହନୁମାନ ମନ୍ଦିର ନିକଟସ୍ଥ ନୁଆଁ ପୋଖରୀରେ ପାଣି ଦଣ୍ଡ ସଂପନ୍ନ କରିଥିଲେ। ପରେ ବଡଦାଣ୍ଡ ସାହିରେ ପାଞ୍ଚ ଦଣ୍ଡର ଦଳର ମହାମିଳନ ପର୍ବ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ହୁଳହୁଳି ଧ୍ୱନୀରେ ସମଗ୍ର ବଡଦାଣ୍ଡ ସାହି ପ୍ରକମ୍ପିତ ହୋଇଥିଲା। ମଧ୍ୟରାତ୍ରରେ ଅଗ୍ନିଦଣ୍ଡ ସମ୍ପନ୍ନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପଞ୍ଚୁଦଣ୍ଡ ପରିଚାଳନାରେ ଶ୍ରଦ୍ଧାଳୁ ଭକ୍ତ ଅନିଲ୍ କୁମାର ନାୟକ, ସୁନିଲ୍ କୁମାର ନାୟକ, ରନିଲ୍ କୁମାର ନାୟକ, ପ୍ରଦୀପ କୁମାର ନାୟକ, ସଂଜୟ କୁମାର ନାୟକ, ସନ୍ତୋଷ କୁମାର ଜେନା, ଜଗନ୍ନାଥ ପଟ୍ଟନାୟକ, ସୁଦାମ ପଟ୍ଟ ନାୟକ, ଶିବରାମ ଗୌଡ, ମାନସ ରଂଜନ ଗୌଡ, ବାବୁରାମ ଜେନା, ବିଜୟ କୁମାର ନାୟକ, ଦୁର୍ଗାପ୍ରସାଦ ଜେନା, ସୀତାରାମ ନାୟକ, ସୁଶାନ୍ତ କୁମାର ନାୟକ, କୈଳାଶ ବାଡତ୍ୟା, ଦିଲୀପ କୁମାର ନାୟକ, ଗଗନ ବିହାରୀ ନାୟକ, କୈଳାଶ ନାୟକ, ରଙ୍କନିଧି ଗନ୍ତାୟତ, ରଂଜନ ପାଢୀ, ଜିତୁ ଗୌଡ, ହରି ଜେନା, ବାବୁ ମୁନି, ରାଜୁ ଗୌଡ, ଚିତ୍ରସେନ ନାୟକ, ସନାତନ ଜେନା, ଶ୍ୟାମ ବେହେରା, ବିଜୟ କୁମାର ରାଉତ, ହାଡୁ ସେଠୀ, ଟୁକୁନା ଖଣ୍ଡୁଆଳ, କାଳୀ ଦାଶ, ରାମ ଜେନା, ମିଟୁ ନାୟକ,ସନ୍ତୋଷ କୁମାର ନାୟକ, ବିଜୟ କୁମାର ନାୟକ, ସୁଦର୍ଶନ ଜେନା, ସତ୍ୟ ନାରାୟଣ ସାମନ୍ତରା, ସନାତନ ନାୟକ, ନିଖିଳ ନାୟକ, ସୀତାରାମ ନାୟକ, ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀ ନାରାୟଣ ନାୟକ, ବାବୁ ସାହୁ, ମଙ୍ଗୁଲୁ ଗୌଡ, ରଙ୍କନିଧି ଗନ୍ତାୟତ, ଧନୁର୍ଦ୍ଧର ମୁନି, ରଘୁନାଥ ସାହୁ, ଫଣୀଭୂଷଣ ନାୟକ, ସିମାଂଚଳ ପାତ୍ର, ମନୋଜ କୁମାର ନାୟକ, ବୁଲୁ ନାୟକଙ୍କ ସମେତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।



## କ୍ରେତା-ବିକ୍ରେତା ସମ୍ମିଳନୀ

**ଫୁଲବାଣୀ,୧୧।୪/ଏନ୍‌ଏନ୍‌ଏସ୍‌:** ଫୁଲବାଣୀସ୍ଥିତ ପଞ୍ଚାୟତ ଭବନରେ କନ୍ଧମାଳ ଜିଲ୍ଲାର ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ଓରମାସ, ଉଦ୍ୟାନ କୃଷି ବିଭାଗ ଏବଂ ହର୍ଷା ଟ୍ରଷ୍ଟ ଦ୍ୱାରା ଏକ କ୍ରେତା-ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୋଟ ୧୫୦ ଜଣ ପ୍ରତିଭାଗୀ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ୨୦ ଜଣ କ୍ରେତା ଏବଂ ପିଜି, ଏଫପିଓ ଏବଂ ପ୍ରଡ୍ୟୁସର କମ୍ପାନୀରୁ ୧୩୦ ଜଣ ସଦସ୍ୟ ଏବଂ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବ୍ୟବସାୟିକ ଆଦାନପ୍ରଦାନକୁ ସୁଗମ କରିବା ପାଇଁ, ଏକ ଉତ୍ପାଦ ଗ୍ୟାଲେରୀର ବ୍ୟବସ୍ଥା କରାଯାଇଥିଲା ଯେଉଁଥିରେ ଅଣ-କାଠ ବନଜାତ ଦ୍ରବ୍ୟ, ଖାଦ୍ୟ ସାମଗ୍ରୀ, ମସଲା ଏବଂ ପନିପରିବା ପ୍ରଦର୍ଶିତ କରାଯାଇଥିଲା । ଏଥିରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ମଧ୍ୟ ବ୍ୟବସ୍ଥା ଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ସ୍ଥାନୀୟ ଉତ୍ପାଦକମାନଙ୍କୁ ସମ୍ଭାବ୍ୟ କ୍ରେତାମାନଙ୍କ ସହିତ ସିଧାସଳଖ ଯୋଡ଼ିବା, ଯାହାଦ୍ୱାରା ଜିଲ୍ଲାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ଏହାର ଅନନ୍ୟ ଉତ୍ପାଦଗୁଡ଼ିକୁ ଲୋକଲୋଚନକୁ ଆଣିବା। ଅଧିବେଶନ ସମୟରେ, ବ୍ୟବସାୟୀମାନେ ସେମାନେ କାରବାର କରୁଥିବା ଉତ୍ପାଦଗୁଡ଼ିକର ତାଲିକା, ସ୍ପେସିଫିକେସନ ଏବଂ ସଂଗ୍ରହ ସମୟସୀମା ଉପସ୍ଥାପନ କରିଥିଲେ। ସେମାନେ ରପ୍ତାନି ବ୍ୟବସ୍ଥା ଏବଂ ବଜାର ସଂଯୋଗୀକରଣ ଉପରେ ମଧ୍ୟ ସୂଚନା ଦେଇଥିଲେ। ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ, ଓରାମସ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ହର୍ଷା ଟ୍ରଷ୍ଟର ରାଜ୍ୟ ନିର୍ଦ୍ଦେଶକଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

## ଉଦ୍‌ଘାଟିତ ହେଲା ଲଙ୍ଗଳକଣ୍ଟି ଅଣ୍ଡରପାସ୍



**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** କେନ୍ଦୁଝରର ଲଙ୍ଗଳାକାଣ୍ଟି ଠାରେ ନୂତନ ଏନଏଚ୍-୨୦ର ପାଣିକୋଇଲି-ରିମୁଲି ସେକ୍ସନରେ ଅଣ୍ଡରପାସ୍‌ର ନିର୍ମାଣ ହୋଇଛି। ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଏବଂ ଟ୍ରାଫିକ୍ ଗତିକୁ ସହଜ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ ନବନିର୍ମିତ ଅଣ୍ଡରପାସ୍‌ର ଉଦ୍‌ଘାଟନ କରି ଏହା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅଣ୍ଡରପାସ୍ ଏନ୍ଏଚ୍-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଂଚଳର ଟ୍ରାଫିକ ହ୍ରାସ କରିବ। ଲଙ୍ଗଳକଣ୍ଟିରେ ଅବସ୍ଥିତ ଏହି ଅଣ୍ଡରପାସ୍, ଟିକିରା, ଢେଙ୍କିକୋଟ ଏବଂ ବାରବେଡ଼ା ଭଳି ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରାଫିକ ହ୍ରାସ କରିବ। ଏହା ଏକ ଗ୍ରେଡ୍ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ୍ୟ ପ୍ରଦାନ କରିବ। ସମଗ୍ର ଓଡ଼ିଶାରେ ଭିତ୍ତିଭୂମି ବିକାଶ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉକ୍ତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ ଜିଲ୍ଲାପାଳ ବିଶାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଜନ୍ମମାଟିରେ ମୁଖ୍ୟମନ୍ତ୍ରୀ

ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

## ୭ ଏକର ଜମି ପ୍ରଦାନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ନୂତନ ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏଥିସହିତ ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ମଧ୍ୟ ନିୟମିତ କରାଯାଇଛି।



ବୋଦାପଳସା ସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି। ଭିତ୍ତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା ସହିତ ବିଦ୍ୟାଳୟକୁ ୭ ଏକର ଜମି ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ୍ ବଜେଟ୍‌ର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଞ୍ଚାୟତରେ ଏହାର କାମ ଆରମ୍ଭ ହୋଇଛି। ସେହିପରି ପିଏମ୍‌ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି।

**୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି**

କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନିଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ।

ବୋଦାପାଳସାବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ

## ଅରଡ଼େଇ ନାଳ ଉପରେ ପୋଲ ଉଦ୍‌ଘାଟିତ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** କେନ୍ଦୁଝର ସଦର ଅନ୍ତର୍ଗତ ବୋଦାପାଳସା ଗ୍ରାମପଞ୍ଚାୟତ ପାଇଲା ନୂତନ ପରିଚୟ। ବହୁଦିନୁ ଏହି ଅଞ୍ଚଳ ସମେତ ଆଖପାଖ ୫ଟି ପଞ୍ଚାୟତର ଲୋକଙ୍କ ଆଶା ଥିବା ଅରଡ଼େଇ ନାଳ ଉପରେ ନିର୍ମାଣ ହୋଇଛି ଏକ ପକ୍କା ପୋଲ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉଦଘାଟନ କରି ଏହାକୁ ଜନସାଧାରଣଙ୍କୁ ଉତ୍ସର୍ଗୀକୃତ କରିଛନ୍ତି। ଏହି ପୋଲ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀଙ୍କ ଦୈନନ୍ଦିନ ଗମନାଗମନର ମୁଖ୍ୟ ଧାରା ସାଜିଛି। କେନ୍ଦୁଝର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଉକ୍ତ ପୋଲକୁ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ କରି କହିଛନ୍ତି ଯେ ବୋଦାପାଳସା ଗ୍ରାମପଂଚାୟତ ଏବଂ ଏହାର ଆଖପାଖ ଗ୍ରାମର ଲୋକଙ୍କୁ ଆଉ ଯିବା ଆସିବାରେ କୌଣସି ଅସୁବିଧା ରହିବ ନାହିଁ। ୧୦୦ ମିଟରରୁ ଊର୍ଦ୍ଧ୍ୱ ଲମ୍ବ ବିଶିଷ୍ଟ ଏହି ପୋଲ କେନ୍ଦୁଝର ସଦର ଅଞ୍ଚଳ ପାଇଁ ଏକ ନୂତନ ପରିଚୟ ଆଣିବ। ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



## ସିଜିମାଳି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାର ସିଜିମାଳି ଅଞ୍ଚଳରେ ଆଦିବାସୀମାନଙ୍କ ଉପରେ ପ୍ରଶାସନର ଯେଉଁ ବର୍ବରୋଚିତ କାଣ୍ଡ ଘଟଣାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି । ଏହି ଘଟଣା ସମ୍ପୂର୍ଣ୍ଣ ଅମାନବୀୟ ବୋଲି ବର୍ଣ୍ଣନା କରିବା ସହିତ ଆଦିବାସୀ ମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ବିଜେଡି ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାୟଗଡ଼ା ଜିଲ୍ଲା ସଭାପତି ଜଗନ୍ନାଥ ସାରକା, କୋରାପୁଟ ଜିଲ୍ଲା ସଭାପତି ଝିନ୍ନ ହିକକା ଓ ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସିଜିମାଳି ଅଞ୍ଚଳରେ ଆଦିବାସୀମାନଙ୍କ ଉପରେ ପ୍ରଶାସନ ଦ୍ୱାରା କରାଯାଇଥିବା ଅମାନବୀୟ ଓ ବର୍ବରୋଚିତ କାଣ୍ଡ ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି ବୋଲି ଅଭିଯୋଗ କରିଥିଲେ।



ଜଗନ୍ନାଥ ସାରକା କହିଥିଲେ ଯେ ସିଜିମାଳିରେ ଆଦିବାସୀମାନଙ୍କ ଉପରେ ଘଟିଥିବା ଅତ୍ୟାଚାର ଓ ଜୁଲୁମ ବିଷୟରେ ଜାଣିବା ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ଏଥିରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଦଳର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ବାସିନ୍ଦାମାନଙ୍କ କହିବା ଅନୁଯାୟୀ ମାଇନ୍ସ କମ୍ପାନୀ ଦ୍ୱାରା ନିର୍ମିତ ହେଉଥିବା ରାସ୍ତାକୁ ନେଇ ସେମାନେ ପ୍ରତିବାଦ କରୁଥିଲେ। ପ୍ରଶାସନ ତରଫରୁ ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରାଯାଇଥିଲା। ଆଦିବାସୀ ଭାଇ ଭଉଣୀମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମକୁ ଆମେ ତୀବ୍ର ନିନ୍ଦା କରୁଛୁ। ସ୍ଥାନୀୟ ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ନାହିଁ। ତେଣୁ ଆଦିବାସୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିୟମ ହିସାବରେ ଗ୍ରାମସଭା ଆୟୋଜନ କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରାଯାଉ।

ଝିନ୍ନ ହିକକା କହିଥିଲେ ଯେ ସିଜିମାଳିରେ ଆଦିବାସୀ ଭାଇ ଭଉଣୀମାନଙ୍କ ଉପରେ ଯେଉଁଭଳି ଭାବେ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ବର୍ବର କାଣ୍ଡ ଘଟାଯାଇଛି, ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ସ୍ଥାନୀୟ ଅଞ୍ଚଳରେ ଖଣି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦାମାନେ ପେସା ଆଇନ ଓ ଜଙ୍ଗଲ ଆଇନ ଉଲ୍ଲଙ୍ଘନ ହେଉଥିବା ଦାବି କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇ ଆସୁଥିଲେ। କିନ୍ତୁ ବିଳମ୍ବିତ ରାତିରେ ସମସ୍ତେ ଶୋଇଥବା ସମୟରେ, ବିଜୁଳି ଲାଇନ କାଟି ଦେଇ ପ୍ରସାଶନ ଯେଭଳି ଭାବେ ନିରୀହ ଆଦିବାସୀ ଭାଇ ଭଉଣୀମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣ କଲା, ତାହା ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଷିତ କରୁଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଜଣେ ଆଦିବାସୀ ଅଛନ୍ତି । ଦେଶର ରାଷ୍ଟ୍ରପତି ଦାୟିତ୍ୱରେ ଆମ ରାଜ୍ୟର ଜଣେ ଆଦିବାସୀ ଭଉଣୀ ଅଛନ୍ତି । ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମ ଉପରେ ନ୍ୟାୟ ପ୍ରଦାନ ପାଇଁ ଆମେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡୁଛୁ।

## ଓଡ଼ିଶାକୁ ସର୍ବାଧିକ ବିଶ୍ୱକର୍ମା ପୁରସ୍କାର

ପୂର୍ତ୍ତ ବିଭାଗର ୩, ଜଳସମ୍ପଦ ବିଭାଗର ୫ ଓ କ୍ରୀଡ଼ା ବିଭାଗର ୨ ପ୍ରକଳ୍ପ ପୁରସ୍କୃତ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ନୂଆଦିଲ୍ଲୀସ୍ଥିତ ବି.ଆର. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ସି.ଆଇ.ଡି.ସି. ଦ୍ୱାରା ଆୟୋଜିତ ୧୭ତମ ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆବେଦନ କରାଯାଇଥିବା ୧୦ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୭ଟି ପ୍ରକଳ୍ପକୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀନିତୀନ ଗଡ଼କରୀ ନିର୍ମାଣ କ୍ଷେତ୍ରରେ ନୂତନତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ରାସ୍ତା ଓ କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ନୂତନ ପାରଦର୍ଶିତା ସହିତ ଡି.ପି.ଆର ବନାଇବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ଜୋର ଦେଇଥିଲେ। ରାଜ୍ୟ ପୂର୍ତ୍ତ ବିଭାଗର ୩ଟି ପ୍ରକଳ୍ପ ଯଥା- ଲୋକାୟୁକ୍ତ ଭବନ, ଯାଜପୁରସ୍ଥିତ ମାତୃଶିଶୁ ହସ୍‌ପିଟାଲ୍, ବଲାଙ୍ଗିରସ୍ଥିତ ସଦ୍ୟ ସମାପ୍ତ ହୋଇଥିବା କ୍ୟାନସୀ ହସ୍‌ପିଟାଲକୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ରାଜ୍ୟ ଜଳସମ୍ପଦ ବିଭାଗର ୫ଟି ପ୍ରକଳ୍ପ ଯଥା ଗଙ୍ଗାଧର ମେହେର ପ୍ରକଳ୍ପ, ପୁରୁଣାଗଡ଼ ମେଗା ଲିଫ୍ଟ, ଭଞ୍ଜନଗର ଡ୍ୟାମ୍, ମହାବରିଡା ଆନିକଟ, ଲୋୟର ସୁକତେଲକୁ ପୁରସ୍କୃତ କରାଯାଇଥିଲା। ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଧିରେନ୍ଦ୍ର କୁମାର ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମସ୍ଥିତ ଦୁଇଟି ଭବନ ଯଥା ସଟଲ୍ ଏବଂ ଆକ୍ୱାଟିକ୍ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମର ମୁଖ୍ୟଯନ୍ତ୍ରୀ ଇଂ ନର୍ମଦା ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀକାନ୍ତ ସାମଲ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀସ୍ଥିତ ଅତ୍ୟାଧୁନିକ ହଷ୍ଟେଲ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ସମ୍ବଲପୁରସ୍ଥିତ ଆଇ.ଆଇ.ଏମ୍ କ୍ୟାମ୍ପସ ପାଇଁ ଏନ୍‌ବିସିସିର ଉଚ୍ଚାଧିକାରୀ ଚିନ୍ମୟ ଘୋଷ, ଏମସ୍ ଭୁବନେଶ୍ୱର ପାଇଁ ନିର୍ଦ୍ଦେଶକ ଡା. ବିଶ୍ୱାସଙ୍କୁ ପୁରସ୍କୃତ କରାଯାଇଥିଲା। ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ନୂତନ ଡାଟା ସେଣ୍ଟର, କୋରାପୁଟସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ପୁରସ୍କାର ଦିଆଯାଇଥିଲା । ଏହି ଅବସରରେ ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ମନୋରଞ୍ଜନ ମିଶ୍ରଙ୍କ ଦ୍ୱାରା ଲିନ୍ ନିର୍ମାଣ କୌଶଳ ଉପରେ ଲିଖିତ ପୁସ୍ତକକୁ ଜୁରୀ ମଣ୍ଡଳୀ ଉନ୍ମୋଚନ କରିଥିଲେ। ନିର୍ମାଣ କ୍ଷେତ୍ର ପାଇଁ ଅବଦାନ ସକାଶେ ଖ୍ୟାତିସମ୍ପନ୍ନ ଇଞ୍ଜିନିୟର ଅଶୋକ ବାସା ଏବଂ ସ୍ଥପତି ତାରାପ୍ରସାଦ ଧଳଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ପୁରସ୍କୃତ ପ୍ରକଳ୍ପମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା, ଯାହାକୁ ଦର୍ଶକମାନେ ଏହାକୁ ପ୍ରଶଂସା କରିଥିଲେ।



ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ବୈଠକ

# ରନ୍ଧନ ଗ୍ୟାସ୍ ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ସଂପ୍ରତି ବୈଶ୍ୱିକ-ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ତଥା ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍‌ର ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତହୋଇଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରନ୍ଧନ ଗ୍ୟାସ ଯୋଗାଣରେ ଜରୁରୀ ଆବଶ୍ୟକତା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ପିଏନଜି ସଂଯୋଗୀକରଣ ନେଟୱ୍ୱାର୍କ ବୃଦ୍ଧିକୁ ପ୍ରାଥମିକତା ଦେଇଛନ୍ତି। ପେଟ୍ରୋଲ, ଡିଜେଲ ଇନ୍ଧନ ଏବଂ ରନ୍ଧନ ଗ୍ୟାସ ଉପଲବ୍ଧତା ନେଇ ସବୁବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେଉଁଠି, ଯେତେବେଳେ ସମସ୍ୟା ନଜରକୁ ଆସୁଛି, ସେଠି ଯୋଗାଣ ବିଭାଗ ତଥା ନୋଡାଲ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ତରଫରୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ସମାଧାନ ପାଇଁ ସମସ୍ତେ ସହଯୋଗ ଓ ସମ୍ମିଳିତ ପ୍ରୟାସ କରିବାକୁ ସେଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥି ସହିତ ଆଗାମୀ ଖରିଫ୍ ଋତୁକୁ ଦୃଷ୍ଟିରେ ରଖି ୟୁରିଆ ସାର ମହଜୁଦ ଏବଂ ସୁପରିଚାଳନା ସଂପର୍କରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ ତଥ୍ୟ ରଖିଥିଲେ।



ବୈଠକରେ ଖାଦ୍ୟ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଏଲପିଜି ବଣ୍ଟନ ବ୍ୟବସ୍ଥା, ଯୋଗାଣ ପରିଚାଳନ ଓ ସମସ୍ତଙ୍କୁ ଆବଶ୍ୟକ ମୁତାବକ ସନ୍ତୁଳିତ ଆବଣ୍ଟନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବାହ୍ୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରାଜ୍ୟରେ ଇନ୍ଧନ ଓ ରନ୍ଧନ ଗ୍ୟାସ ଯୋଗାଣ ସାମଗ୍ରିକଭାବରେ ସ୍ୱାଭାବିକ ରହିଛି। ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଉପଲବ୍ଧ ହେଉଥିବା ଅଶୋଧିତ ତୈଳରୁ ତୈଳ ବିଶୋଧନ କମ୍ପାନୀମାନେ ସର୍ବାଧିକ କ୍ଷମତାରେ ବିଶୋଧିତ ପେଟ୍ରୋଲ ଓ ଡିଜେଲ ଆଦି ଉତ୍ପାଦନ କରୁଛନ୍ତି । ଘରୋଇ ଏଲପିଜି ଯୋଗାଣକୁ ସର୍ବାଧିକ ଅଗ୍ରାଧିକାର ଦିଆଯାଉଛି। ଗ୍ୟାସ ବଣ୍ଟନରେ ସ୍ୱଚ୍ଛତା ଓ ସଠିକତା ନିଶ୍ଚିତ କରିବା ପାଇଁ ଡେଲିଭରି ସତ୍ୟାପନ ଆଧାରିତ କୋଡ୍ ( ଡିଏସି) ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଦ୍ୟାଳୟ, ଡାକ୍ତରଖାନା, ହଷ୍ଟେଲ, ଅଙ୍ଗନବାଡ଼ି କେନ୍ଦ୍ର, ଆହାରକେନ୍ଦ୍ର ଓ କାରାଗାରଭଳି ଅତ୍ୟାବଶ୍ୟକ କ୍ଷେତ୍ରରେ ଏଲପିଜି ଯୋଗାଣକୁ ଅଗ୍ରାଧିକାରଦିଆଯାଇଛି। ଏସବୁଥିରେ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ପିଏନଜି ସଂଯୋଗୀକରଣ ଲକ୍ଷ୍ୟ ରଖାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବାଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲପିଜି ଆବଣ୍ଟନ ବୃଦ୍ଧି ପାଇଛି। ସୁବିଧାରେ ରନ୍ଧନ ଗ୍ୟାସ ଯୋଗାଣ ଉପଲବ୍ଧ ହେବା ପାଇଁ ତୈଳ ମାର୍କେଟିଂ କମ୍ପାନୀ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ ମାନଙ୍କ ସହିତ ନିୟମିତ ସମନ୍ୱୟ ରଖାଯାଉଛି। ଇସ୍ପାତ ଏବଂ ଅଟୋମୋବାଇଲ ଭଳି କ୍ଷେତ୍ର ପାଇଁ ମଧ୍ୟ ଅତିରିକ୍ତ କମର୍ସିଆଲ ଏଲପିଜି ଯୋଗାଇ ଦିଆଯାଉଛି। ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୋଟ ମହଜୁଦ ପରିମାଣ, ହାରାହାରି ଦୈନିକ ବ୍ୟବହାର ଓ ଆଗାମୀ ଉପଲବ୍ଧତା ସଂପର୍କରେ ଉପସ୍ଥାପନା କରାଯାଇଥିଲା। ଏମଏସ୍, ଏଚ୍ଏସଡି, ଏଲପିଜି, ପିଏନଜି, ସିଏନଜି ଯୋଗାଣବ୍ୟବସ୍ଥାକ ସୁସମନ୍ୱିତଭାବରେ ସୁଦୃଢ଼ କରାଯାଉଥିବା ସଂପର୍କରେ ଆଲୋଚନା କରାଯାଇଥିଲା।

**ବେଆଇନ୍ ମହଜୁଦକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଜାରି**

**ପିଏନ୍‌ଜି ସଂଯୋଗୀକରଣ ନେଟ୍‌ୱାର୍କ ବୃଦ୍ଧିକୁ ପ୍ରାଥମିକତା**

ବିକଳ୍ପ ବ୍ୟବସ୍ଥା ଭାବେ ଘରୋଇ କ୍ଷେତ୍ରରେ ପିଏନଜି ଓ ପରିବହନ କ୍ଷେତ୍ରରେ ସିଏନଜି ବ୍ୟବହାରକୁ ଅଗ୍ରାଧିକାର ଦିଆଯାଉଛି ଏବଂ ଏ କ୍ଷେତ୍ରରେ ସଂଯୋଗୀକରଣ ଏବଂ ବ୍ୟବହାରୀଙ୍କ ସଂଖ୍ୟା ଯଥାକ୍ରମେ କ୍ରମାଗତ ଭାବେ ଦ୍ରୁତ ବୃଦ୍ଧି ପାଉଥିବା ପରିଲକ୍ଷିତହେଉଛି। ସରକାରୀ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କରେ କମର୍ସିଆଲ ଏଲପିଜିରୁ ପିଏନଜିକୁ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ସହ ମାର୍ଗଦର୍ଶିକା ଜାରି କରାଯାଇଛି। ସିଟି ଗ୍ୟାସ ବିତରଣ ନେଟୱ୍ୱାର୍କ(ସିଡିଡି) ସଂପ୍ରସାରଣ ତ୍ୱରାନ୍ୱିତ କରିବାକୁ ଉଦ୍ୟମ ଜାରି ରହିଛି। ଜିଲ୍ଲାୱାରୀ ପିଏନଜି ସଂଯୋଗୀକରଣ ଭିତ୍ତିଭୂମି ବଢାଇବା ସହିତ କଟି ଯାଇଥିବା ପୁରୁଣା ପିଏନଜି ଗ୍ରାହକମାନଙ୍କୁ ପୁନଃ ସଂଯୋଗୀକରଣ କରାଯାଉଥିବା ସଂପର୍କରେ ସୂଚନା ଦିଆଯାଇଥିଲା । ପ୍ରବାସୀ ଶ୍ରମିକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କେବଳ ପରିଚୟ ପତ୍ର ଆଧାରରେ ୫ କେଜି ବିଶିଷ୍ଟ ଏଲପିଜି ସିଲିଣ୍ଡର ବିତରକମାନଙ୍କ ଜରିଆରେ ଯୋଗାଇ ଦିଆଯାଉଛି ।

ଅନ୍ୟପକ୍ଷରେ ବେଆଇନ୍ ଗ୍ୟାସ ସିଲିଣ୍ଡର ,ଚୋରା ଚାଲାଣ କରୁଥିବା ଓ ଅନ୍ୟତ୍ର ବ୍ୟବହାର ପାଇଁ ନିଆଯାଉଥିବା କ୍ଷେତ୍ରରେ ସାରା ରାଜ୍ୟରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ଯାଞ୍ଚ ଓ ଚଢଉକୁ ଜୋରଦାର କରାଯାଇଛି। ବେଆଇନ୍ ଗଚ୍ଛିତ ସିଲିଣ୍ଡର ଜବତ କରାଯିବା ସହ ଆଇନ୍ ଖିଲାପ କାରୀଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ୍ ଅନୁସାରେ ମାମଲା ରୁଜୁ କରାଯିବା ଏବଂ ଗିରଫ କରାଯିବା ଭଳି ପଦକ୍ଷେପ ନିଆଯାଇଛି। ରାଜ୍ୟସ୍ତରରେ ଏବଂ ଜିଲ୍ଲା ସ୍ତରରେ ନିୟନ୍ତ୍ରଣ କକ୍ଷ ଚବିଶ ଘଣ୍ଟିଆ କାର୍ଯ୍ୟ କରୁଥିବା ବେଳେ ରାଜ୍ୟ ଓ ଜିଲ୍ଲାସ୍ତରରେ ସଂକଟ ପରିଚାଳନା ଗ୍ରୁପ୍ (କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ୍) ଗଠିତ ହୋଇ ଦୈନନ୍ଦିନ ସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେଉଛନ୍ତି ।ଏଲପିଜି ପରିବହନ କରୁଥିବା ଯାନ ଯେପରି ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବ, ସେଥିପ୍ରତି ମଧ୍ୟ ପୁଲିସ୍ ପ୍ରଶାସନ ସହାୟତାରେ ସୁରକ୍ଷିତ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ୟୁରିଆ ସାରର ଉପଲବ୍ଧତା ସ୍ଥିତି ସ୍ୱାଭାବିକ ରହିଥିବା ସଂପର୍କରେସୂଚନା ଦିଆଯାଇଛି ଓ ଦୈନନ୍ଦିନ ଭିତ୍ତିରେ ତଦାରଖ କରାଯାଉଥିବା ସଂପର୍କରେ ବିଭାଗର କମିଶନର ତଥା ଶାସନ ସଚିବ ଉପସ୍ଥାପନ କରିଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସ୍ୱରାଷ୍ଟ୍ର, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଏବଂ ସହରାଞ୍ଚଳ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ବାଣିଜ୍ୟ ଓ ପରିବହନ, ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପର୍ଯ୍ୟଟନ ଆଦି ବିଭିନ୍ନ ବିଭାଗର ସଚିବ ଏବଂ ତୈଳ ମାର୍କେଟିଂ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଟ୍ରିବ୍ୟୁନାଲ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ବୟାନବାଜି

## ବିଜେଡି-କଂଗ୍ରେସ ଓ ବିଜେପି ମୁହାଁମୁହିଁ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ମହାନଦୀ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ମହାନଦୀ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସ୍ୱାଗତ କରି ରାଜ୍ୟ ଆଇନ ମନ୍ତ୍ରୀ ତଥା ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅନୁରୋଧରେ କେନ୍ଦ୍ର ସରକାର ଜାନୁୟାରୀ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲଙ୍କ ଅବଧି ବୃଦ୍ଧି କରିଛନ୍ତି। ମହାନଦୀ ଜଳବିବାଦ ପୂର୍ବରୁ ଆଇନଗତ ଦିଗକୁ କରାଯାଉଥିଲା। କିନ୍ତୁ ଏବେ ଟ୍ରିବ୍ୟୁନାଲ ଆପୋଷ ବୁଝାମଣା ପାଇଁ ଉଦ୍ୟମ କରୁଛନ୍ତି। ଯେହେତୁ ଆଉ କିଛି ସମୟ ଆବଶ୍ୟକ ହେଉଥିଲା, ତେଣୁ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ, ମହାନଦୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଇଚ୍ଛାଶକ୍ତି ନାହିଁ। ବିଜେଡ଼ି ଏହାକୁ ପ୍ରସଙ୍ଗ କରିଛି ଓ ଆଗକୁ କରିବ ମଧ୍ୟ। ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେଲା। ଏବେ ୨୦୨୬ କିନ୍ତୁ ଫଳ ଶୂନ। ପୁଣି ଅବଧି ବଢ଼ିଲାଣି। ଯଦି ଆପୋଷ ବୁଝାମଣା ହେବ ତେବେ ଟ୍ରିବ୍ୟୁନାଲଙ୍କ ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଟ୍ରିବ୍ୟୁନାଲଙ୍କ ଅବଧି ବଢୁଛି ମାନେ ଆପୋଷ ବୁଝାମଣା ହୋଇପାରୁନି। ଯାହାକି ଚିନ୍ତାଜନକ ବୋଲି ଶ୍ରୀ ବେହେରା କହିଛନ୍ତି।

ଅନ୍ୟପକ୍ଷରେ ପିସିସି ସଭାପତି ଭକ୍ତଚରଣ ଦାସ ଆଉ ଦୁଇ ପାଦ ଆଗକୁ ଯାଇ କହିଛନ୍ତି ଯେ, ଯଦି ୩-୪ମାସ ମଧ୍ୟରେ ଅବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ମହାନଦୀ ଜଳବିବାଦର ଆପୋଷ ସମାଧାନ ନବାହାରେ ତା'ହେଲେ ବିଜେପିର ସମସ୍ତ ୨୦ ସାଂସଦଙ୍କ ବାସଭବନକୁ କଂଗ୍ରେସ ଘେରାଉ କରିବ। କେନ୍ଦ୍ରରେ ଓ ଛତିଶଗଡ଼ର ବିଜେପି ସରକାର ରହିଛି। ସମାଧାନ ହେବାରେ କାହିଁକି ବିଳମ୍ବ ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

## 'ମେଟ୍ରୋ ପ୍ରକଳ୍ପ ଆମର ଆବଶ୍ୟକତା, ପ୍ରାଥମିକତା ନୁହେଁ'

**କଟକ,୧୧।୪/ଏନ୍ଏନ୍ଏସ୍:** ମେଟ୍ରୋ ରେଳ ପ୍ରକଳ୍ପ ଆମର ଆବଶ୍ୟକତା, କିନ୍ତୁ ଏହା ଆମର ପ୍ରାଥମିକତା ନୁହେଁ। ଏଭଳି କହିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ନେଇ ପ୍ରତିକ୍ରିୟା ରଖି ଭର୍ତ୍ତୃହରି କହିଛନ୍ତି ଗତ ସରକାର ସମୟରେ ଏକୁଟିଆ ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପ କରିଦେବେ ବୋଲି ଯେଉଁ ଦୃଢ଼ୋକ୍ତି ରଖାଯାଇଥିଲା ତାହା ବାସ୍ତବରେ ସମ୍ଭବ ନଥିଲା। କୋଲକାତାର ଉଦାହରଣ ଦେଇ ଭର୍ତ୍ତୃହରି କହଛନ୍ତି ଯେ ଯେଉଁଠି ବି ଏକୁଟିଆ ରାଜ୍ୟ ସରକାର ଏଭଳି ପ୍ରୟାସ କରିଛନ୍ତି, ତାହା ସଫଳ ହୋଇନାହିଁ। ଓଡ଼ିଶାରେ କିନ୍ତୁ କେନ୍ଦ୍ର-ରାଜ୍ୟ ସହଯୋଗରେ ମେଟ୍ରୋ ରେଳ ପ୍ରକଳ୍ପ ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ରାଜନୀତି ତୀବ୍ର ହୋଇଥିଲା ବେଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ମର୍ମରେ ଚିଠି ଦେଇ ବିବାଦକୁ ଆହୁରି ତାଜା କରି ଦେଇଛନ୍ତି। ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରକଳ୍ପ ବନ୍ଦ ନିଷ୍ପତ୍ତି ଉପରେ ପୁନଃବିଚାର କରିବାକୁ ଅପରାଜିତା ଚିଠି ଲେଖିଥିଲେ। ପାଞ୍ଚ ପୃଷ୍ଠା ସମ୍ବଳିତ ଚିଠିରେ ଅପରାଜିତା ଲେଖିଛନ୍ତି ଯେ, କିଛି ପ୍ରକଳ୍ପ ଲାଭ ପାଇଁ ନୁହେଁ ବରଂ ଜନସାଧାରଣଙ୍କ ହିତ ପାଇଁ କରାଯାଏ। ଅପରାଜିତାଙ୍କ ପୂର୍ବରୁ ସାଂସଦ ସସ୍ମିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

# ‘ଶିଳାଶ୍ରୀ’ ପତ୍ରିକାର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟ ପରିସରରେ ‘ଶିଳାଶ୍ରୀ’ ପତ୍ରିକା ଅନୁଷ୍ଠାନର ଊନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଡକ୍ଟର ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତଥା ପ୍ରାକ୍ତନ ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ରବିନାରାୟଣ ନନ୍ଦ ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଗ୍ରହାଳୟ ଅଧକ୍ଷା ତଥା ଶିଳାଲିପି ଗବେଷିକା ଡକ୍ଟର ଭାରତୀ ପାଲ ଉପସ୍ଥିତ ରହି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ‘ଶିଳାଶ୍ରୀ’ର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ପତ୍ରିକାର ବିଷୁବ ବିଶେଷାଙ୍କ ‘ଆମେ ଓ ଆମ ସମ୍ପର୍କ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଗତ ୧୯ ବର୍ଷ ଧରି ‘ଶିଳାଶ୍ରୀ’ ଏବଂ ‘କବିତାୟନ’ ନିୟମିତ ପ୍ରକାଶ ପାଇ ଅନେକ ନୂତନ ସାହିତ୍ୟିକ ସୃଷ୍ଟି କରିବା ସହ ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପାଞ୍ଚଜଣ ପ୍ରତିଭାଙ୍କୁ ‘ବାର୍ଷିକ ଶିଳାଶ୍ରୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ସମାଜସେବା ପାଇଁ ବରଦା ପ୍ରସାଦ ମହାପାତ୍ର, ପ୍ରବନ୍ଧ ପାଇଁ କାମଦେବ ମହାପାତ୍ର, ଗୀତି କବିତା ପାଇଁ ବସନ୍ତ କୁମାର ଦାସ, ଶିଶୁ ସାହିତ୍ୟ ପାଇଁ ତନୟା ଦାସ ଗୋସ୍ୱାମୀ ଏବଂ କବିତା ପାଇଁ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସଭା ପୂର୍ବରୁ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କବିମାନେ କେବଳ ‘କାଳଜୟୀ କବିତା’ ଆବୃତ୍ତି କରିଥିଲେ। ଅନୁଷ୍ଠାନର ସମ୍ପାଦିକା ବାସନ୍ତୀ ଦାସ ବାର୍ଷିକ ବିବରଣୀ ପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱମିତ୍ରା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ଉପଦେଷ୍ଟା ସୁଶାନ୍ତ ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ।

# ହୋମିଓପାଥିକ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀ



**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଭଞ୍ଜକଳା ମଣ୍ଡପ ପରିସରରେ ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘର ଏକାଦଶ ବାର୍ଷିକ ସମ୍ମିଳନୀ ଓ ହୋମିଓପାଥିର ଜନକ ସାମୁଏଲ ହାନିମ୍ୟାନଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଡକ୍ଟର ସୁଧାଂଶୁ ଶେଖର ସିଂ ଯୋଗଦେଇ ମାନବ ସମାଜର ଚିକିତ୍ସା କ୍ଷେତ୍ରରେ ହୋମିଓପାଥିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବେ ଡକ୍ଟର ଲକ୍ଷ୍ମଣ ପଣ୍ଡା ଯୋଗଦେଇ ପୁରାତନ ରୋଗର ନିରାକରଣ କ୍ଷେତ୍ରରେ ହୋମିଓପାଥିର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡକ୍ଟର ପ୍ରଭାସ ଆଚାର୍ଯ୍ୟ, ଜଗନ୍ନାଥ ପ୍ରଧାନ ଏବଂ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ରୋଗୀ ଓ ରୋଗ ମଧ୍ୟରେ ଥିବା ସମ୍ପର୍କ ଏବଂ ହୋମିଓପାଥିକ ଚିକିତ୍ସା ପଦ୍ଧତିର ବିଜ୍ଞାନ ସମ୍ମତ ଦିଗ ଉପରେ ନିଜ ନିଜର ମତ ରଖିଥିଲେ। ସଂଘର ଉପସଭାପତି ଡକ୍ଟର ଜଗନ୍ନାଥ ଦାସ, ସାଧାରଣ ସମ୍ପାଦକ ଡକ୍ଟର ପ୍ରଫୁଲ୍ଲ ବାରିକ ଏବଂ ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାଂଗଠନିକ ଦିଗ ଉପରେ ଆଲୋଚନା କରିଥିଲେ। ଏହି ବିଶେଷ ଅବସରରେ ସଂଘ ପକ୍ଷରୁ ପ୍ରସ୍ତୁତ ‘ସ୍ମରଣିକା’ ଏବଂ ‘ବାର୍ଷିକ କ୍ୟାଲେଣ୍ଡର’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପ୍ରତିଭାମାନଙ୍କୁ ‘ଏକଲବ୍ୟ ସମ୍ମାନ’ ଓ ‘ସେବା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଶେଷରେ ଡକ୍ଟର ରଞ୍ଜିତ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ନୃତ୍ୟନିପୁଣା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ



**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାରା ରାଜ୍ୟରେ ‘ଓଡ଼ିଆ ପକ୍ଷ’ ବେଶ୍ ଉତ୍ସାହର ସହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନର ଦଶମ ଦିବସକୁ ‘ଲୋକକଳା ଦିବସ’ ଭାବେ ପାଳନ କରାଯାଇଛି। ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସଂସ୍କୃତିକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସାମିଲ ହୋଇଛନ୍ତି। ଏହି ଅବସରରେ ଭୁବନେଶ୍ୱରର ଲିଙ୍ଗପୁରସ୍ଥିତ ‘ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ’ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଶିଳ୍ପୀମାନେ ମିଳିତ ଭାବେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଏହି ଦିବସକୁ ପାଳନ କରିବା ସହ ଆନନ୍ଦ ଉଲ୍ଲାସ ପ୍ରକାଶ କରିଥିଲେ। ଓଡ଼ିଶାର ମାଟି ଓ ମନର କଳା ‘ଲୋକକଳା’କୁ ଆଗାମୀ ଦିନରେ ଅଧିକ ପ୍ରଚାର ଓ ପ୍ରସାର କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସଙ୍କଳ୍ପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ପ୍ରତିମା ମିଶ୍ର ଏବଂ ନିର୍ଦ୍ଦେଶିକା ଡକ୍ଟର ପ୍ରିୟଙ୍କା ମିଶ୍ର ଉପସ୍ଥିତ ରହି ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହ ଲୋକକଳାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଓଡ଼ିଆ ସାହିତ୍ୟ ସମାରୋହ-୨୦୨୬ ଉଦ୍‌ଯାପିତ

# ପ୍ରବୃତ୍ତି ଓ ପ୍ରକୃତିର ନିଆରା ରୂପକାର ଥିଲେ ସ୍ୱଭାବକବି ଗଙ୍ଗାଧର

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ପ୍ରକୃତିର ଶୋଭାରେ ପ୍ରବୃତ୍ତି ଓ ପ୍ରବୃତ୍ତିଭିତରେ ପ୍ରକୃତିର ମୂଲ୍ୟବୋଧକୁ ସନ୍ଧାନ କରି ସାର୍ବକାଳିକ ସାମାଜିକ ଶୃଙ୍ଖଳାର ବାର୍ତ୍ତା ଦେଇଛନ୍ତି ସ୍ୱଭାବକବି ଗଙ୍ଗାଧର। ତାଙ୍କ ରଚନାର ଚର୍ଚ୍ଚା ଓ ଚିନ୍ତନ ଏକାନ୍ତ ଉପାଦେୟ ବୋଲି ମତ ପ୍ରକାଶ ପାଇଛି। ଗତକାଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ‘ଭୁବନେଶ୍ୱର ଭଞ୍ଜଭାରତୀ’ପକ୍ଷରୁ ଗୀତଗୋବିନ୍ଦ ସଦନ ଆୟୋଜିତ ହେଉଥିବା ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର ‘ରଙ୍ଗାଜୀବ ଗଙ୍ଗାଧର’ ଶୀର୍ଷକ ଉଦ୍‌ଯାପନ ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ସୂଚନା ଆୟୁକ୍ତ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଓଡ଼ିଆ ଜନଜୀବନରେ କବି ଗଙ୍ଗାଧରଙ୍କ ରଚନାବଳୀର ସାର୍ବକାଳିକ ପ୍ରଭାବ ସମ୍ପର୍କରେ ଅବତାରଣା କରିବା ସହିତ ଭୁବନେଶ୍ୱର ଭଞ୍ଜଭାରତୀର ଛବିଶ ବର୍ଷର ଏଭଳି ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେହିପରି ବରେଣ୍ୟ ଅତିଥି ତଥା ପ୍ରାକ୍ତନ ପ୍ରଶାସକ ସରୋଜ କୁମାର ସାମଲ ସ୍ୱଭାବକବିଙ୍କ କୃତି ଓ ସାରସ୍ୱତ ସ୍ୱୀକୃତି ସମ୍ପର୍କରେ ବକ୍ତବ୍ୟ ରଖିବା ସଙ୍ଗେ ସଙ୍ଗେ ଭଞ୍ଜଭାରତୀର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ। ସଭାର ବରେଣ୍ୟବକ୍ତା ତଥା ମେହେର ସାହିତ୍ୟ ଗବେଷକ ଡକ୍ଟର ସୁଶୀଲ କୁମାର ବାଗ୍ ମେହେର କବିଙ୍କ କାବ୍ୟକବିତାରେ ଥିବା ସୂକ୍ଷ୍ମଦାର୍ଶନିକ ତତ୍ତ୍ୱର ଆଲୋଚନା ସହ ବିଭିନ୍ନ ସର୍ବଭାରତୀୟ କବିଙ୍କ ରଚନାର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ସ୍ୱଭାବକବି ଗଙ୍ଗାଧରଙ୍କ ରଚନାରେ ଭରି ରହିଥିବା ମାନବୀୟ ଦର୍ଶନ ଓ ଆବେଦନକୁ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ‘ନାଦବ୍ରହ୍ମ’ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଗଙ୍ଗାଧର ସଙ୍ଗୀତ ପରିବେଷିତ ହୋଇଥିଲା। ଭଞ୍ଜଭାରତୀର ସମ୍ପାଦିକା ଶୁଭଶ୍ରୀ ମିଶ୍ର ଓ କୋଷାଧକ୍ଷା କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ସଦସ୍ୟା ଅସୀମା ତ୍ରିପାଠୀ ସଂଯୋଜନା ଓ ସଦସ୍ୟ ଗିରିଜାପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ମାଳତୀ ତ୍ରିପାଠୀ, ଉତ୍କଳଲକ୍ଷ୍ମୀ ମିଶ୍ର, ଡକ୍ଟର ନୀଳମାଧବ ପ୍ରଧାନ, ଦିଲ୍ଲୀପ ଦାସ, ଗତିକୃଷ୍ଣ ଦାଶ, ବିନାୟକ ରଥ, ସନ୍ତୋଷ ବେହେରା, ଆଶୁତୋଷ ମହାସୁଆର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।



# ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ପୁରସ୍କାର ଘୋଷଣା

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଚଳିତ ଅକ୍ଷୟ ତୃତୀୟା ଉପଲକ୍ଷେ ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ବିଶେଷ ଅବଦାନ ନିମନ୍ତେ ସଂସ୍ଥାନର ସଭାପତି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ପୁରସ୍କାର ଘୋଷଣା ହୋଇଛି। ଚଳିତ ବର୍ଷ ‘ଶ୍ରୀଜଗନ୍ନାଥ ସମ୍ମାନ’ ପାଇବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡକ୍ଟର ହରେକୃଷ୍ଣ ଶତପଥୀ। ‘ଦେବୀ ସୁଭଦ୍ରା’ ସମ୍ମାନ ପାଇବେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ। ‘ଶ୍ରୀବଳଭଦ୍ର’ ସମ୍ମାନ ପାଇବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡକ୍ଟର ହରପ୍ରସାଦ ମିଶ୍ର ଓ ‘ଶ୍ରୀସୁଦର୍ଶନ’ ସମ୍ମାନ ପାଇବେ ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ତଥା ପ୍ରବର୍ତ୍ତକ ଶଙ୍କର୍ଷଣ ମଙ୍ଗରାଜ।

ପ୍ରକାଶନ କ୍ଷେତ୍ରରେ ଆଧାତ୍ମିକ ପୁସ୍ତକ ପ୍ରକାଶନ ପାଇଁ ବିଶିଷ୍ଟ ପ୍ରକାଶକ ପ୍ରେଷ୍ଟିଜ୍ ପବ୍ଲିଶର୍ସକୁ ‘ଜ୍ଞାନବିକାଶ’ ସମ୍ମାନ ପ୍ରଦାନ କରାଯିବ। ଚଳିତ ଏପ୍ରିଲ ୩୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଏହି ସମ୍ମାନ ପ୍ରଦାନ ସଭାରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ, ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ପ୍ରାକ୍ତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ‘ନିତିଦିନ’ର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ମନୋଜ କୁମାର ମହାପାତ୍ର ମୁଖ୍ୟବକ୍ତା ଓ ବିଶିଷ୍ଟ କଣ୍ଠଶିଳ୍ପୀ ତଥା କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶିକା ଡକ୍ଟର ସଂଗୀତା ଗୋସାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସମ୍ମାନ ପ୍ରଦାନ କରିବେ। ଚଳିତ ବର୍ଷ ପାଇଁ ପ୍ରକାଶ ପାଇବାକୁ ଯାଉଥିବା ‘ଅତିନ୍ଦ୍ରିୟ ଶ୍ରୀଜଗନ୍ନାଥ’ ପୁସ୍ତକ ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା ଆଙ୍କିଥିବା ପ୍ରଚ୍ଛଦପଟ ଉନ୍ମୋଚନ ହେବ ଓ ଚିତ୍ର ସମ୍ପର୍କରେ ଶ୍ରୀ ମହାରଥା ସମ୍ମାନିତ ବକ୍ତା ଭାବେ ସୂଚନା ଦେବେ। ଅକ୍ଷୟ ତୃତୀୟା ଉପଲକ୍ଷେ ରଥକାଠ ଅନୁକୂଳ ଭଳି ‘ପୌରୁଷ’ର ସମ୍ପାଦକ ଅସିତ ମହାନ୍ତି, ଶ୍ରୀମନ୍ଦିରର ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିରର ପ୍ରାକ୍ତନ ଉପପ୍ରଶାସକ ଡକ୍ଟର ଭାସ୍କର ମିଶ୍ର ଓ ଗାୟିକା ସ୍ମିତ୍ସା ସାହୁଙ୍କ ରଚନା ଚତୁର୍ଦ୍ଧାମୂର୍ତ୍ତିକୁ ସମର୍ପଣ କରାଯିବ ବୋଲି ‘ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ’ର ସମ୍ପାଦକ ପୀତବାସ ରାଉତରାୟ ଜଣାଇଛନ୍ତି।

# ଅନିଲ କୁମାର ଜୈନ ଦକ୍ଷିଣ ପୂର୍ବ ରେଳପଥର ନୂତନ ମହାପ୍ରବନ୍ଧକ

**କୋଲକାତା,୧୧।୪/ଏନ୍ଏନ୍ଏସ୍:** ଦକ୍ଷିଣ ପୂର୍ବ ରେଳପଥର ନୂତନ ମହାପ୍ରବନ୍ଧକ ଭାବେ ଅନିଲ କୁମାର ଜୈନ ଗତ ୯ ଏପ୍ରିଲରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ଗତ ୩୧ ମାର୍ଚ୍ଚରେ ଅବସର ଗ୍ରହଣ କରିବା ପରେ, ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଏପ୍ରିଲ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ପଦବୀର ଅନ୍ତରୀଣ ଦାୟିତ୍ୱ ତୁଲାଉଥିଲେ। ଦକ୍ଷିଣ ପୂର୍ବ ରେଳପଥରେ ଯୋଗଦେବା ପୂର୍ବରୁ ଶ୍ରୀ ଜୈନ ଜୟପୁରସ୍ଥିତ ଉତ୍ତର ପଶ୍ଚିମ ରେଳପଥର ପ୍ରଧାନ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ସେ ୧୯୯୦ ବ୍ୟାଚ୍‌ର ଭାରତୀୟ ରେଳ ବୈଦ୍ୟୁତିକ ଯନ୍ତ୍ରୀ ସେବା ଅଧିକାରୀ ଏବଂ ୧୯୯୧ରେ ଭାରତୀୟ ରେଳବାଇରେ ଯୋଗ ଦେଇଥିଲେ। ନିଜର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ସେ ପଶ୍ଚିମ ରେଳପଥର ରାଜକୋଟ୍ ବିଭାଗରେ ମଣ୍ଡଳ ରେଳ ପ୍ରବନ୍ଧକ, ଦକ୍ଷିଣ ପଶ୍ଚିମ ରେଳପଥର ପ୍ରଧାନ ମୁଖ୍ୟ ସୁରକ୍ଷା ଅଧିକାରୀ, ବନାରସ ରେଳଇଞ୍ଜିନ କାରଖାନାର ମୁଖ୍ୟ ନକ୍ସା ଯନ୍ତ୍ରୀ ଏବଂ ‘ରାଇଟ୍ସ’ର ମହାପ୍ରବନ୍ଧକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଉଜ୍ଜୟିନୀର ବିକ୍ରମ ବିଶ୍ୱବିଦ୍ୟାଳୟରୁ ବୈଷୟିକ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ଶ୍ରୀ ଜୈନ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଦିଲ୍ଲୀରୁ ସ୍ୱର୍ଣ୍ଣ ପଦକ ସହ ବୈଷୟିକ ସ୍ନାତକୋତ୍ତର ଏବଂ ମଣିପାଲ ବିଶ୍ୱବିଦ୍ୟାଳୟରୁ ବ୍ୟବସାୟ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଜାପାନରୁ ‘ଭାରୀ ପରିବହନ ବ୍ୟବସ୍ଥା’ ଉପରେ ପ୍ରଶିକ୍ଷଣ ନେବା ସହ ସେ ଗୁଜରାଟ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଚଳନ୍ତି ଯାନର ନକ୍ସା ଚୂଡ଼ାନ୍ତ କରିବା ପାଇଁ ଦକ୍ଷିଣ କୋରିଆ ମଧ୍ୟ ଗସ୍ତ କରିଥିଲେ।



## ‘ଓଡ଼ିଆ ପକ୍ଷ’ ଅବସରରେ ରାଜଧାନୀରେ ‘ଛେନାପୋଡ଼ ଦିବସ’

# ଶୋଭାଯାତ୍ରାରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ











## ଦୃଢ଼ ସଂକଳ୍ପ ଆଗରେ ହାର ମାନିଛି ପ୍ରତିବନ୍ଧକ

# ନିମାପଡ଼ାର ଅନିତା ସାହୁଙ୍କ ସ୍ୱପ୍ନକୁ ଶକ୍ତି ଦେଇଛି ଜିଓ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ମହାତ୍ମା ଗାନ୍ଧୀ କହିଥିଲେ, ‘ଶକ୍ତି ଶାରୀରିକ କ୍ଷମତାରୁ ଆସିନଥାଏ, ଏହା ଏକ ଅଦମ୍ୟ ଇଚ୍ଛାଶକ୍ତିରୁ ଆସିଥାଏ।’ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକର ଅମୁନିଆପାଟଣା ଗାଁର ଦିବ୍ୟାଙ୍ଗ ଯୁବତୀ ଅନିତା ସାହୁଙ୍କ ପାଇଁ ହେଉଛି ଏହି ଉକ୍ତି। ସମସ୍ତ ବାଧାବିଘ୍ନ ଓ ପ୍ରତିବନ୍ଧକକୁ ପଛରେ ପକାଇ ତାଙ୍କର ସଫଳତାର ଯାତ୍ରାର ଏକ ବାସ୍ତବ ପ୍ରତିଫଳନ।

ଗର୍ବର ସହିତ ନିଜ ସଫଳତାର ଯାତ୍ରା ବିଷୟରେ ଅନିତା କୁହନ୍ତି, ‘ମୁଁ ୮୦ ପ୍ରତିଶତ ଦିବ୍ୟାଙ୍ଗ। କିନ୍ତୁ ମୁଁ ସର୍ବଦା ପ୍ରଗତି ପଥରେ ଆଗକୁ ବଢ଼ିବା ଏବଂ ମୋର ସ୍ୱପ୍ନ ପୂରଣ କରିବା ପାଇଁ ମୋର ଶାରୀରିକ ପ୍ରତିବନ୍ଧକକୁ ଦୂର କରିବାକୁ ଚେଷ୍ଟା କରିଛି। ଯେତେବେଳେ ମୁଁ ଘରୁ ରୋଜଗାରର ବାଟ ଖୋଜୁଥିଲି, ସେତେବେଳେ ‘ଜିଓ ଗ୍ରାହକ ସହଯୋଗୀ’ ବା ଜିଓ କଷ୍ଟମର ଆସୋସିଏଟ୍ ଭାବରେ ଘରୁ କାମ କରିବାର ସୁଯୋଗ ମୋ ପାଇଁ ଅତ୍ୟନ୍ତ ସହାୟକ ହୋଇଛି। ଏଥିରୁ ଆୟ ସହିତ, ମୁଁ ଏକ ମୋଟୋରାଇଜଡ୍ ହ୍ୱିଲଚେୟାର କିଣିବାପାଇଁ ମୋର ବହୁଦିନରୁ ରହିଥିବା ସ୍ୱପ୍ନ ପୂରଣ କରିପାରିଲି, ଯାହା ମୋତେ ପିଲାଟି ଦିନରୁ ପ୍ରଥମ ଥର ପାଇଁ ବିନା କାହାର ସହାୟତାରେ ସ୍ୱାଧୀନ ଭାବରେ ଯିବା ଆସିବା କରିବାରେ ସକ୍ଷମ କରିଥିଲା।’ ଅନିତାଙ୍କ ଦୃଢ ମନୋବଳ ତଥା ବାସ୍ତବରେ ପ୍ରେରଣାଦାୟକ ଯାତ୍ରାର ସ୍ୱୀକୃତି ସ୍ୱରୂପ, ରିଲାଏନ୍ସ ଜିଓର ଓଡ଼ିଶା ବ୍ୟବସାୟ ମୁଖ୍ୟ ଗୌରବ କୁମାର ଏକ ଭିଡିଓ କଲ୍ ମାଧ୍ୟମରେ ତାଙ୍କ ସହିତ କଥା ହୋଇଥିଲେ ଏବଂ ସମସ୍ତ ପ୍ରତିବନ୍ଧକର ମୁକାବିଲା କରି ସଫଳ ହେବାର ତାଙ୍କର ଦୃଢ଼ ସଂକଳ୍ପକୁ ପ୍ରଶଂସା କରିଥିଲେ। ଅନିତାଙ୍କ କାହାଣୀ ସାରା ଓଡ଼ିଶାର ହଜାର ହଜାର ଯୁବତୀ ଓ ମହିଳାମାନଙ୍କୁ ସେମାନଙ୍କ ଘରେ ରହି ନିଜ ସମୟ ସୁବିଧା ଅନୁସାରେ କାର୍ଯ୍ୟ କରିବା ତଥା ରୋଜଗାର ପଥ ଅନୁସରଣ କରିବାକୁ ପ୍ରେରିତ କରିଛି। ନିଜ ଅଭିଜ୍ଞତାକୁ ଆଧାର କରି ଅନିତା କୁହନ୍ତି, ‘ନିଜ ଉପରେ ଆତ୍ମବିଶ୍ୱାସ ଏବଂ ‘ମୁଁ ଏହା କରିପାରିବି’ ମାନସିକତା ସହିତ ମହିଳାମାନେ ଘରୁ କିମ୍ବା ଯେକୌଣସି ସ୍ଥାନରୁ କାମ କରି ଭଲ ରୋଜଗାର କରିପାରିବେ ଏବଂ ସେମାନଙ୍କର ଲକ୍ଷ୍ୟ ହାସଲ କରିପାରିବେ। ବର୍ତ୍ତମାନ ଓଡ଼ିଶାରେ ୨୬୦୦ ରୁ ଅଧିକ ଯୁବତୀ ଏବଂ ମହିଳା ଜିଓ କଷ୍ଟମର ଆସୋସିଏଟ୍ ଭାବରେ କାମ କରୁଛନ୍ତି ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରୁଛନ୍ତି।’ ସେ ଆହୁରି ମଧ୍ୟ କହିଛନ୍ତି ଯେ ଜିଓ କଷ୍ଟମର ଆସୋସିଏଟ୍ କାର୍ଯ୍ୟକ୍ରମ ହଜାର ହଜାର ମହିଳାଙ୍କ ସଶକ୍ତିକରଣ ଓ ବିକାଶରେ ବାସ୍ତବରେ ସହାୟକ ହୋଇଛି ଏବଂ ଆଶା ପ୍ରକାଶ କରିଛନ୍ତି ଯେ ଜିଓ ମହିଳାମାନଙ୍କୁ ପ୍ରଗତି, ସମୃଦ୍ଧି ଏବଂ ସ୍ୱାଧୀନ ରହିବାରେ ସାହାଯ୍ୟ କରିବା ପାଇଁ ଆଗକୁ ଏହିଭଳି ଅନେକ ପଦକ୍ଷେପ ଆଣିବ।




# ‘କୋଠଘର’ ପକ୍ଷରୁ ପଖାଳ ଉତ୍ସବ

**ଭୁବନେଶ୍ୱର,୧୧।୪/ଏନ୍ଏନ୍ଏସ୍:** ଅନନ୍ୟ ପାରମ୍ପରିକ ଖାଦ୍ୟ ‘ପଖାଳ’ର ପ୍ରଚାର ଓ ପ୍ରସାର ପାଇଁ ସାଂସ୍କୃତିକ ଅନୁଷ୍ଠାନ ‘କୋଠଘର’ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲ୍ ପରିସରରେ ପଖାଳ ଉତ୍ସବ ସହିତ ମାସିକ କବିତା ଆସର ବେଶ୍ ଉତ୍ସାହର ସହ ସମ୍ପନ୍ନ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର, କାର୍ଯ୍ୟକାରୀ ସମ୍ପାଦକ ପ୍ରହରାଜ ଜୟ ନାରାୟଣ ନନ୍ଦ ଏବଂ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଆଶାଲତା ଦୀକ୍ଷିତ, ଅରୁଣା କର, ସଂଯୁକ୍ତା ସାହୁ ଓ ଅଜିତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ହୋଟେଲର କର୍ମଚାରୀ ଓ ଅତିଥିମାନଙ୍କ ଉପସ୍ଥିତିରେ ଆୟୋଜିତ କବିତା ପାଠ ଆସରକୁ ସମସ୍ତେ ଉପଭୋଗ କରିଥିଲେ। ଏହି ଅବସରରେ କାଂସ୍ୟ ବାସନରେ ସ୍ୱତନ୍ତ୍ର ଦହି ପଖାଳ ସହ ବିଭିନ୍ନ ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ପରଷା ଯାଇଥିଲା। ସଦସ୍ୟମାନେ ପଖାଳର ସ୍ୱାଦ ଚାଖିବା ସହ ଓଡ଼ିଆ ପରମ୍ପରାକୁ ବଜାୟ ରଖିବା ପାଇଁ ଅନୁଷ୍ଠାନର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ପାଦିକା ଅମ୍ବିକା ସ୍ୱାଇଁ କବିତା ଆସରକୁ ସଂଯୋଜନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ନିତିଦିନ NITIDIN
ରବିବାର, ୧୨ ଏପ୍ରିଲ ୨୦୨୬

**ନିତି ଭାରତୀ**

ପ୍ରତ୍ୟେକ କାର୍ଯ୍ୟକୁ ତିନିଗୋଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼ିଥାଏ- ପରିହାସ, ବିରୋଧ ଏବଂ ତା'ପରେ ଗ୍ରହଣୀୟତା। ଯେଉଁମାନେ ନିଜ ସମୟଠାରୁ ଆଗକୁ ଚିନ୍ତା କରନ୍ତି, ସେମାନେ ଭୁଲ୍ ବୁଝାମଣାର ଶିକାର ହେବା ସୁନିଶ୍ଚିତ।

- ସ୍ୱାମୀ ବିବେକାନନ୍ଦ

# ମାତୃଭାଷା: ସଭ୍ୟତାର ସ୍ପନ୍ଦନ ଓ ସମାଜର ସେତୁ



ମୀନାକ୍ଷୀ ଦ୍ୱିବେଦୀ

ମଣିଷ କେବଳ ଏକ ଜୈବିକ ପ୍ରାଣୀ ନୁହେଁ, ସେ ହେଉଛି ବିଚାରର ଏକ ପ୍ରତିଫଳନ। ଏହି ବିଚାରକୁ ରୂପ ଦିଏ ମାତୃଭାଷା, ଆଧାର ପ୍ରଦାନ କରେ ସମାଜ ଏବଂ ଉତ୍କର୍ଷ ପ୍ରଦାନ କରେ ସଭ୍ୟତା। ବିଶ୍ୱ ଇତିହାସର ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ ଯେଉଁ ଜାତି ନିଜର ଭାଷାକୁ ହରାଇଛି, ସେ ସମାଜରେ ନିଜର ପ୍ରାସଙ୍ଗିକତା ହରାଇବା ସହ ତା'ର ସଭ୍ୟତା ମଧ୍ୟ ମାଟିରେ ମିଶି ଯାଇଛି। ମଣିଷ ଜନ୍ମ ହେବା ପରେ ସମାଜରେ ରୁହେ, ମାତୃଭାଷାରେ ନିଜର ଭାବନା ପ୍ରକାଶ କରେ ଏବଂ ସେହି ଚିନ୍ତାଧାରା ମାଧ୍ୟମରେ ଏକ ସଭ୍ୟତା ଗଠନ କରେ। ସମାଜ ଯଦି ଶରୀର ହୁଏ, ତେବେ ମାତୃଭାଷା ହେଉଛି ତା'ର ପ୍ରାଣ ଏବଂ ସଭ୍ୟତା ହେଉଛି ତା'ର ପରିଚୟ। ଏହି ତିନୋଟିର ସମନ୍ୱୟ ବିନା ମାନବ ଜୀବନ କେବଳ ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ ହୋଇଥାନ୍ତା। ଏଣୁ ଏହି ତିନୋଟିର ସମନ୍ୱୟ ହିଁ ମାନବ ସଂସ୍କୃତିର ପ୍ରକୃତ ସୌନ୍ଦର୍ଯ୍ୟ।ଏହି ତିନୋଟି ମଧ୍ୟରେ ଥିବା ସମ୍ପର୍କ ଏକ ବୃକ୍ଷର ମୂଳ, କାଣ୍ଡ ଓ ଫଳ ସଦୃଶ।

ମାତୃଭାଷା ହେଉଛି ସମାଜ ଗଠନର ପ୍ରାଥମିକ ସୂତ୍ରଧର। ସମାଜ କହିଲେ କେବଳ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରୁଥିବା ଲୋକଙ୍କ ସମୂହକୁ ବୁଝାଏ ନାହିଁ। ସମାଜ ହେଉଛି ପରସ୍ପର ସହ ସହଯୋଗ ଓ ଭାବ ବିନିମୟର ଏକ ବନ୍ଧନ। ଯଦି ଆପଣ ବିଦେଶରେ କିମ୍ବା ନିଜ ରାଜ୍ୟ ବାହାରେ ଅଛନ୍ତି ଏବଂ ସେଠାରେ ଅଜଣା ଭିଡ଼ ମଧ୍ୟରେ କାହାର ପାଟିରୁ 'କେମିତି ଅଛନ୍ତି ?' ପଦେ ଓଡ଼ିଆ ଶୁଣିବାକୁ ପାଆନ୍ତି, ତେବେ ସେହି ବ୍ୟକ୍ତି ଜଣକ ଅଜଣା ହେଲେ ମଧ୍ୟ ଆପଣଙ୍କୁ ନିଜର ମନେ ହୁଅନ୍ତି। ଏହା ହିଁ ହେଉଛି ଭାଷାର ସାମାଜିକ ଶକ୍ତି, ଯାହା ମଣିଷକୁ ମଣିଷ ସହ ବିନା ସ୍ୱାର୍ଥରେ ଯୋଡ଼ିଥାଏ।

ମାତୃଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ଏହା ଶିଶୁର ଜ୍ଞାନାତ୍ମକ ବିକାଶ ପାଇଁ ଅପରିହାର୍ଯ୍ୟ। ଜଣେ ମଣିଷ ନିଜ ମାତୃଭାଷାରେ ସ୍ୱପ୍ନ ଦେଖେ। ଯେଉଁ ଭାଷାରେ ମଣିଷ ଚିନ୍ତା କରେ, ସେହି ଭାଷାରେ ହିଁ ତା'ର ମୌଳିକ ଉଦ୍ଭାବନ ଶକ୍ତି ପ୍ରକାଶ ପାଏ। ବିଦେଶୀ ଭାଷାରେ ଶିକ୍ଷା ଗ୍ରହଣ କଲେ ମସ୍ତିଷ୍କକୁ ପ୍ରଥମେ 'ଅନୁବାଦ' କରିବାକୁ ପଡ଼େ, ଯାହା ସୃଜନଶୀଳତାକୁ ସୀମିତ କରିଦିଏ।

ସଭ୍ୟତା ହେଉଛି ଏକ ବାହ୍ୟ ଅଳଙ୍କାର, କିନ୍ତୁ ମାତୃଭାଷା ହେଉଛି ତା'ର ଆତ୍ମା। ଶିଶୁଟିଏ ଜନ୍ମ ହେବା ପରେ ଯେଉଁ ସ୍ୱରରେ ନିଜ ମା'କୁ ଡାକେ, ସେହି ଶବ୍ଦଟି ହିଁ ତା' ସଭ୍ୟତାର ପ୍ରଥମ ପରିଚୟ। ମାତୃଭାଷା କେବଳ ଶବ୍ଦର ସମଷ୍ଟି ନୁହେଁ, ଏହା ହେଉଛି ଭାବପ୍ରବଣତାର ଏକ ଝରଣା। ଯେତେବେଳେ ଜଣେ ବ୍ୟକ୍ତି ନିଜ ଭାଷାରେ କଥା ହୁଏ, ସେଠାରେ ଏକ ଅଦୃଶ୍ୟ ଆତ୍ମୀୟତା ଗଢ଼ିଉଠେ। ଜଣେ ବ୍ୟକ୍ତି ନିଜ ମାତୃଭାଷାରେ ଯେତିକି ମୌଳିକ ଚିନ୍ତାଧାରା ପ୍ରକାଶ କରିପାରେ, ତାହା ଅନ୍ୟ ଭାଷାରେ ସମ୍ଭବ ନୁହେଁ। ବିଶ୍ୱବିଖ୍ୟାତ ମନୀଷୀ ନେଲସନ ମାଣ୍ଡେଲା କହିଥିଲେ- 'ଯଦି ତୁମେ ଜଣେ ବ୍ୟକ୍ତି ସହ ସେ ବୁଝୁଥିବା ଭାଷାରେ କଥା ହୁଅ, ତେବେ ତାହା ତା' ମୁଣ୍ଡକୁ ଯାଏ, କିନ୍ତୁ ଯଦି ତୁମେ ତା' ସହ ତା'ର ମାତୃଭାଷାରେ କଥା ହୁଅ, ତେବେ ତାହା ସିଧା ତା' ହୃଦୟକୁ ଛୁଏଁ।' ଏକ ସମାନ ଭାଷା କହୁଥିବା ଲୋକଙ୍କ ମଧ୍ୟରେ ସାମାଜିକ ବିଶ୍ୱାସ ଅଧିକ ଥାଏ। ଏହା ସମାଜକୁ ବିଭାଜନରୁ ରକ୍ଷା କରେ ଏବଂ ଏକ ସୁଦୃଢ଼ ଗୋଷ୍ଠୀ ଗଠନରେ ସାହାଯ୍ୟ କରେ।

ସଭ୍ୟତା ହେଉଛି ଏକ ଜାତିର ଉନ୍ନତ ଜୀବନଯାପନର ପ୍ରଣାଳୀ। କୌଣସି ସଭ୍ୟତା ତା'ର ଭାଷା ବିନା ଦୀର୍ଘଜୀବୀ ହୋଇପାରେ ନାହିଁ। ଭାରତୀୟ ସଭ୍ୟତା ବିଶ୍ୱର ଅନ୍ୟତମ ପ୍ରାଚୀନ ସଭ୍ୟତା। ଆମର ବେଦ, ପୁରାଣ, ଆୟୁର୍ବେଦ ଓ ଯୋଗଶାସ୍ତ୍ର ମାତୃଭାଷା (ସଂସ୍କୃତ ଓ ପରବର୍ତ୍ତୀ ସମୟରେ ଆଞ୍ଚଳିକ ଭାଷା) ମାଧ୍ୟମରେ ସୁରକ୍ଷିତ ରହିଛି। ଯଦି ଆମେ ଆମ ଭାଷା ହରାଇ ଦେଇଥାନ୍ତେ, ତେବେ ଏହି ଜ୍ଞାନର ଭଣ୍ଡାର ମଧ୍ୟ ହଜି ଯାଇଥାନ୍ତା। ଯଦି ଆମେ ସିନ୍ଧୁ ସଭ୍ୟତା, ମିଶରୀୟ ସଭ୍ୟତା କିମ୍ବା ମେସୋପଟାମିଆ ସଭ୍ୟତାକୁ ଦେଖିବା, ତେବେ ଜାଣି ପାରିବା ଯେ ସେମାନଙ୍କର ଏକ ସ୍ୱତନ୍ତ୍ର ଲିପି ଓ ଭାଷା ଥିଲା। ଭାଷା ହିଁ ସେମାନଙ୍କର ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ ଓ ସ୍ଥାପତ୍ୟ କଳାକୁ ପରବର୍ତ୍ତୀ ପିଢ଼ିକୁ ଜଣାଇବାରେ ସାହାଯ୍ୟ କରିଛି।

ଓଡ଼ିଶାର କଳା ଓ ଭାସ୍କର୍ଯ୍ୟ (କୋଣାର୍କ, ଲିଙ୍ଗରାଜ) କେବଳ ପଥରର କାରୁକାର୍ଯ୍ୟ ନୁହେଁ। ଏହା ପଛରେ ଥିବା ବୈଷୟିକ ଜ୍ଞାନ ଆମର ପୁରାତନ 'ଶିଳ୍ପ ଶାସ୍ତ୍ର'ରେ ଲିଖିତ ଅଛି, ଯାହା ମାତୃଭାଷା ସଂସ୍କୃତ ବା ପ୍ରାକୃତଜନ ଓଡ଼ିଆରେ ଥିଲା। ଯଦି ସେହି ଭାଷା ନଥାନ୍ତା, ତେବେ ଏହି ଭବ୍ୟ ସଭ୍ୟତା ହୁଏତ ଗଢ଼ି ହୋଇପାରି ନଥାନ୍ତା। ଓଡ଼ିଶାର 'ଜଗନ୍ନାଥ ସଂସ୍କୃତି' କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ, ଏହା ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟରେ ଗଢ଼ା ଏକ ମହାନ ସଭ୍ୟତା। ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ' କିମ୍ବା ସାରଳା ଦାସଙ୍କ 'ମହାଭାରତ' ନଥିଲେ ହୁଏତ ଓଡ଼ିଆ ସମାଜ ଓ ସଭ୍ୟତାର ରୂପରେଖ ଆଜି ଭିନ୍ନ ହୋଇଥାନ୍ତା।




ଜଗତୀକରଣର ଚାପରେ ଆଜି 'ସାଂସ୍କୃତିକ ସାମ୍ରାଜ୍ୟବାଦ' ଆମ ଉପରେ ଲଦି ଦିଆଯାଉଛି। ଭାଷା ହଜିଗଲେ କେବଳ ଶବ୍ଦ ହଜେ ନାହିଁ, ସେହି ଭାଷା ସହ ଜଡ଼ିତ ପାରମ୍ପରିକ ଭେଷଜ ଜ୍ଞାନ, କୃଷି ପ୍ରଣାଳୀ ଏବଂ ଲୋକକଳା ମଧ୍ୟ ମୃତ୍ୟୁବରଣ କରେ। ସମାଜ ହିଁ ଭାଷାକୁ ବଞ୍ଚାଇ ରଖେ। ଏକ ସୁସ୍ଥ ସମାଜ ସେହିଭଳି ମୂଲ୍ୟବୋଧ ସୃଷ୍ଟି କରେ, ଯାହା ଭାଷା ମାଧ୍ୟମରେ ପିଢ଼ି ପରେ ପିଢ଼ି ପାଖକୁ ଯାଏ। ବିନା ମାତୃଭାଷାରେ ସମାଜର ବିକାଶ ସମ୍ଭବ ନୁହେଁ। ୟୁନେସ୍କୋର ଏକ ରିପୋର୍ଟ ଅନୁସାରେ, ଯେଉଁ ଶିଶୁମାନେ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପାଆନ୍ତି, ସେମାନେ ଜ୍ଞାନୀ ଓ ସଭ୍ୟ ନାଗରିକ ଭାବେ ଶୀଘ୍ର ଗଢ଼ି ଉଠନ୍ତି।

୧୯୫୨ ମସିହାରେ ବାଂଲାଦେଶ (ତତ୍କାଳୀନ ପୂର୍ବ ପାକିସ୍ତାନ)ରେ ହୋଇଥିବା 'ଭାଷା ଆନ୍ଦୋଳନ' ଏହାର ଏକ ଜ୍ୱଳନ୍ତ ଉଦାହରଣ। କେବଳ ନିଜ ମାତୃଭାଷାକୁ ରକ୍ଷା କରିବା ପାଇଁ ଏକ ସମାଜ କିପରି ଏକଜୁଟ ହୋଇ ନୂତନ ସଭ୍ୟତା ଓ ଦେଶ ଗଢ଼ିପାରେ, ତାହା ବିଶ୍ୱ ପାଇଁ ପ୍ରେରଣା। ଜାପାନ ଓ ଇସ୍ରାଏଲ ଭଳି ଦେଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଶୀର୍ଷରେ ଅଛନ୍ତି, କିନ୍ତୁ ସେମାନେ ସବୁବେଳେ ନିଜ ମାତୃଭାଷା (ଜାପାନିଜ୍ ଓ ହିବ୍ରୁ)କୁ ଗୁରୁତ୍ୱ ଦିଅନ୍ତି। ଫ୍ରାନ୍ସ ଓ ଜର୍ମାନୀ ଭଳି ବିକଶିତ ରାଷ୍ଟ୍ରମାନେ ମଧ୍ୟ ନିଜ ନିଜ ଭାଷାକୁ ନେଇ ଅତ୍ୟନ୍ତ ସ୍ୱାଭିମାନୀ। ସେମାନେ ପ୍ରମାଣ କରିଛନ୍ତି ଯେ ବିଶ୍ୱ ସହ ତାଳ ଦେଇ ଚାଲିବା ପାଇଁ ନିଜ ଭାଷାକୁ ବଳି ଦେବା ଆବଶ୍ୟକ ନାହିଁ। ସେମାନେ ପ୍ରମାଣ କରିଛନ୍ତି ଯେ ଆଧୁନିକ ସଭ୍ୟତାରେ ପହଞ୍ଚିବା ପାଇଁ ବିଦେଶୀ ଭାଷା ନୁହେଁ, ବରଂ ନିଜ ମାତୃଭାଷାରେ ଜ୍ଞାନ ଆହରଣ କରିବା ଅଧିକ ପ୍ରଭାବଶାଳୀ।

ଯେତେବେଳେ ଆମେ ମାତୃଭାଷାକୁ ଅବହେଳା କରୁ, ସେତେବେଳେ ଆମ ସମାଜରୁ ମୂଲ୍ୟବୋଧ କମିଯାଏ। ଇଂରାଜୀ ଭାଷାରେ 'Aunty' ବୋଲି କହିଲେ ସମ୍ପର୍କର ସେହି ଗଭୀରତା ଜଣାପଡ଼େ ନାହିଁ, ଯାହା ଓଡ଼ିଆରେ 'ମାଉସୀ', 'ପିଉସୀ' ବା 'ଖୁଡ଼ୀ' କହିଲେ ଜଣାପଡ଼େ। ଏହି ସୂକ୍ଷ୍ମ ଭାବନାଗୁଡ଼ିକ ହିଁ ଆମ ସଭ୍ୟତାର ବୈଶିଷ୍ଟ୍ୟ। ଆମ ସମାଜରେ ଅନେକ ରୀତିନୀତି ଅଛି, ଯାହା କେବଳ ନିଜ ଭାଷାରେ ହିଁ ମାର୍ମିକ ଲାଗେ। ଯେମିତିକି 'ରଜ' ପର୍ବରେ ବୋଲା ଯାଉଥିବା 'ରଜଦୋଳି ଗୀତ' ଯଦି ଅନ୍ୟ କୌଣସି ବିଦେଶୀ ଭାଷାରେ ଅନୁବାଦ କରାଯାଏ, ତେବେ ସେଥିରେ ଓଡ଼ିଆ ସଭ୍ୟତାର ସେହି ମହକ ବା ପାରମ୍ପରିକ ଆବେଗ ରହିବ ନାହିଁ। ଜେଜେମା' କହୁଥିବା 'କାଉ କହିଲା କା କା, କଲିକତା ଯାଇ ଦେଖିଲି କ'ଣ...' ଭଳି ଗପଗୁଡ଼ିକ କେବଳ ଗପ ନୁହେଁ, ସେଥିରେ ସମାଜର ମୂଲ୍ୟବୋଧ ଏବଂ ସଭ୍ୟତାର ଛାପ ରହିଛି।

ଇତିହାସ କୁହେ, ଯେତେବେଳେ କୌଣସି ଜାତି ନିଜ ମାତୃଭାଷା ପ୍ରତି ଅବହେଳା କରି ଅନ୍ୟ ଭାଷା ଓ ସଭ୍ୟତାର ଅନ୍ଧ ଅନୁକରଣ କରେ, ସେହି ଜାତିର ପତନ ସୁନିଶ୍ଚିତ। ଆଜିର ପିଢ଼ି ଇଂରାଜୀ ଭାଷା କହିବାକୁ ସଭ୍ୟତାର ପରିଚୟ ବୋଲି ଭାବୁଛନ୍ତି। କିନ୍ତୁ ପ୍ରକୃତରେ ଭାଷା ଏକ ସାଧନ ମାତ୍ର। ଜାପାନ, କୋରିଆ ଓ ଇସ୍ରାଏଲ ଭଳି ଦେଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଆଗୁଆ ଥାଇ ମଧ୍ୟ ନିଜ ଭାଷାକୁ ସର୍ବଶ୍ରେଷ୍ଠ ବୋଲି ମାନନ୍ତି। ସେଠାରେ ସମାଜ ଓ ସଭ୍ୟତା ସୁରକ୍ଷିତ, କାରଣ ସେମାନଙ୍କର ମୂଳଦୁଆ (ଭାଷା) ଶକ୍ତିଶାଳୀ। ବିଦେଶୀ ଆକ୍ରମଣକାରୀମାନେ ଯେତେବେଳେ କୌଣସି ଦେଶକୁ ଗୋଲାମ କରିବାକୁ ଚାହାନ୍ତି, ସେମାନେ ପ୍ରଥମେ ସେହି ଜାତିର ଭାଷା ଓ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରନ୍ତି। କାରଣ ସେମାନେ ଜାଣନ୍ତି, ଭାଷା ମରିଗଲେ ସେହି ସମାଜର ମେରୁଦଣ୍ଡ ଭାଙ୍ଗିଯିବ। ଓଡ଼ିଶା ଇତିହାସରେ 'ଉତ୍କଳ ସମ୍ମିଳନୀ' ଓ 'ଭାଷା ସୁରକ୍ଷା ଆନ୍ଦୋଳନ' ଏହାର ଜ୍ୱଳନ୍ତ ଉଦାହରଣ। କବିବର ରାଧାନାଥ ରାୟ, ଗଙ୍ଗାଧର ମେହେର ଓ ଫକୀର ମୋହନ ସେନାପତି ନିଜ କଲମ ମାଧ୍ୟମରେ ଓଡ଼ିଆ ସମାଜକୁ ଜାଗ୍ରତ କରିଥିଲେ। ସେଥିପାଇଁ ଗଙ୍ଗାଧର ମେହେର ଲେଖିଥିଲେ- 'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ/ ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?' ଓଡ଼ିଆ ଭାଷା ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ପାଇଛି। ଏହା କୌଣସି ସମ୍ମାନ ନୁହେଁ, ବରଂ ଏକ ଦାୟିତ୍ୱ। ନିଜ ସଭ୍ୟତାକୁ ବଞ୍ଚାଇବାକୁ ହେଲେ ଆମକୁ ଆମ ମାତୃଭାଷାକୁ ସମାଜରେ ପ୍ରତିଷ୍ଠିତ କରିବାକୁ ହେବ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା କେବଳ କାଗଜପତ୍ରରେ ସୀମିତ ରହିବା ଉଚିତ ନୁହେଁ। ଏକ ସମୃଦ୍ଧ ସମାଜ ଓ ସଭ୍ୟତା ପାଇଁ ଆମକୁ ଅନେକ ପଦକ୍ଷେପ ନେବାକୁ ହେବ। ପିଲାମାନଙ୍କୁ ପ୍ରଥମେ ଘରେ ନିଜ ଭାଷାରେ କଥା ହେବା ପାଇଁ ପ୍ରୋତ୍ସାହିତ କରିବା। ସରକାରୀ ଓ ବେସରକାରୀ- ସବୁ ସ୍ତରରେ ମାତୃଭାଷାକୁ ପ୍ରାଥମିକତା ଦେବା। ଆଧୁନିକ ଜ୍ଞାନ-ବିଜ୍ଞାନକୁ ମାତୃଭାଷାରେ ଅନୁବାଦ କରିବା, ଯାହାଦ୍ୱାରା ସାଧାରଣ ଲୋକେ ସଭ୍ୟତାର ଅଂଶୀଦାର ହୋଇ ପାରିବେ। ଆମର ପର୍ବପର୍ବାଣି, ପୋଷାକ ଓ ଖାଦ୍ୟଶୈଳୀ- ଏସବୁକୁ ଆମ ଭାଷାରେ ବୁଝିବା ଓ ବୁଝାଇବା।

ଛୋଟ ପିଲାମାନଙ୍କୁ ପାଶ୍ଚାତ୍ୟ ସଭ୍ୟତାର ଚାକଚକ୍ୟରେ ଭସାଇ ନ ଦେଇ ସେମାନଙ୍କୁ ଆମ ସାହିତ୍ୟ, ପର୍ବପର୍ବାଣି ଓ ଭାଷାର ମହତ୍ତ୍ୱ ବୁଝାଇବା ଉଚିତ। ଆଜି କମ୍ପ୍ୟୁଟର ଓ ମୋବାଇଲରେ ମଧ୍ୟ ଓଡ଼ିଆ ଭାଷାର ସହଜ ବ୍ୟବହାର ସମ୍ଭବ। ଏହାର ବ୍ୟବହାର କରି ଆମେ ଆମ ସଭ୍ୟତାକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିବା। ଆଧୁନିକ ପ୍ରଯୁକ୍ତିବିଦ୍ୟା ଯଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡିଜିଟାଲ ମିଡିଆରେ ଓଡ଼ିଆ ଭାଷାର ବହୁଳ ପ୍ରୟୋଗ ହେଲେ ହିଁ ଆମ ସଭ୍ୟତା ଆଗାମୀ ହଜାରେ ବର୍ଷ ପାଇଁ ସୁରକ୍ଷିତ ରହିବ। ସମାଜ ହେଉଛି କ୍ଷେତ୍ର, ମାତୃଭାଷା ହେଉଛି ଚେର ଏବଂ ସଭ୍ୟତା ହେଉଛି ସେହି ସୁନ୍ଦର ଫସଲ। ଯଦି ଚେର ଶୁଖିଯିବ, ତେବେ ଗଛଟି ବେଶୀ ଦିନ ବଞ୍ଚି ପାରିବ ନାହିଁ କି ଆକାଶକୁ ଛୁଇଁ ପାରିବ ନାହିଁ। ତେଣୁ ନିଜ ସମାଜକୁ ଗର୍ବିତ କରିବା ପାଇଁ ଏବଂ ନିଜ ସଭ୍ୟତାକୁ ଅକ୍ଷୁଣ୍ଣ ରଖିବା ପାଇଁ ମାତୃଭାଷାର ସେବା ହିଁ ଶ୍ରେଷ୍ଠ ଉପାୟ। 'ଜାତି, ପ୍ରୀତି, ନୀତି ଯେଉଁ ଜନ ଚିତ୍ତେ/ ନାହିଁ ସେ ପାମର ନରଙ୍କ ଜଗତେ/ ନିଜ ମାତୃଭାଷା ନିଜ ଜନ୍ମଭୂଇଁ/ ତା' ପାଇଁ ମରିବା ସ୍ୱର୍ଗ ସୁଖ ପାଇ।' ଆମେ ସମସ୍ତେ ଜାଣିଛନ୍ତି 'ଭାଷା ମଲେ ଜାତି ମରେ'। ଆମେ ଆଧୁନିକ ହେବା ଉଚିତ। କିନ୍ତୁ ପାଶ୍ଚାତ୍ୟ ନୁହେଁ। ଶେଷରେ ଏତିକି କୁହାଯାଇପାରେ ଯେ ମାତୃଭାଷା ହେଉଛି ସେହି ସେତୁ, ଯାହା ଉପରେ ଚାଲି ମଣିଷ ସମାଜର ସୀମା ପାର୍ଶ୍ୱକୁ ଯାଏ ଏବଂ ଏକ ମହାନ ସଭ୍ୟତାରେ ପାଦ ଦିଏ। ଯଦି ସେତୁଟି ଦୁର୍ବଳ ହୋଇଯିବ, ତେବେ ସମାଜ ବିଚ୍ଛିନ୍ନ ହେବ ଏବଂ ସଭ୍ୟତା ଅକାଳରେ ବିଲୟ ପାଇବ। ତେଣୁ ଭାଷା ହିଁ ସଂସ୍କୃତିର ରକ୍ଷକ, ଭାଷା ହିଁ ପ୍ରଗତିର ପରିବାହକ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

# ଋଷି ବନାମ ମୁନି



ପ୍ରମୋଦ କୁମାର ପଣ୍ଡା

ଓଡ଼ିଆ ଭାଷା ଓ ସାହିତ୍ୟର ଶବ୍ଦ ଭଣ୍ଡାର ଅତ୍ୟନ୍ତ ସମୃଦ୍ଧ। ଗଦ୍ୟ ହେଉ କିମ୍ବା ପଦ୍ୟ, ପ୍ରବନ୍ଧ ହେଉ କିମ୍ବା କବିତା, ଗଳ୍ପ ହେଉ କିମ୍ବା ଏକାଙ୍କିକା, ଉପନ୍ୟାସ ହେଉ କିମ୍ବା ଆତ୍ମକଥା, ଲେଖକ, କବି, ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ କାହାକୁ କେବେ ଶବ୍ଦର ଅଭାବ ଅନୁଭୂତ ହୁଏନାହିଁ। ବରଂ ସୁବିସ୍ତୃତ ଶବ୍ଦ ସମୂହର ଜଟିଳ ମାୟାଜାଲରେ ଏଭଳି ଛନ୍ଦି ହେବାକୁ ହୁଏ ଯେ ସେଥିରୁ ମୁକୁଳିବା କଷ୍ଟକର ହୋଇପଡ଼େ। ସନ୍ଦର୍ଭ ଅନୁଯାୟୀ ଶବ୍ଦ ସଂଯୋଜନା ସଙ୍ଗତ ଓ ସଠିକ୍ ନହେଲେ ସନ୍ତୋଷ ମିଳେନାହିଁ। ଶ୍ରୁତିକଟୁ ଲାଗେ। କଦର୍ଥ ହୁଏ। ଭିନ୍ନ ଭାବ ପ୍ରକାଶିତ ହୁଏ, ଯାହା ଉଭୟ ଲେଖକ ଓ ପାଠକଙ୍କ ପାଇଁ ଉତ୍ପୀଡ଼ନ କହିଲେ ମଧ୍ୟ ଅନୁଚିତ ହେବନାହିଁ। ଭିନ୍ନ ଅର୍ଥ ବହନ କରୁଥିଲେ ମଧ୍ୟ ଏଇ ଆମେ ଯେମିତି ଅନୁକରଣ ଓ ଅନୁସରଣ ଆରମ୍ଭ ଓ ପ୍ରାରମ୍ଭ, ଆଦି ଓ ଇତ୍ୟାଦି ଶବ୍ଦସବୁ ପର୍ଯ୍ୟାୟବାଚୀ ରୂପେ ବ୍ୟବହାର କରିଥାଉ। ସ୍ଥାନ, କାଳ, ପାତ୍ର ଆଦି ବିଚାର ନକରି ପ୍ରଣାମ, ନମସ୍କାର ଓ ନମସ୍ତେ ଶବ୍ଦ ଉପଯୋଗ କରିଥାଉ। ଠିକ୍ ସେହିଭଳି ଋଷି, ମୁନି, ସାଧୁ ଓ ସନ୍ଥ ଶବ୍ଦ। ଶାବ୍ଦିକ ଓ ମାର୍ମିକ ଅର୍ଥ ନବୁଝି ନଶୁଝି ନିଜର ଇଚ୍ଛାନୁସାରେ ପ୍ରୟୋଗ କରିବା ଦ୍ୱାରା କେବଳ ଶବ୍ଦ ସନ୍ଧାନ ଅପ୍ରଯୁଜ୍ୟ ହୋଇ ନଥାଏ, ତା' ସହିତ ସାହିତ୍ୟିକ ଭାବ ବିକୃତ ହୋଇଥାଏ, ରସଭଙ୍ଗ ଘଟିଥାଏ।

ଋଷି ଶବ୍ଦ ମୂଳତଃ ସଂସ୍କୃତ ଧାତୁ 'ଋଷ୍'ରୁ ଉତ୍ପନ୍ନ। 'ଋଷ୍' ଅର୍ଥ ଯିବା, ଗତି କରିବା କିମ୍ବା ପହଞ୍ଚିବା। ସଂସ୍କୃତ ଭାଷାରେ ଯିବା, ଗତି କରିବା କିମ୍ବା ପହଞ୍ଚିବାର ଅନ୍ୟ ଏକ ଅର୍ଥ ହେଉଛି ଜାଣିବା କିମ୍ବା ପ୍ରାପ୍ତ କରିବା। ଋଷ୍ ତେ ଇତି ଋଷି। ଅର୍ଥାତ୍ ଯିଏ ଜାଣେ କିମ୍ବା ପ୍ରାପ୍ତ କରେ ଅଥବା କୁଆଡ଼େ ପହଞ୍ଚେ, ସିଏ ହିଁ ଋଷି ପଦବାଚ୍ୟ। ଏଠି ପ୍ରଶ୍ନ ଉଠେ, ସିଏ ଯିଏ ଜାଣେ, ପହଞ୍ଚେ କିମ୍ବା ଯାଏ, ସେ କ'ଣ ଜାଣେ, କୁଆଡ଼େ ଯାଏ ଓ କେଉଁଠି ପହଞ୍ଚେ- ତାହା ଆମକୁ ଜାଣିବାକୁ ହେବ। ଏହାର ସଠିକ୍ ଉତ୍ତର ଶବ୍ଦକଳ୍ପଦ୍ରୁମରେ ମିଳେ। ଶବ୍ଦକଳ୍ପଦ୍ରୁମ ରାଜା ରାଧାକାନ୍ତ ଦେବଙ୍କ ରଚିତ ସଂସ୍କୃତ ଭାଷାର ଏକ ଆଧୁନିକ ଏବଂ ବିଶାଳ ଶବ୍ଦକୋଷ, ଯେଉଁଥିରେ ବେଦ, ମହାକାବ୍ୟ ଓ ବ୍ୟାକରଣ ଆଧାରିତ ଶବ୍ଦ ବ୍ୟୁତ୍ପତ୍ତି ପରେ ଲିଙ୍ଗ, ପର୍ଯ୍ୟାୟବାଚୀ ଏବଂ ଅର୍ଥ ବିସ୍ତାରରେ ବର୍ଣ୍ଣିତ। ଏହି ଶବ୍ଦକୋଷ ଅନୁସାରେ, ଯିଏ ବେଦମନ୍ତ୍ର ପ୍ରାପ୍ତ କରେ ଓ ନିଜର ଜ୍ଞାନ ବଳରେ ସଂସାର ବୈତରଣୀ ପାରି କରିବାକୁ ସକ୍ଷମ, ସିଏ ଋଷି ଅଟେ। ଅନ୍ୟ ଭାଷାରେ କହିବାକୁ ଗଲେ- ସିଏ ଯିଏ ଜାଣେ, ସେ ଋଷି। ଅର୍ଥାତ୍ ଯିଏ ତତ୍ତ୍ୱଜ୍ଞାନୀ ଓ ବେଦମନ୍ତ୍ର ଦ୍ରଷ୍ଟା, ସେ ଋଷି। ବେଦମନ୍ତ୍ରଦ୍ରଷ୍ଟାଙ୍କୁ ବେଦମନ୍ତ୍ର ଅଧ୍ୟୟନ କରିବାକୁ ପଡ଼ି ନଥାଏ। ମାନସିକ ରୂପରେ ସିଏ ବେଦମନ୍ତ୍ର ଦେଖିବାକୁ ସମର୍ଥ। ତାଙ୍କ ହୃଦୟରେ ଏହା ସ୍ୱୟଂ ଉଦ୍ଭାସିତ ହୁଏ। ପୁଣି ପରେ ଅନ୍ୟମାନଙ୍କ ପାଇଁ ପ୍ରକାଶିତ କିମ୍ବା ପ୍ରକଟ ହୁଏ। ମନୁଷ୍ୟ, ରାକ୍ଷସ ଓ ଦେବତାଙ୍କଠାରୁ ଋଷି ଭିନ୍ନ ଓ ବିଶିଷ୍ଟ ଶ୍ରେଣୀର। ଋଷି ମୁଖ୍ୟତଃ ସାତ ପ୍ରକାରର। ମହର୍ଷି, ପରମର୍ଷି, ଦେବର୍ଷି, ବ୍ରହ୍ମର୍ଷି, ଶ୍ରୁତର୍ଷି, ରାଜର୍ଷି ଓ କଣ୍ଡର୍ଷି। ବ୍ୟାସ, ଭେଲ, ନାରଦ, ବଶିଷ୍ଠ, ସୁଶ୍ରୁତ, ଜନକ ଓ ଜୈମିନୀ ଆଦି ଯଥାକ୍ରମେ ମହର୍ଷି, ପରମର୍ଷି, ଦେବର୍ଷି, ବ୍ରହ୍ମର୍ଷି, ଶ୍ରୁତର୍ଷି ରାଜର୍ଷି ଓ କଣ୍ଡର୍ଷି ଶ୍ରେଣୀର।




ଏବେ ଆସନ୍ତୁ ଜାଣିବା ମୁନି କାହାକୁ କୁହାଯାଏ। ଋଷି ଶବ୍ଦ ଭଳି ମୁନି ଶବ୍ଦ ମଧ୍ୟ ସଂସ୍କୃତ ଭାଷାର ଏକ ଧାତୁ 'ମନ୍'ରୁ ସୃଷ୍ଟି। ସଂସ୍କୃତରେ 'ମନ୍'ର ଅର୍ଥ ମନନ କରିବା କିମ୍ବା ଗଭୀର ଭାବେ ଚିନ୍ତା କରିବା। ଜ୍ଞାତ ବିଷୟ ଉପରେ ଆମର ଧାରଣା ଥାଏ। ତା' ସତ୍ତ୍ୱେ ସୁଦ୍ଧା ଆମେ ବହୁ ସମୟରେ ତା'ରି ଉପରେ ଅଧିକ ଜାଣିବାକୁ ଇଚ୍ଛା କରିଥାଉ। ଅଧିକରୁ ଅଧିକ ଏବଂ ଗଭୀରରୁ ଗଭୀର ଜିଜ୍ଞାସା ହେଉଛି ମନନ କରିବା। ଚିନ୍ତନ କରିବା ଓ ନୂଆ ନୂଆ ତଥ୍ୟ, ଜ୍ଞାନ ଆଦି ଅର୍ଜନ କରିବା। 'ମନ୍'ରୁ ସଂସ୍କୃତରେ ଅନ୍ୟ ଏକ ଶବ୍ଦ ମୌନର ଉତ୍ପତ୍ତି। ମୌନ ଅର୍ଥାତ୍ ଚୁପ୍ ରହିବା, ଅଳ୍ପ କହିବା କିମ୍ବା କିଛି ନ କହିବା। ତେଣୁ ଯାହା ପାଖରେ ମନନ କରିବା ଏବଂ ମୌନ ରହିବାର ଉଭୟ ବିଶେଷତା ବିଦ୍ୟମାନ, ସିଏ ମୁନି ଅଟନ୍ତି। ଭାଷାନ୍ତରେ ଯିଏ ମନନଶୀଳ ଓ ମୌନ ରହିବାକୁ ପସନ୍ଦ କରନ୍ତି, ସିଏ ମୁନି। ପାଣିନି, କାତ୍ୟାୟନ ଓ ପତଞ୍ଜଳି ମୁନି ଅଟନ୍ତି। ତାଙ୍କୁ ମୁନିତ୍ରୟ ମଧ୍ୟ କୁହାଯାଏ।

ବର୍ତ୍ତମାନ ଋଷି ଓ ମୁନି ଉଭୟ ଶବ୍ଦକୁ ଏକା ସାଙ୍ଗେ ଦେଖିବା। ଯିଏ ତତ୍ତ୍ୱଜ୍ଞାନୀ ଓ ମନ୍ତ୍ରଦ୍ରଷ୍ଟା, ସିଏ ଋଷି। କିନ୍ତୁ ଯିଏ ପ୍ରତ୍ୟେକ କାର୍ଯ୍ୟ କିମ୍ବା କଥା ଗଭୀର ଚିନ୍ତନ ମନନ କଲା ପରେ କରନ୍ତି, କୁହନ୍ତି ଓ ବାଣୀରେ ସଂଯମତା ଅବଲମ୍ବନ କରନ୍ତି, ସିଏ ମୁନି। ମନନଶୀଳ ଓ ମିତଭାଷୀ ବ୍ୟକ୍ତି ମୁନି ଅଟନ୍ତି। ତେବେ ଋଷି, ତତ୍ତ୍ୱଜ୍ଞାନୀ ଓ ମନ୍ତ୍ରଦ୍ରଷ୍ଟା ଏବଂ ମୁନି, ମନନଶୀଳ ଓ ମିତଭାଷୀ- ଉଭୟ ଜ୍ଞାନୀ, ବୈରାଗୀ, ତ୍ୟାଗୀ, ତପସ୍ୱୀ ଅଟନ୍ତି। ଉଭୟଙ୍କ ସ୍ୱଭାବରେ ସମାନତା ଥିବାରୁ ଦୁଇଟିଯାକ ଶବ୍ଦ ଏକା ଭଳି ଲାଗେ। ଶବ୍ଦକୋଷରେ ମଧ୍ୟ ଋଷିର ଅର୍ଥ ମୁନି ଓ ମୁନିର ଅର୍ଥ ଋଷି ଲେଖାଥିବା ଦେଖିବାକୁ ମିଳେ। କିନ୍ତୁ ଉଭୟ ଶବ୍ଦ ସମାନ ନୁହନ୍ତି। ସେଥିପାଇଁ ଲେଖିବା ବେଳେ ଋଷି, ମୁନି ଏକା ସାଙ୍ଗରେ ଲେଖାଯାଏ। ଦୁଇଟିଯାକ ଶବ୍ଦ ଏକା ଓ ବିଲ୍‌କୁଲ୍ ସମାନ ହୋଇଥିଲେ ଆମେ କିପରି ଲେଖନ୍ତେ; 'ଋଷିମୁନିମାନେ ଅରଣ୍ୟରେ ତପସ୍ୟା କରନ୍ତି' ଏବଂ କିପରି ଦାବି କରନ୍ତେ ଯେ ଏହି ବାକ୍ୟଟି ନିର୍ଭୁଲ ବୋଲି ? ଋଷି ଓ ମୁନି ଶବ୍ଦର ସୂକ୍ଷ୍ମ ଅନ୍ତର ହୃଦୟଙ୍ଗମ କରି ଉପଯୁକ୍ତ ବ୍ୟବହାର କଲେ ଓଡ଼ିଆ ଭାଷା ଓ ସାହିତ୍ୟ ବିକାରଗ୍ରସ୍ତ ହେବନାହିଁ, ବରଂ ଅଧିକ ଋଦ୍ଧିମନ୍ତ ହେବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ: ୭୯୭୮୨୮୩୧୯୦

# ପ୍ରଦୂଷଣ ଓ ମାନବ ଜୀବନ



ଉମାଶଙ୍କର ପ୍ରସାଦ

ପ୍ରଦୂଷଣ ମଣିଷ ସମାଜ ପାଇଁ ବର୍ତ୍ତମାନ ଚିନ୍ତାର ବିଷୟ ଭାବେ ଦେଖା ଦେଇଛି। ଏହି ପ୍ରଦୂଷଣର ବିକଟାଳ ରୂପ ଜଳ, ସ୍ଥଳ ଏବଂ ଆକାଶରେ ପରିବ୍ୟାପ୍ତ। ଅର୍ଥାତ୍ ପାଣି, ପବନ ଏବଂ ଖାଦ୍ୟରେ ଏହାର ଅନୁପ୍ରବେଶ ହେତୁ ଆମ ସମାଜ ଗୁରୁତର ଅବସ୍ଥାର ସମ୍ମୁଖୀନ ହେଉଛି। ଖାଦ୍ୟ, ପାଣି ଏବଂ ପବନ ହେଲା ଜୀବନର ପ୍ରକୃତ ସାର ସାମଗ୍ରୀ। ଏହାର ସଠିକ୍ ଉପଯୋଗ ବଳରେ ଆମ ଜୀବନ ସତେଜ ହୋଇଥାଏ। କିନ୍ତୁ ପ୍ରକୃତିର ଯେଉଁ ସବୁଜ ବଳୟ ଜୀବନକୁ ସତେଜ ରଖିଛି, ତାହା ଆଜି ଧ୍ୱଂସ ପାଇବା ଫଳରେ ପାଣି ଏବଂ ପବନ ସମେତ ଖାଦ୍ୟଶସ୍ୟ ପୂରା ପ୍ରଭାବିତ ହୋଇ ଜୀବନକୁ ଧୀରେ ଧୀରେ କୀଟନାଶକ ଔଷଧ ପରି ବିନାଶ କରି ଚାଲିଛି। ଆଜକୁ କିଛି ବର୍ଷ ପୂର୍ବେ ପ୍ରଦୂଷଣ ବିଶେଷଜ୍ଞମାନେ ଏକ ସର୍ଭେ ଆଧାରରେ ପ୍ରଦାନ କରିଥିବା ଏକ ବିବରଣୀ ଅନୁସାରେ, ଦେଶର ପ୍ରମୁଖ ୪ଟି ବଡ଼ ସହର , ୨୮ଟି ଛୋଟ ସହର ସମେତ ସମୁଦାୟ ୪୫୦ ଭାରତୀୟ ସହର ଏବଂ ନଗର ପ୍ରଦୂଷଣ ପରିପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ବାଧ୍ୟ ହେଉଛନ୍ତି। ଦିନକୁ ଦିନ ଚାରିଆଡ଼େ ଦ୍ରୁତ ଗତିରେ ସହର ବଜାର ଗଢ଼ି ଉଠିବା ଫଳରେ ସହରବାସୀ ବାଧ୍ୟ ହୋଇ ପ୍ରଦୂଷଣ ପରିପୂର୍ଣ୍ଣ ଜୀବନ ବିତାଉଛନ୍ତି। ଜୀବନ ପ୍ରତି ଯେଉଁ ସାମଗ୍ରୀର ପ୍ରୟୋଜନୀୟତା ଓ ଅପରିହାର୍ଯ୍ୟ ଭୂମିକା ରହିଛି, ସେ ସବୁଥିରେ ପ୍ରଦୂଷଣ ତଥା ସଂକ୍ରମଣ ଭରି ରହିଛି। ଜାତିସଂଘ ଆନ୍ତଃ ସରକାରୀ ପ୍ୟାନେଲ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତରେ ଏକ ସବିଶେଷ ତଥ୍ୟ ପ୍ରକାଶ କରିଥିଲେ, ଯାହାର ୧୩୦ଟି ଦେଶରୁ ୨୫୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ସଦସ୍ୟ ଅଛନ୍ତି। ସେମାନେ ମତବ୍ୟକ୍ତ କରିଥିଲେ ଯେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ପୃଥିବୀ ପୃଷ୍ଠରେ ଥିବା ଜୀବ ସତ୍ତାକୁ ଲୋପ କରିଦେଇ ପାରେ। ସେମାନେ ମଧ୍ୟ କହିଛନ୍ତି ଯେ ପୃଥିବୀରେ ତାପମାତ୍ରା ସମ୍ଭବତଃ ୧.୧ ସେଣ୍ଟିଗ୍ରେଡରୁ ୬.୪ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ମାତ୍ର ବର୍ତ୍ତମାନ ଆମ ବିଶ୍ୱର ତାପମାତ୍ରା ୧୦. ୦୯ ଡିଗ୍ରୀ ଅଛି, ଯାହା ଚିନ୍ତାର ବିଷୟ।

ବର୍ତ୍ତମାନ ବାୟୁମଣ୍ଡଳରେ ପ୍ରଦୂଷଣ ସଞ୍ଚରି ଯିବା ଯୋଗୁଁ ବହୁ ସୁସ୍ଥ ଜୀବନ ପ୍ରଭାବିତ ହେଉଛନ୍ତି। ଯାନବାହନ, କଳକାରଖାନା ଏବଂ ପରିବାରମାନଙ୍କ ଦ୍ୱାରା ବ୍ୟବହୃତ ଇନ୍ଧନ ଆଦିରୁ ନିର୍ଗତ ବାଷ୍ପ ପ୍ରଦୂଷଣ ପାଇଁ ସମ୍ପୂର୍ଣ୍ଣ ଦାୟୀ। ଯାନବାହନ ବହୁ ପରିମାଣରେ ବାୟୁମଣ୍ଡଳକୁ ଦୂଷିତ କରୁଛି। ଏହି ପ୍ରଦୂଷିତ ବାୟୁ ଜ୍ୱର, ବାନ୍ତି, ମୁଣ୍ଡ ବ୍ୟଥା, ଫୁସଫୁସ୍‌ଜନିତ କର୍କଟ ରୋଗ, ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବା ସମସ୍ୟା ଆଦି ରୋଗ ସୃଷ୍ଟି କରିଥାଏ। ଆଜି ଦିଲ୍ଲୀ ସହରରେ ପ୍ରଦୂଷଣ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଲକ୍ଷ ଲକ୍ଷ ରୁଗ୍‌ଣ ଯାନବାହନ ସହରବାସୀଙ୍କ ପାଇଁ ଭୟଙ୍କର ବିଷାକ୍ତ ବାଷ୍ପ ଦୈନନ୍ଦିନ ନିର୍ଗତ କରି ଚାଲିଛି। ସରକାର ଦିନକୁ ଦିନ ବଡ଼ ବଡ଼ କଳକାରଖାନା ବସାଇବା ପାଇଁ ବିଭିନ୍ନ ଶିଳ୍ପୋଦ୍ୟୋଗୀମାନଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ କରି ବାଃ ବାଃ ସାଉଣ୍ଟିବାରେ ଲାଗିଛନ୍ତି। ଏହି କଳ କାରଖାନାରୁ ନିର୍ଗତ ଧୂଆଁ ଏବଂ ରାସାୟନିକ ପଦାର୍ଥ ଯୋଗୁଁ ଜଳ ପ୍ରଦୂଷିତ ହେବାରେ ଲାଗିଛି। ଏପରିକି ବିଭିନ୍ନ ଧର୍ମଶାସ୍ତ୍ର ବିମଣ୍ଡିତା ପବିତ୍ର ପାପନାଶିନୀ ଗଙ୍ଗାର ଜଳ ସବୁଠୁ ବେଶୀ ପ୍ରଦୂଷଣପୂର୍ଣ୍ଣ। ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହିତ ତାଳ ଦେଇ ଜନସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବଢ଼ି ଚାଲିଛି। ୧୯୪୭ ମସିହା ବେଳକୁ ଏହା ୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ଥିଲାବେଳେ ଆଜି ତାହା ୧୪୬ କୋଟିରୁ ଊର୍ଦ୍ଧ୍ୱକୁ ଛୁଇଁଲାଣି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗମନାଗମନ ଓ ଭିତ୍ତିଭୂମି ଆଦି ଅନେକ କ୍ଷେତ୍ରରେ ଉତ୍ସାହଜନକ ପରିବର୍ତ୍ତନ ଆସି ପାରିଛି। ଆଧୁନିକ ବାବୁମାନଙ୍କ ଦ୍ୱାରା ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବର୍ତ୍ତମାନ ଆମ ଦେଶ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଛି। ଲୋକମାନେ ପ୍ଲାଷ୍ଟିକ୍ ବ୍ୟାଗ୍, ପ୍ଲାଷ୍ଟିକ୍ ଚଦର ବ୍ୟବହାର ପରେ ସହରର ବିଭିନ୍ନ ସ୍ଥାନରେ ଫୋପାଡ଼ି ଦେବା ଫଳରେ ସେଗୁଡ଼ିକ ମାଟିରେ ମିଳାଇ ନ ପାରିବା ଯୋଗୁଁ ଭୂମିର ଆର୍ଦ୍ରତା ହ୍ରାସ, ଭୂତଳ ଜଳସ୍ତର ହ୍ରାସ, ବିଭିନ୍ନ ଜଳ ଉତ୍ସଗୁଡ଼ିକ ଦୂଷିତ ହେବା ସାଙ୍ଗକୁ ସେସବୁ ବହୁଳ ପରିମାଣରେ ଜମା ହେବା ଫଳରେ ନାଳ, ନର୍ଦ୍ଦମା, କେନାଲ, ଡ୍ରେନ୍ ଓ ନଦୀ ଶଯ୍ୟାରେ ଜଳ ପ୍ରବାହ ବାଧା ପାଇବା ଭଳି ସମସ୍ୟା ଦେଖା ଦେଇଛି। ଏହି ସମସ୍ୟାକୁ ହୃଦୟଙ୍ଗମ କରି ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ବିଚାରପତି ଉଭୟ ରାଜ୍ୟ ସରକାର ଓ ଗଙ୍ଗା ନଦୀ ଅବବାହିକା କର୍ତ୍ତୃପକ୍ଷଙ୍କୁ ୩ ମାର୍ଚ୍ଚ, ୨୦୧୦ରେ ପଲିଥିନ ନିଷେଧ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଭାରତରେ ଏବେ ୫ ଶହରୁ ଊର୍ଦ୍ଧ୍ୱ ଛୋଟ ବଡ଼ ସହର ରହିଛି ଏବଂ ଏହି ସହରଗୁଡ଼ିକର ଜନସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି, ଯାହା ଫଳରେ ବର୍ଷକୁ ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁର ପରିମାଣ ୫ କୋଟି ଟନ୍‌ରୁ ବୃଦ୍ଧି ପାଇ ୨୦୪୭ ମସିହା ବେଳକୁ ୨୬ କୋଟି ଟନ୍‌ରେ ପହଞ୍ଚିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ପ୍ରଦୂଷଣର ଆଉ ଏକ ପ୍ରମୁଖ କାରଣ ହେଲା ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ। ଏହି ଇଲକ୍ଟ୍ରୋନିକ ବର୍ଜ୍ୟବସ୍ତୁଗୁଡ଼ିକରୁ ପୁଣି ଥରେ ବ୍ୟବହାର ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରାଯିବା ଉପାୟ ବାବଦରେ ଇଣ୍ଡୋନେସିଆର ବାର୍ଲି ଦ୍ୱୀପଠାରେ ଗତ ୨୨ ଫେବୃଆରୀ ୨୦୧୦ରେ ଆନ୍ତର୍ଜାତିକ ପରିବେଶବିତ୍‌ମାନଙ୍କର ଏକ ସପ୍ତାହବ୍ୟାପି ସଭା ଅନୁଷ୍ଠିତ ହୋଇ ଏହି ସଭାର ବିବରଣୀ ଅନୁସାରେ ୨୦୨୦ ମସିହା ବେଳକୁ ଏହି ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁର ପରିମାଣ ଦକ୍ଷିଣ ଆଫ୍ରିକା ଓ ଚୀନ୍‌ରେ ୨୦୦ରୁ ୪୦୦ ପ୍ରତିଶତ ବୃଦ୍ଧି ପାଇବା ସହ ଏହା ଭାରତରେ ୨୦୨୫ ମସିହା ବେଳକୁ ୬୦୦ ପ୍ରତିଶତକୁ ବୃଦ୍ଧି ପାଇବ। ଭାରତ ବର୍ତ୍ତମାନ ବର୍ଷକୁ ୩,୮୦.୦୦୦ ଟନ୍‌ରୁ ଊର୍ଦ୍ଧ୍ୱ ଇଲକ୍ଟ୍ରୋନିକ ବର୍ଜ୍ୟବସ୍ତୁ ସୃଷ୍ଟି କରୁଛି। ସେଥିମଧ୍ୟରୁ ରେଫ୍ରିଜରେଟରରୁ ୧୦୦,୦୦୦ ଟନ୍, ଟେଲିଭିଜନରୁ ୨୭୫,୦୦୦ ଟନ୍, ପର୍ସନାଲ କମ୍ପ୍ୟୁଟରରୁ ୫୬,୦୦୦ ଟନ, ପ୍ରିଣ୍ଟରରୁ ୪,୭୦୦ ଟନ୍ ଓ ମୋବାଇଲ ଫୋନରୁ ୧,୭୦୦ରୁ ଊର୍ଦ୍ଧ୍ୱ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି। ଏହି ଇ-ବର୍ଜ୍ୟବସ୍ତୁର ପରିଚାଳନାକୁ ନିୟନ୍ତ୍ରିତ କରିବା ପାଇଁ ଆମ ଭାରତବର୍ଷରେ କୌଣସି ଇ-ବର୍ଜ୍ୟବସ୍ତୁ ଆଇନ ନାହିଁ। ଗତ ସେପ୍ଟେମ୍ବର ୨୦୦୯ରେ ଏମ୍ଏଆଇଟି, ଜିଟିଜେଡ୍, ଗ୍ରୀନ୍‌ପିସ୍ ଏବଂ ଟ୍ୟାକ୍ସିକ୍ସ ଲିଙ୍କ୍ ମିଳିତ ଭାବେ ଭାରତ ସରକାରଙ୍କୁ ଏହି ଇ-ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଏକ ଚିଠା ପ୍ରସ୍ତାବ ଦେଇ ସାରିଛନ୍ତି। ଶେଷକୁ ଏତିକ ମାତ୍ର କୁହା ଯାଇପାରେ ଯେ ପ୍ରଦୂଷଣକାରୀ ଶିଳ୍ପ କାରଖାନାଗୁଡ଼ିକୁ ସହରଠାରୁ ଦୂର ଜାଗାରେ ପ୍ରତିଷ୍ଠିତ କରାଯିବା ଦରକାର। ସରକାର ଉପରୋକ୍ତ ବିଷୟକୁ ବିଚାରକୁ ନେଇ ବିହିତ ପଦକ୍ଷେପ ନେବା ଦରକାର ଓ ତତ୍ ସହିତ ସମସ୍ତ ଜନତା ଏହି ବିପଦରୁ ମୁକ୍ତି ପାଇବା ପାଇଁ ନିଜେ ନିଜକୁ ସଜାଡ଼ିବା ସହ ବୃକ୍ଷ ରୋପଣ ଉପରେ ଅଧିକ ପ୍ରାଧାନ୍ୟ ଦେବା ଦରକାର।




ସ୍ତମ୍ଭକାର, ଖୋର୍ଦ୍ଧା
ମୋ: ୬୩୭୦୬୭୫୫୬୨

**ସମ୍ପାଦକଙ୍କୁ ପତ୍ର**

## ଜୀବଜନ୍ତୁଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ

ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ନିଦାଘରେ ଉତ୍ପୀଡ଼ିତ ନିରାଶ୍ରୟ ବୁଲା ଗାଈଗୋରୁ ଓ କୁକୁର ପ୍ରଭୃତି ପ୍ରାଣୀମାନେ ଶୋଷରେ ଓ ଆଶ୍ରୟ ପାଇଁ ବ୍ୟାକୁଳ ହୋଇ ଯାଉଛନ୍ତି। ସହରାଞ୍ଚଳରେ ମୁକ୍ତ ଜଳାଶୟ ନଥିବାରୁ ସେମାନଙ୍କ ତୃଷା ମେଣ୍ଟିବା ପ୍ରାୟ ଅସମ୍ଭବ ହୋଇ ଯାଉଛି। ସେମାନଙ୍କୁ ଆଶ୍ରୟସ୍ଥଳ ଯୋଗାଇବା କ୍ଷେତ୍ରରେ ବ୍ୟକ୍ତିସ୍ତରୀୟ କିମ୍ବା ଦାତବ୍ୟ ଅନୁଷ୍ଠାନଙ୍କ ଉଦ୍ୟମ ଖୁବ୍ ବିରଳ, ସମୁଦ୍ରକୁ ଶଙ୍ଖେ ସଦୃଶ। ରାଜ୍ୟ ସରକାର ସହରମାନଙ୍କରେ ପ୍ରାଣୀ ଆଶ୍ରୟସ୍ଥଳ ଯୋଜନାକୁ ଅଗ୍ରାଧିକାର ଦେବାକୁ ଆଶା ଓ ଅନୁରୋଧ। ଖରା, ବର୍ଷା, ଖାଦ୍ୟାଭାବ, ରୋଗ ଯନ୍ତ୍ରଣା, ଚିକିତ୍ସାହୀନତା ଓ ଆହତ ହୋଇ ଅସହାୟ ଅବସ୍ଥାରେ ମୃତ୍ୟୁର ଅପେକ୍ଷା ଏମାନଙ୍କୁ କବଳିତ କରୁଛି। ବିଭିନ୍ନ ପୌର ସଂସ୍ଥା ଓ ରାଜ୍ୟ ପ୍ରାଣୀ ମଙ୍ଗଳ ବିଭାଗ କାଳ ବିଳମ୍ବ ନକରି ପ୍ରାଣୀ ଆଶ୍ରୟସ୍ଥଳ ଯୋଜନାର ସଫଳ ରୂପାୟନ କରିବାକୁ ଅନୁରୋଧ।

ବନ୍ଦିତା ମହାନ୍ତି, ବାଲୁଅ,
ରାମକୃଷ୍ଣପୁର, ଭଦ୍ରକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

## ରକ୍ତଦାନ ଶିବିର

**ପୁରୀ,୧୧।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ-୨୦୨୬ ଆନୁକୂଲ୍ୟରେ ସ୍ଥାନୀୟ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ଯୁବ ରେଡ଼କ୍ରସ ବିଭାଗ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଛାତ୍ର, ଛାତ୍ରୀଙ୍କୁ ଅବଗତ କରାଇ ଥିଲେ । ରେଡ଼କ୍ରସ ବିଭାଗ, ଜିଲ୍ଲା ଆବାହକ ଶୋଭନା ତ୍ରିପାଠୀ, ମହାବିଦ୍ୟାଳୟ ଅଧିନସ୍ଥ ରେଡ଼କ୍ରସ ସଂଯୋଜିକା ଡ. ସଂଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୪ ୟୁନିଟ ରକ୍ତସଂଗ୍ରହ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସକ୍ରିୟ ଅଂଶଗ୍ରହଣ ସହ ବିପୁଳ ଉତ୍ସାହ ଉଦ୍ଦୀପନାରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।



# ସରିଲା ବାହାର ରତ୍ନଭଣ୍ଡାର ଗଣତିମଣତି



**ପୁରୀ,୧୧।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଆଜି ଶନିବାର 'ଦ୍ୱିତୀୟ ପର୍ଯ୍ୟାୟ: ଚତୁର୍ଥ ଦିନରେ କଡା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖାଯାଇ ଶେଷ ହୋଇଛି ବାହାର ରତ୍ନଭଣ୍ଡାର ରେ ବାକିଥିବା ଗଚ୍ଛିତ ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ । ଆଜି ବାହାର ରତ୍ନ ଭଣ୍ଡାର ଗଣତି କାର୍ଯ୍ୟ ପାଇଁ ପ୍ରାଧୀକୃତ ସଦସ୍ୟ ମାନେ ପୂର୍ବଦିନ ମାନଙ୍କ ପରି ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସଭାକକ୍ଷ ଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହେବାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ,ଡ଼.ଅରବିନ୍ଦ ପାଢୀ ଏବଂ ରତ୍ନଭଣ୍ଡାର ଭଣ୍ଡାର ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଜଷ୍ଟିସ ରଥ ଙ୍କ ନେତୃତ୍ୱରେ ଉପ ମୁଖ୍ୟା ପ୍ରଶାସକ ତଥା ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ, ରତ୍ନ ଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ଘ.୧୦.୩୫ ମିନିଟରେ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ବାହାରି ଘ.୧୦.୪୧ ମିନିଟରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ । ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ମାନେ ପାରମ୍ପରିକ ପୋଷାକ ପରିଧାନ ପରେ ମୁଖ୍ୟ ପ୍ରଶାସକ ଗଣତି ପ୍ରକ୍ରିୟାରେ ସାମିଲ ପ୍ରାଧିକୃତ ସଦସ୍ୟ ମାନଙ୍କୁ ବାହାର ରତ୍ନଭଣ୍ଡାର ରେ ଗଚ୍ଛିତ ଥିବା ବାକି ରହିଥିବା ରତ୍ନ ଅଳଙ୍କାର ଗୁଡ଼ିକର ଗଣତି କାର୍ଯ୍ୟ ସହ ଭଣ୍ଡାର ମେକାପଙ୍କ ଅନୁରୋଧ କ୍ରମେ ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ପୂର୍ବରୁ ବାହାର ରତ୍ନଭଣ୍ଡାର ଦେଇ ଭିତର ରତ୍ନ ଭଣ୍ଡାରକୁ ଯିବା ବେଳେ ବାହାର ରତ୍ନ ଭଣ୍ଡାର ବାହାରେ ଥିବା ଲୁଗା ସାମଗ୍ରୀ ଗୁଡିକୁ ନୂତନ ଆଲମିରାରେ ରଖାଯାଇ ଅବରୋଧ ମୁକ୍ତ କରିବାକୁ ହେବ,ଏଣୁ ଉକ୍ତ ଲୁଗା ଆଲମିରା ଦୋୟକୁ ବାହାର ରତ୍ନଭଣ୍ଡାର ନିକଟକୁ ଆଣିବା କାର୍ଯ୍ୟ ଶେଷ କରିବା । ଏଣୁ ସମସ୍ତ ସଦସ୍ୟ ବୃନ୍ଦ ଆଜିର ଗଣତି କାର୍ଯ୍ୟକୁ ନିଷ୍ଠାର ସହ ସମର୍ପଣ ଭାବ ନେଇ ଅନୁମୋଦିତ ମାର୍ଗଦର୍ଶିକା ପ୍ରକାରେ ସମ୍ପାଦନ କରିବା ବୋଲି ସଦସ୍ୟ ମାନଙ୍କୁ ସମ୍ବୋଧିତ କଲାପରେ ଶ୍ରୀମନ୍ଦିର ପାର୍ଶ୍ୱ ଦେବାଦେବୀ ମନ୍ଦିର ଦର୍ଶନ ଆଶିଷ ନେଇ ବେହରଣ ଦ୍ୱାର ଠାରେ ସ୍ଥାପିତ ମେଟାଲ ଡିଟେକ୍ଟରର ଦ୍ୱାରା ଯାଞ୍ଚ ପରେ ସ୍ୱାକ୍ଷର ଦେଇ ଗଣତି ପ୍ରକ୍ରିୟାରେ ସାମିଲ ସଦସ୍ୟ ମାନେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୂର୍ବାହ୍ନ ଘ.୧୧.୩୦ ମିନିଟରେ ରତ୍ନଭଣ୍ଡାର ଦ୍ୱାର ଖୋଲାଯାଇଥିଲା । ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ସନ୍ଧ୍ୟା ୬ଟା ୩୫ ମିନିଟରେ ବନ୍ଦ କରାଯାଇ ମୁଦ ଦିଆଯାଇଥିଲା । ଉକ୍ତ ପ୍ରକ୍ରିୟାରେ ସମସ୍ତ ରେକର୍ଡିଂ ଡାଟା ଚିପ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖାଯାଇଥିଲା । ଏହି ଅବସରରେ ସମସ୍ତ ସେବକ, ନିୟୋଜିତ ଅଧିକାରୀ ବ୍ୟକ୍ତି ବିଶେଷ ତଥା ଭକ୍ତଗଣଙ୍କ ଅକୁଣ୍ଠିତ ସହଯୋଗ ପାଇଁ କୃତଜ୍ଞତା ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ ମୁଖ୍ୟ ପ୍ରଶାସକ ଡ଼.ଆରବିନ୍ଦ ପାଢ଼ୀ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଡେଲାଙ୍ଗ,୧୧।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ଥାନା ଅଞ୍ଚଳର ଜୁଇଲୁଣ୍ଡା ଗ୍ରାମରୁ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଡେଲାଙ୍ଗ ପୋଲିସ ଉଦ୍ଧାର କରିଛି । ସେ ହେଲେ ରଜନୀକାନ୍ତ ଜେନା(୨୭) । ମିଳିଥିବା ସୂଚନା ଅନୁଯାୟୀ ଜୁଇଲୁଣ୍ଡା ଗ୍ରାମ୍ୟ ରାସ୍ତା କଡରେ ଥିବା ବୁଦାଳିଆ ତଥା ଜଙ୍ଗଲିଆ ସ୍ଥାନକୁ ସକାଳୁ ଶୌଚହେବା ପାଇଁ ଯାଇଥିବା ଜଣେ ମହିଳା ଏକ କଇଁଆ ଗଛରେ ଯୁବକ ଜଣକଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ । ଏ ନେଇ ପୋଲିସକୁ ଖବର ଦେବାରେ ଘଟଣାସ୍ଥଳରେ ପିପିଲି ଏସଡିପିଓ ଦେବାଶିଷ୍ ମିଶ୍ର, ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ, ଡେଲାଙ୍ଗ ହାଟ ଫାଣ୍ଡିଅଧିକାରୀ ନାରାୟଣ ବେହେରା,ଏସଆଇ ସୁଧାଂଶୁ ବାରିକ୍ ସଦଳବଳେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ । ତେବେ ମୃତଦେହଟି ଗଛର ମୂଳଠାରୁ ୧୫ ଫୁଟ ଉପରେ ଏକ ଡାଳରେ ଗାମୁଛା ଦ୍ୱାରା ଝୁଲିଥିବା ବେଳେ ଗଛମୂଳରେ ଚପଲ ରହିଛି । ଅନ୍ୟପଟେ ଗତ ସନ୍ଧ୍ୟାରୁ ମୃତ ଯୁବକ ଜଣକ ଘରକୁ ନଫେରିବାରେ ପରିବାର ଲୋକେ ଓ ସାଙ୍ଗସାଥି ରାତିରେ ଖୋଜାଖୋଜି କରିଥିଲେ । ସକାଳୁ ଏହି ଖବର ପାଇବା ପରେ ତାଙ୍କ ପୁଅକୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ । ପୁରୀରୁ ସନ୍ଧାନୀ କୁକୁର ଓ ସାଇନଟିଫିକ୍ ଘଟଣା ସ୍ଥଳରେ ପହଞ୍ଚି ମୃତ୍ୟୁର କାରଣ ନେଇ ତଦନ୍ତ ଆରମ୍ଭ କରିଛି ।

## ଗ୍ୟାସ୍ ପାଇଁ ଖରାରେ ଶିଝିଲେ ଲୋକେ, ରାତି ୩ଟାରୁ ଧାଡ଼ି

**ଟାଙ୍ଗୀ,୧୧।୪/ଏନ୍ଏନ୍ଏସ୍:** ଦେଶରେ ଏବେ ଗ୍ୟାସ ସଙ୍କଟ ଲାଗିଥିବାବେଳେ ଓଡିଶାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିବା ସହ ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ହେଲେ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଗ୍ୟାସ୍‌ର ସମସ୍ୟା ନାହିଁ ବୋଲି ଗଣ ମାଧ୍ୟମରେ ପ୍ରତିକ୍ରିୟା ଦେବା ବାଚାଳାମୀ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ଯାହା କୁ ସାଲେପୁର ନିର୍ବାଚନ ମଣ୍ଡଳୀ ଗୋପିନାଥପୁର ଇଣ୍ଡିଆନ୍ ଗ୍ୟାସ ଡିପୁରେ ରାତି ୩ଟାରୁ ଗ୍ୟାସ ପାଇଁ ଭିଡ ଲାଗିଥିବା ବେଳେ ୨୦୦ ଗ୍ୟାସ ଦେଇ ଡିପୁ ବନ୍ଦ କରିଦେବାରୁ କଳାବଜାରୀ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ଏଥିସହ ଦୀର୍ଘସମୟ ଧରି ଖରାରେ ଠିଆ ହୋଇ ରହିବା ପରେ ରାସ୍ତାରୋକ କରିଥିଲେ । ତେବେ ଡିପୁରେ ଗ୍ୟାସ ବାଟମାରଣା କରାଯାଉଥିବା ବେଳେ ଜନସାଧାରଣ ଗ୍ୟାସ ନ ପାଇଁ ହିନସ୍ତା ହେଉଛନ୍ତି ବୋଲି ଗ୍ୟାସ ପାଇଁ ଆସିଥିବା ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ ।

## ଚାରିଛକ ଥାନା ମେଳଣ ପ୍ରସ୍ତୁତି

**ଚାରିଛକ,୧୧।୪/ଏନ୍ଏନ୍ଏସ୍:** ଚାରିଛକ ଥାନା ମେଳଣ ନିମନ୍ତେ ଆଜି ଏକ ପ୍ରସ୍ତୁତୀ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଶୋଭରାଜ ପ୍ରୀୟଦର୍ଶୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏଏସଆଇ କୈଳାସ ପ୍ରଧାନ, ଏସଆଇ ଇନ୍ଦୁଲତା ମିଶ୍ର,ଏଏସଆଇସବିତା କୁମାରୀ ଦେବୀ,ଏଏସଆଇ ବୁଦ୍ଧୁରାମ ମୁର୍ମୁକ ସମେତ ଚାରିଛକ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଆସନ୍ତା ୨୦ ତାରିଖ ଅକ୍ଷୟତୃତୀୟା ଦିନ ସ୍ୱମନ୍ଦିରରୁ ଠାକୁରଙ୍କୁ ଏକ ସୁସଜୀତ ବିମାନରେ ବିରାଜମାନ କରାଇ ବାଜା ବଜାଇ ଆତସବାଜୀ ଫୁଟାଇବା ସହ ନାମ ସଂକୀର୍ତନ,ଘୋଡାନାଚ ଆଦି ଠାକୁରଙ୍କ ସମ୍ମୁଖରେ ପରିବେଷଣ ହୋଇଥାଏ । ଚାରିଛକ ବଜାର, ଓରପଟ, ବ୍ରହ୍ମକୁଣ୍ଡୀ ଆଦି ଗ୍ରାମରେ ଶ୍ରଦ୍ଧାଳୁଙ୍କ ଘରୁ ଭୋଗଲାଗି ହେବାପରେ ଥାନା ପରିସରରେ ଆସି ଠାକୁର ବିରାଜମାନ କରନ୍ତି । ସେଠାରେ ଭୋଗଲାଗୀ ପରେ ପୁର୍ନବାର ବିମାନରେ ଠାକୁରଙ୍କୁ ସ୍ୱମନ୍ଦିରକୁ ନିଆଯାଏ ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଚୌଦ୍ୱାର,୧୧।୪/ଏନ୍ଏନ୍ଏସ୍:** ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ସ୍ଥିତ କଲ୍ୟାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ସାହିତ୍ୟିକ ଦିବ୍ୟଜ୍ୟୋତି ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠାତା ଡଃ ତ୍ରିଦେବ ବେହେରା ମୁଖ୍ୟଅତିଥି, ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ଡଃ ଗଣେଶ ପ୍ରସାଦ ବେହେରା ମୁଖ୍ୟବକ୍ତା, ଶଙ୍କରପୁର ଗ୍ରାମପଂଚାୟତ ସରପଂଚ ପ୍ରମୋଦିନୀ ଖଟୁଆ ଓ ବ୍ରହ୍ମପୁର ପଂଚାୟତର ସମିତି ସଭ୍ୟା ପ୍ରତିଭାମୟୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ସମୃଦ୍ଧ କରିବାରେ ଶିଶୁମନ୍ଦିରର ଭୂମିକା ପ୍ରଶଂସନୀୟ ବୋଲି ମତପ୍ରକାଶ କରିଥିଲେ । ଏ ଅବସରରେ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଓଝାଙ୍କୁ 'ଆଦର୍ଶ ଶିକ୍ଷକ' ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ପାଦକ ସଞ୍ଜୟ କୁମାର ପରିଡ଼ା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ଅନିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ପୂର୍ବତନ ସଭାପତି ବିନୋଦ କୁମାର ବରାଳ, ଜୟନ୍ତ କୁମାର ପାତ୍ର, ରାଜ୍ୟ ଆର. ଆଇ ସଂଘର ସଭାପତି ସୁଚନ୍ଦ୍ର ମହାନ୍ତି, ସମିତି ସଭ୍ୟ ଦେବୀରଞ୍ଜନ ସ୍ୱାଇଁ, ଯୁବନେତା ସରୋଜ କୁମାର ଖଟୁଆ ଓ ଅମରେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ କୋଷାଧ୍ୟକ୍ଷ ମୋହନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳମାଧବଙ୍କ ମନ୍ଦିରରେ ଥଣ୍ଡା ପାନୀୟଜଳ ବ୍ୟବସ୍ଥା

**କଣ୍ଟିଲୋ,୧୧।୪/ଏନ୍ଏନ୍ଏସ୍:** ବର୍ତ୍ତମାନର ଗ୍ରୀଷ୍ମ ଋତୁର ଅସହ୍ୟ ରୌଦ୍ରତାପ ଓ ଅକଥନୀୟ ଗରମ ସମୟେ ନୀଳମାଧବଙ୍କ ମନ୍ଦିର ଉପରେ ଶ୍ରଦ୍ଧାଳୁ,ଭକ୍ତ, ପର୍ଯ୍ୟଟକ ଓ ସେବାୟତଙ୍କ ସମେତ ସାଧାରଣ ଜନତାଙ୍କ ସେବା ପାଇଁ ଆଜି ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ପାଇଁ ମନ୍ଦିର ଉପରେ ଭୋଲଟାସ କମ୍ପାନୀର ଏକ ଆକ୍ୱା ୱାଟର୍ ଫିଲ୍‌ଟର୍ ମେସିନ ସ୍ଥାପନ ହୋଇଛି । ସୂଚନାରୁ ଜଣାପଡିଛି ଯେ, ମନ୍ଦିର ଉପରେ ଥଣ୍ଡା ପାଣି ମୁହାଏ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କୁ ଯୋଗାଇବା ପାଇଁ ନୟାଗଡ଼ ରୋଟାରୀ କ୍ଲବ ତରଫରୁ ଡୋନେଟ ହୋଇଥିବା ମେସିନଟି ଲାଗିବା ଦିନଠାରୁ ଖରାପ ହୋଇ ରହିଥିଲା । ଦେବୋତ୍ତର ବିଭାଗ ଶ୍ରୀ ଜିଉଙ୍କ ନିଜସ୍ୱ ଅର୍ଥ ଖର୍ଚ୍ଚକରି ମନ୍ଦିର ଉପରେ ସର୍ବ ସାଧାରଣଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇଦେବାକୁ ବହୁବାର ଅବଗତ କରିବା ଏବଂ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲେ ମଧ୍ୟ ସୁଫଳ ମିଳିନଥିଲା । ମନ୍ଦିର ଉପରେ ଥଣ୍ଡା ପାନୀୟ ପାଇଁ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ହାହାକାର ହେଉଥିବା ସମ୍ପର୍କେ ଖବର ପ୍ରସାରିତ ହେଉଥିବାକୁ ହୃଦ୍‌ବୋଧ କରି ଆଜି ଭୁବନେଶ୍ୱର ମାରୱାଡ଼ି ଯୁବମଞ୍ଚ ତରଫରୁ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟଜଳର ବ୍ୟବସ୍ଥା କରାଯାଇଛି । ଏହି ଥଣ୍ଡା ପାନୀୟ ଜଳ ମେସିନ ସ୍ଥାପନକୁ ରାଜ୍ୟ ବିଜେପି ଯୁବମୋର୍ଚ୍ଚାର ସଭାପତି ତଥା ଏହି ଗ୍ରାମର ସୁଯୋଗ୍ୟ ସନ୍ତାନ ଯୁବନେତା ଅଭିଲାଷ ପଣ୍ଡା ଉଦ୍ଘାଟନ କରିଥିବାବେଳେ ଡୋନେଟ୍ କରିଥିବା ମାରୱାଡ଼ି ଯୁବ ମଞ୍ଚ ଭୁବନେଶ୍ୱରର ସଭାପତି ଜଗମୋହନ ପେଡ଼ିୱାଲ୍, ଅରୁଣ ଅଗ୍ରୱାଲ ଉପସଭାପତି (ମଣ୍ଡଳ ୧) ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବମଞ୍ଚ, ପୂର୍ବତନ ସଭାପତି ହରିଶ ଅଗ୍ରୱାଲା ଓ ପରାଗ ଅଗ୍ରୱାଲା ଉପସ୍ଥିତ ଥିଲେ ।

## ଓଭରଟେକ୍ ବେଳେ ରାସ୍ତା ପାର୍ଶ୍ୱକୁ ଖସିପଡ଼ିଲା ଦୁଇ ବସ୍

**ସାଲେପୁର,୧୧।୪/ଏନ୍ଏନ୍ଏସ୍:** ଦୁଇଟି ବସ ପ୍ରତିଯୋଗିତା କରି ଯାଉଥିବା ବେଳେ ଓଭରଟେକ୍ ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସି ପଡ଼ିଥିବା ଜଣାପଡ଼ିଛି । ଏଥିରେ ଅଳ୍ପକେ ସମସ୍ତ ଯାତ୍ରୀ ବର୍ତ୍ତି ଯାଇଥିବା ଜଣାପଡିଛି । ଜଣେ ଆହତ ହୋଇ କଟକ ମେଡ଼ିକାଲ ଯାଇଥିବା ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା କହିଛନ୍ତି । ଘଟଣାରୁ ପ୍ରକାଶ ସାଲେପୁର ଥାନା ଅନ୍ତର୍ଗତ କଟକ ସାଲେପୁର ମୁଖ୍ୟ ରାସ୍ତାର ଭାତପଡା ଛକ ନିକଟରେ ଆଜି ସକାଳେ ଦୁଇ ଗୋଟି ଘରୋଇ ବସ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ଦୁର୍ଘଟଣା ଗ୍ରସ୍ତ ଉଭୟ ବସର ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ । ସେଥିରୁ ବିଶେଷ କିଛି ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇ ଥିବା ଜଣାପଡିଛି । ସୂଚନା ମୁତାବକ ମହାଲକ୍ଷ୍ମୀ ଓ ପପୁ ନାମକ ଦୁଇ ଗୋଟି ବସ୍ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିଲେ । ରାସ୍ତାରେ କିଏ ଆଗରେ ଯିବାର ପ୍ରତିଯୋଗିତା ମନୋଭାବ ଯୋଗୁଁ ଏହିଭଳି ଅବସ୍ଥା ଉପୁଜିଥିବା ଜଣାପଡିଛି । ଅର୍ଥାତ ଓଭର ଟେକ୍ ହିଁ ବିପଦର କାରଣ ସାଜିଛି ବୋଲିକୁହାଯାଉଛି । ମହାଲକ୍ଷ୍ମୀ ନାମକ ବସ୍ ପପୁ ବସ୍‌କୁ ହଠାତ ଓଭରଟେକ୍ କରିବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ବସ୍ ମାଲିକମାନଙ୍କର ଟାଇମିଙ୍ଗ୍ ଓ ଅଧିକ ଟଙ୍କା ରୋଜଗାର କରିବାର ଲକ୍ଷ୍ୟ ଏବଂ ପ୍ରତିଯୋଗିତା ମନୋଭାବ ହିଁ ଏହି ଭଳି ଦୁର୍ଘଟଣାର କାରଣ ବୋଲି ଆହତ ଯାତ୍ରୀ କୁହନ୍ତି । ଏମାନଙ୍କର ଏଭଳି ରାସ୍ତାରେ ପ୍ରତିଯୋଗିତାରେ ଗାଡି ଚାଳନା ଯୋଗୁ ସାଧାରଣ ଲୋକ ଯିବା ଆସିବା କରିବା ପାଇଁ ନିରାପଦ ମନେ କରୁନାହାନ୍ତି । ଏ ଦିଗରେ ପରିବହନ ବିଭାଗ ଦୃଷ୍ଟି ଦେଇ ଏମାନଙ୍କ ଉପରେ ଅଙ୍କୁଶ ଲଗାଇବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ଅଟୋ ଓଲଟି ୭ ଦଣ୍ଡୁଆ ଆହତ, ୩ ଗୁରୁତର



**ଖଣ୍ଡପଡ଼ା,୧୧।୪/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲାର ଭାପୁର ବ୍ଲକ ଅଧୀନ ବଡସହରା ପଞ୍ଚାୟତ ପାଟଣା ଜାମୁସାହି ଗ୍ରାମରୁ ମାନସିକଧାରୀ ଦଣ୍ଡୁଆମାନଙ୍କୁ ନେଇ ଯାଇଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିବାରୁ ଉକ୍ତ ଅଟୋରେ ଯାତ୍ରା କରୁଥିବା ୭ ଜଣ ଦଣ୍ଡୁଆ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାଯାଇଛି । ଆଶୁ ଚିକିତ୍ସା ନିମନ୍ତେ ଗୁରୁତର ୩ ଜଣଙ୍କୁ ଖୋର୍ଦ୍ଧା, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ ପାଟଣା ଜାମୁସାହି ଗ୍ରାମରୁ ଏକ ଅଟୋ ଯୋଗେ ଦଣ୍ଡୁଆମାନେ ଫତେଗଡ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିରକୁ ଦର୍ଶନ ନିମନ୍ତେ ଶୁକ୍ରବାର ଦିବା ୧୦ ଟା ସମୟରେ ଯାଇଥିଲେ । ସେଠାରୁ ବିଗ୍ରହଙ୍କୁ ଦର୍ଶନ କରି ଫେରୁଥିବା ବେଳେ ମନ୍ଦିର ଘାଟି ରାସ୍ତାରେ ଅଟୋଟି ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା କଡକୁ ଓଲଟି ପଡିବାରୁ ଅଟୋରେ ଯାତ୍ରା କରୁଥିବା ଜାମୁସାହି ଗ୍ରାମର ଫକୀର ବେହେରା (୬୨), ବସନ୍ତ କୁମାର ନାୟକ(୫୫), ଆଲୋକ କୁମାର ପ୍ରଧାନ(୪୦), ଗୁରୁତର ଆହତ ହୋଇଥିବା ବେଳେ ସନ୍ତୋଷ କୁମାର ବେହେରା(୪୩), କାବୁଲି କୁମାର ସାହୁ(୪୮), ଅଯୋଧ୍ୟା ପଲେଇ (୬୦), ଗୋପାଳ ବେହେରା (୬୪) ପ୍ରମୁଖ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି । ଅଟୋ ଚାଳକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ସାମାନ୍ୟ ଆହତ ହୋଇଥିବା ଦଣ୍ଡୁଆମାନଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଥିବା ଜଣାଯାଇଛି । ଦୁର୍ଘଟଣାଗ୍ରସ୍ତ ଅଟୋକୁ ପୁଲିସ ଜବତ କରିଥିବା ବେଳେ ଏ ସଂପର୍କରେ ଫତେଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

## ନୂତନ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା

**ସାକ୍ଷୀଗୋପାଳ,୧୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଜୟପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସେନାପତି ସାହି, କମାରସାହି, ମଠ ସାହିରେ ଶ୍ରୀ ମା' ଜଗେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଚାରିଦିନ ବ୍ୟାପି ଅନୁଷ୍ଠିତ ଯଜ୍ଞ ଉତ୍ସବ ଗୁରୁବାର ପୂର୍ଣ୍ଣାହୁତି ହୋଇଛି । ବିଗ୍ରହ ପ୍ରତିଷ୍ଠା ପରେ ଏକ ସୁସଜ୍ଜିତ ରଥରେ ଦେବି ପ୍ରତିମାଙ୍କୁ ବିଜେ କରାଯାଇଥିଲା । ଫୁଲମାଳ, ଟାହିଆ ଲାଗି କରାଯିବା ସହ ରଥ ଗ୍ରାମ ପରିକ୍ରମା କରିଥିଲା । ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ଛତି ତ୍ରାସ, ବୈରାଖ, ଘଣ୍ଟ ମର୍ଦ୍ଦଳ, ହରିରାମ ସଂକୀର୍ତ୍ତନ, ନାଗା ନୃତ୍ୟ, ମେଢ ନୃତ୍ୟ ସହ ଗ୍ରାମର ପୁରୁଷ ଓ ମହିଳାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ସେନାପତି ସାହି, କମାରସାହି, ମଠସାହି ଓ ସାକ୍ଷୀଗୋପିନାଥ ମନ୍ଦିର ପରିକ୍ରମା କରିବାପରେ ଦେବୀ ପ୍ରତିମାଙ୍କୁ ମନ୍ଦିର ପ୍ରବେଶ ଓ ସିଂହାସନକୁ ବିଜେ କରାଯାଇଥିଲା । କର୍ତ୍ତାକର୍ତ୍ତୀ ଭାବରେ କୃପାସିନ୍ଧୁ ଜେନା ଓ ନେତ୍ରମଣୀ ଜେନା ଏବଂ ରଶ୍ମିରଞ୍ଜନ ପଟ୍ଟନାୟକ ଓ ଗାୟତ୍ରୀ ପଟ୍ଟନାୟକ ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ । ପୁରୋଧା ଭାବରେ ପଣ୍ଡିତ ପଦ୍ମନାଭ ଷଡ଼ଙ୍ଗୀ, ପଣ୍ଡିତ ରବିନାରାୟଣ ମହାପାତ୍ର, ଆଚାର୍ଯ୍ୟ ନାରାୟଣ ନନ୍ଦ, ପଣ୍ଡିତ ବସନ୍ତ କୁମାର ମହାପାତ୍ର, ପଣ୍ଡିତ ଶିବାଶିଷ ମହାପାତ୍ର, ପଣ୍ଡିତ ମନୋଜ ପାଣିଗ୍ରାହୀ, ପଣ୍ଡିତ ରଶ୍ମିରଞ୍ଜନ ମିଶ୍ର ପୂର୍ଣ୍ଣାହୁତି, ଆଳତି, ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପବେଇ ସେନାପତି, ରବି ପ୍ରଧାନ, କେଦାର ସେନାପତି, ରାଜକିଶୋର ସେନାପତି, କାହ୍ନୁ ସେନାପତି, ଲବକିଶୋର ଦଳାଇ, ସୌରଭ ପଟ୍ଟନାୟକ, ଜୟକୃଷ୍ଣ ମହାରଣା, କୃଷ୍ଣଚନ୍ଦ୍ର ମହାରଣା, ପପୁ ମହାରଣା, ଦିପୁ ମହାରଣା, ହାଡିବନ୍ଧୁ ପ୍ରଧାନ, ନବକିଶୋର ସେନାପତି, ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ

**ଖୋର୍ଦ୍ଧା,୧୧।୪/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ,ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉକ୍ତ ସଚେତନତା ରଥ ଜିଲ୍ଲାରେ ଆଜିଠାରୁ ଆସନ୍ତା ଏକମାସ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ବୁଲି ଜନସାଧାରଣ ମାନଙ୍କୁ ସଚେତନ କରିବ ଜନଗଣନା ବିଷୟରେ ଏବଂ ସ୍ୱଗଣନା କିପରି କରିବେ ସେ ସମ୍ବନ୍ଧରେ ରଥ ଡ଼ାକବାଜି ଯନ୍ତ୍ର ଓ ଲିଖିତ ଭାବେ ସଚେତନତା କରିବ । କାର୍ଯ୍ୟକ୍ରମରେ ଗୃହ ଗଣନା ୧୬ ଅପ୍ରିଲ୍ ୨୦୨୬ରୁ ୧୫ ମଇ ୨୦୨୬, ଦେଶର ପ୍ରଥମ ଡିଜିଟାଲ ସ୍ୱଗଣନାରେ ୧ ଅପ୍ରେଲ ୨୦୨୬ ରୁ ୧୫ ଅପ୍ରେଲ ୨୦୨୬ ମଧ୍ୟ ରାତ୍ର ପର୍ଯ୍ୟନ୍ତ ୱେବ୍‌ସାଇଟ୍‌ରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ସଠିକ୍ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରନ୍ତୁ, ସମୃଦ୍ଧ ରାଜ୍ୟ ତଥା ଦେଶ ଗଠନରେ ସାମିଲ ହୁଅନ୍ତୁ, ବୋଲି ପରାମର୍ଶ ଦିଆଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜନଗଣନା ଅଧିକାରୀ ବିଜୟ ସେଠୀ, ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ସାରା ମଲ୍ଲିକ, ରଞ୍ଜନ ଜେନା, ସ୍ୱିଟି ସୋରେନ, ଆର୍ତ୍ତତ୍ରାଣ ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର ରିଷବ୍ ତ୍ରିପାଠୀ, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

# ପାନୀୟଜଳରେ ମିଶୁଛି ନର୍ଦ୍ଦମା ପାଣି

**ଓଡ଼ଗାଁ,୧୧।୪/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସିକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିବାକୁ ରାଜ୍ୟ ସରକାର ପାଣିଭଳି କୋଟିକୋଟି ଟଙ୍କାଖର୍ଚ୍ଚ କରିଛନ୍ତି । କିନ୍ତୁ ପାଇପ୍ ଫାଟି ଯାଇଥିବାରୁ ତାହା ଡ୍ରେନର ନର୍ଦ୍ଦମା ପାଣିସହ ମିଶି ଲୋକଙ୍କ ପାଖକୁ ଯାଉଛି । ଜନସ୍ୱାସ୍ଥ୍ୟ ବିଭାଗର ମନମୁଖୀ କାର୍ଯ୍ୟପାଇଁ ଲୋକେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇପାରନ୍ତି ବୋଲି ଆଲୋଚନା ହେଉଛି । ସୂଚନା ଅନୁଯାୟୀ ଓଡ଼ଗାଁ

### ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଅଭିଯୋଗ



ଏନ୍ଏସିକୁ ୨୪ଘଣ୍ଟିଆ ବିଶୁଦ୍ଧ ପାଣିଯୋଗାଣ ନାଁରେ ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ଜୀବନ ସହ ଖେଳଖେଳୁଛି । ରାଜ୍ୟ ସରକାର ୩୦ କୋଟି ଟଙ୍କା ବ୍ୟୟ ବରାଦରେ ଦୈନିକ ୧୨ଲକ୍ଷ ଲିଟର ପାଣି ବୁଢାବୁଢିଆଣି ଜଳଭଣ୍ଡାରରୁ ଏନ୍ଏସିକୁ ଯୋଗାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ବୁଢାବୁଢିଆଣି ଜଳଭଣ୍ଡାରରୁ ପାଣିଆସି ରଗଡ଼ିସାହି ଠାରେ ଫିଲଟରିଂ ପରେ ଭାଲୁମୁଣ୍ଡିଆ ପାହାଡ଼ ଉପରେ ୧୨ ଲକ୍ଷ ଲିଟର ବିଶିଷ୍ଟ ୩ଗୋଟି ପାଣି ଟାଙ୍କିରେ ଗଛିତ ରହିବ । ଏନ୍ଏସିକୁ ପାଣି ଯୋଗାଣର ଦୁଇବର୍ଷ ବିତିନଥିବା ବେଳେ ପ୍ରତିଦିନ ମାଳମାଳ ଅଭିଯୋଗ ଆସୁଥିବା ଜଣାପଡ଼ିଛି । ବଡ଼କଥା ହେଉଛି ଅନଭିଜ୍ଞ କର୍ମଚାରୀଙ୍କୁ ନିଯୁକ୍ତି କରିବାପରେ ସମାଧାନର ବାଟ ବାହାରୁନଥିବା ଅଭିଯୋଗ ହେଉଛି । ଏନ୍ଏସିର ଶ୍ରୀରାମ ନଗର (ସୁନାଦୋକାନ ଗଳି)ରେ ଆଜକୁ ୪ମାସ ହେବ ପାଇପ୍ ଫାଟି ଡ୍ରେନ୍ ସହିତ ମିଶି ଲୋକଙ୍କ ଘରକୁ ପାଣି ଯାଉଛି । ଜନସ୍ୱାସ୍ଥ୍ୟ ବିଭାଗ ଡ୍ରେନ୍‌କୁ ଲଗାଇ ପାଇପ୍ ପକାଇଥିବାରୁ ଏହିଭଳି ଅବସ୍ଥା ଦେଖାଦେଇଛି । ପାଇପ୍ ଫାଟିବା ଜଣାପଡ଼ିବା ପରେ ଶ୍ରୀରାମନଗର ସାହି ବାସିନ୍ଦା ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କୁ ଅଭିଯୋଗ କରିଆସୁଛନ୍ତି । କିନ୍ତୁ ସମସ୍ୟା ସୁଧୁରିବାର ନାହିଁ । ବିଭାଗୀୟ ଯନ୍ତ୍ରୀ ବିନୋଦ ଜେନା ଘଟଣାସ୍ଥଳରେ ପହଞ୍ଚି ସତ୍ୟାସତ୍ୟ ଜାଣିବାପରେ ତୁରନ୍ତ ସଜଡ଼ାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାହା ଏବେ ପାଣିର ଗାର ବୋଲି ଲୋକେ କହିଛନ୍ତି । ପାଣିରେ କ୍ଷୁଦ୍ର ପୋକ ଭାସି ଆସୁଥିବାବେଳେ କଳାରଙ୍ଗର ଦୂଷିତପାଣି ଆସୁଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ଏବେ କେଉଁଠି ପାଇପ୍ ଫାଟି ରାସ୍ତାରେ ପାଣିଯାଉଛି ତ ଆଉ କେତେବେଳେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ପ୍ରହସନ ପାଲଟିଛି । ବର୍ତ୍ତମାନ ଅସହ୍ୟ ଖରା ହେଉଥିବାରୁ ଲୋକଙ୍କୁ ପିଇବା ପାଣି ଅତ୍ୟନ୍ତ ଜରୁରୀ ହୋଇଥିଲେ ମଧ୍ୟ ତାହା ଠିକରେ ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଓଡ଼ଗାଁ ରଘୁନାଥ ଜିଉ ମନ୍ଦିର, ପ୍ରାଥମିକ ସ୍କୁଲ, ସିନେମାହଲ ଛକ ଓ ତହସିଲ ସମ୍ମୁଖରେ ଜନସାଧାରଣଙ୍କ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିଇବାପାଣି ଟ୍ୟାଙ୍କର ଯୋଗେ ଯୋଗାଇ ଦିଆଯାଉଛି । ରାମନବମୀ ଦିନ ଠାରୁ ପାଣି ଯୋଗାଣ ପରେ ଏବେ ୪ଦିନ ହେବ ପାଣି ବନ୍ଦରହିଛି । ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ପାଇଁ ସାଧାରଣ ଲୋକେ ହିନସ୍ତା ହେଉଥିବା ଅଭିଯୋଗ ହେଉଛି । ଶ୍ରୀରାମନଗର ସାହି ବାସିନ୍ଦାଙ୍କ କହିବାକଥା ବିଶୁଦ୍ଧ ପାନୀୟଜଳ ଯୋଗାଣ ନାଁରେ ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ଜୀବନସହ ଖେଳଖେଳୁଛି । ଘଟଣାରେ ଯନ୍ତ୍ରୀ ଶ୍ରୀ ଜେନା ଆସନ୍ତାକାଲି ପାଇପ୍ ସଜଡ଼ା ଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ସେଣ୍ଟ୍ ଜାଭିୟର୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



**କୋଣାର୍କ,୧୧।୪/ଏନ୍ଏନ୍ଏସ୍:** ଶୁକ୍ରବାର ସନ୍ଧ୍ୟାରେ କୋଣାର୍କ ମାଧିପୁର ସ୍ଥିତ କୋଣାର୍କ ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସେଣ୍ଟ ଜାଭିୟର ସ୍କୁଲର ପ୍ରତିଷ୍ଠାତା ସମୀର କୁମାର ଭୂଇଁଆ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ନିମାପଡା ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଜନାର୍ଦ୍ଦନ ପାଢ଼ୀ, ଗୋପ ବ୍ଲକ୍ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, କୋଣାର୍କ ସରକାରୀ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା, ଗୋପ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜଭୋଇ, ନୂଆଗାଁ ଆର୍ତ୍ତତ୍ରାଣ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ପୁରୀ ଜିଲ୍ଲା ଯାଦବ ସଂଘର ସଭାପତି ଗୋପାଳ ଚନ୍ଦ୍ର ବେହେରା, ସେଣ୍ଟ ଜାଭିୟର ସ୍କୁଲର ପ୍ରିନ୍ସିପାଲ ସୁଭଲକ୍ଷ୍ମୀ ଦାସ, କଟକ ଚୌଦ୍ୱାର ଜାଭିୟର ସ୍କୁଲ ର ପ୍ରିନ୍ସିପାଲ ଶକ୍ତିପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି କାମନା କରିବା ସହିତ ଆଗାମୀ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀମାନେ ନିଜକୁ କିପରି ପ୍ରସ୍ତୁତ କରିବେ ସେ ନେଇ ବିଭିନ୍ନ ଉପଦେଶ ନିଜ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍କୁଲ୍‌ର ଛାତ୍ରୀ ଶୀତଲ ଖଟୋଇ ଓ ସ୍ୱପ୍ନଜିତ ନାୟକ, ଭାଗ୍ୟଶ୍ରୀ ବେହେରା, ସୋନାଲି ନାୟକ, ସ୍ୱୟଂଶୁଭମ ଖଟୋଇ ସଞ୍ଚାଳନ କରିଥିବାବେଳେ ସ୍କୁଲ୍‌ର ଉପାଧ୍ୟକ୍ଷ ଅତୁଲ କୁମାର ପତି, ଶିକ୍ଷୟିତ୍ରୀ ଶ୍ରାବଣୀ ପ୍ରଧାନ, କୁନିଲତା ସ୍ୱାଇଁ, ଲିପ୍ସା ଗୋଛାୟତ, କାଦମ୍ବିନୀ ପାତ୍ର, ଶିକ୍ଷକ କାହ୍ନୁ ଚରଣ ମହାରଣା, ବାଦଲ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ ।

## ଟ୍ରକ୍‌କୁ ଧକ୍କାଦେଲା ହାଇୱା, ଡ୍ରାଇଭର୍ ମୃତ

**କଟକ,୧୧।୪/ଏନ୍‌ଏନ୍‌ଏସ୍:** ଆଠଗଡ଼ରେ ରଡ୍ ବୋଝେଇ ଟ୍ରକ ପଛରେ ପିଟିଲା ଚିପ୍ସ ବୋଝେଇ ହାଇୱା। ଦୁର୍ଘଟଣାରେ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଆଠଗଡ଼ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଓରନ୍ଦା ଓଭରବ୍ରିଜ ଉପରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପୁଲିସ ସୂଚନା ମୁତାବକ, ଏକ ରଡ୍ ବୋଝେଇ ଟ୍ରକ ଢେଙ୍କାନାଳ ପଟୁ ଚୌଦ୍ୱାର ଆଡ଼କୁ ଯାଉଥିବା ବେଳେ ସେହି ରାସ୍ତାରେ ପଛପଟୁ ଚିପ୍ସ ବୋଝେଇ ହାଇୱା ଧକ୍କା ଦେଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ହାଇୱା ଡ୍ରାଇଭର୍‌ଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଟ୍ରକ୍‌ରେ ଡ୍ରାଇଭର ଚାପି ହୋଇ ରହିଥିବାବେଳେ ମୁଣ୍ଡଟି ଶରୀରଠାରୁ ଅଲଗା ହୋଇଯାଇଥିଲା। ଖବର ପାଇ ଆଠଗଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗୁରୁଡିଝାଟିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କଟକ ନଗର କଂଗ୍ରେସ ପକ୍ଷରୁ ବନ୍ଧୁମିଳନ



**କଟକ,୧୧।୪/ଏନ୍‌ଏନ୍‌ଏସ୍:** କଟକ ନଗର (ଜିଲ୍ଲା) କଂଗ୍ରେସ କମିଟି ପକ୍ଷରୁ ଶନିବାର ମଧ୍ୟାହ୍ନରେ ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ନଗର କଂଗ୍ରେସ କମିଟିର ନବ ନିଯୁକ୍ତ ସଭାପତି ଶାନ୍ତାୟନ ମିଶ୍ରଙ୍କ ପୌରୋହିତ୍ୟରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭବିଷ୍ୟତରେ କଂଗ୍ରେସର କାର୍ଯ୍ୟକ୍ରମକୁ କିପରି ତ୍ୱରାନ୍ୱିତ କରାଯିବ, ସେଥିପାଇଁ ପ୍ରସ୍ତୁତି ଚାଲିଛି ବୋଲି ଶ୍ରୀ ମିଶ୍ର କହିଥିଲେ। ଏହାସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କଂଗ୍ରେସ ନେତା ଓ କର୍ମୀଙ୍କ ସହିତ ଶ୍ରୀ ମିଶ୍ର ଭାବର ଆଦାନପ୍ରଦାନ କରିଥିଲେ। ଭବିଷ୍ୟତରେ କଂଗ୍ରେସକୁ କିପରି କ୍ରିୟାଶୀଳ କରାଯିବ ସେଥିପାଇଁ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଏହାଛଡ଼ା ଆଗାମୀ ଦିନରେ ଅନ୍ୟ ରାଜନୈତିକ ଦଳରୁ ନେତା ଓ କର୍ମୀମାନଙ୍କୁ କଂଗ୍ରେସକୁ ଆଣିବାକୁ ଚେଷ୍ଟା କରାଯିବ ବୋଲି ଶ୍ରୀ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ମାନସ ଚୌଧୁରୀ, ବିଶ୍ୱଜିତ ମହାନ୍ତି, ସୀତାକାନ୍ତ ପଣ୍ଡା, ରାମଚନ୍ଦ୍ର ଗୋଚ୍ଛାୟତ, ତୃପ୍ତି ଦାସ, ଡ କୈଳାସ ବରାଳ, ବିଶ୍ୱରଞ୍ଜନ ଜେଠୀ, ନଳିନୀ ଉଦ୍‌ଗାତା, କର୍ପୋରେଟର୍ ସନ୍ତୋଷ ବଳ ଓ କେ. କାମେଶ୍ୱର ରାଓ, ପ୍ରଦୀପ ସାହୁ, ଫେଲୁ ପଟ୍ଟନାୟକ, ଦୁର୍ଗାଶଙ୍କର ଦାସଙ୍କ ସମେତ କଂଗ୍ରେସ ଯୁବ, ଛାତ୍ର ଓ ମହିଳା ସାମୁଖ୍ୟ ବହୁ ନେତା ଓ କର୍ମୀ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ରଙ୍କ ପରଲୋକ

**ବାଲୁଗାଁ,୧୧।୪/ଏନ୍‌ଏନ୍‌ଏସ୍:** ବାଣପୁର ଏବଂ ବାଲୁଗାଁ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ଚିଲିକା ପ୍ରେସ୍ କ୍ଲବର ଉପଦେଷ୍ଟା ନୃସିଂହ ପ୍ରସାଦ ମିଶ୍ରଙ୍କ ୮୦ ବର୍ଷ ବୟସରେ ଶୁକ୍ରବାର ରାତ୍ରିରେ ଦେହାନ୍ତ ହୋଇଛି। କିଛିଦିନ ପୂର୍ବରୁ ସେ କିଡ୍‌ନି ସଂକ୍ରମଣରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତ୍ରି ପ୍ରାୟ ୮ଟାରେ କୋଲକାତାରେ ରହୁଥିବା ତାଙ୍କ କନିଷ୍ଠ ପୁତ୍ର ପଦ୍ମଜା ପ୍ରସାଦ ମିଶ୍ରଙ୍କ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଶନିବାର ହୁଗୁଳି ନଦୀକୂଳ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ଶାରଦା ପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ରଙ୍କ ପୈତୃକ ବାସଭବନ ବାଣପୁର ସ୍ଥିତ ଅଚ୍ୟୁତରାଜପୁର ଗ୍ରାମରେ। ବାଣପୁର ଅଞ୍ଚଳରେ ବରିଷ୍ଠ ସାମ୍ବାଦିକ ଭାବେ ସେ ନିଜକୁ ପ୍ରତ୍ୟେକ ସାମାଜିକ, ଆଧ୍ୟାତ୍ମିକ, ସାହିତ୍ୟ, ସଂସ୍କୃତି, କଳା ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଜକୁ ସାମିଲ୍ କରାଇ ବାଣପୁର ମାଟିର ସାମଗ୍ରିକ ବିକାଶରେ ନିଃସ୍ୱାର୍ଥପର ଭାବରେ ନିଜକୁ ନିୟୋଜିତ କରି ସମସ୍ତଙ୍କ ପ୍ରିୟ ନୃସିଂହଭାଇନା ଭାବରେ ପରିଚିତ ହୋଇପାରିଥିଲେ। ତାଙ୍କ ମୃତ୍ୟୁଜନିତ ଖବର ସମଗ୍ର ବାଣପୁର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



## ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ



**ବୟାଳିଶମୌଜା,୧୧।୪/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ ମୌଜା ଅନ୍ତର୍ଗତ ଦଧିବାମନପୁର ଗ୍ରାମସ୍ଥିତ ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଦ୍ୟାରମ୍ଭ ଯଜ୍ଞ ସମ୍ପନ୍ନ ହୋଇଯାଇଛି। ନୂତନ ଶିକ୍ଷାବର୍ଷର ଶୁଭାରମ୍ଭ ଅବସରରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ରବିନ୍ଦ୍ର କୁମାର ଦେବତା, ସହ ସମ୍ପାଦିକା ସୁମିତା ଦେବତା ଏବଂ ପ୍ରଧାନ ଆଚାର୍ଯ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ଶିଶୁମାନଙ୍କୁ ଶିକ୍ଷା ଓ ସଂସ୍କାରର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟଶିବ ବାରିକ, ବରିଷ୍ଠ ଗୁରୁଜୀ ଅଭିମନ୍ୟୁ ସ୍ୱାଇଁ ଏବଂ ଦେବବ୍ରତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କ ମିଳିତ ସହଯୋଗରେ ଯଜ୍ଞ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଏହି ପବିତ୍ର ଉତ୍ସବରେ ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହି ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### କେନ୍ଦୁଝରର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ

# ନିଯୁକ୍ତି ସନ୍ଧାନକାରୀ ନୁହେଁ, ସୃଷ୍ଟିକାରୀ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୪/ଏନ୍‌ଏନ୍‌ଏସ୍:** ଆଗାମୀ ଭାରତ ବୈଷୟିକ ଜ୍ଞାନ କୌଶଳର ଭାରତ ହେବ। ଗବେଷଣା, କୃତ୍ରିମ ମେଧା (ଏଆଇ) ଓ ଇନୋଭେସନ୍‌ର ସଠିକ୍ ବ୍ୟବହାର ଦ୍ୱାରା ମଧ୍ୟବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସତ୍ତ୍ୱେ ଲୋକମାନଙ୍କର ସମୁହ ଉଦ୍ୟମ ଓ ସଂକଳ୍ପ ଦ୍ୱାରା ୨୦୦୧ ମସିହାରେ ଏହି ସଂସ୍ଥା ପୁନଃଜୀବନ ଲାଭ କରିଥିଲା, ଯାହା ଏକତା ଓ

**ଖୋଲିବ ଖଣି ଓ ଧାତୁ ବିଜ୍ଞାନରେ ଉତ୍କର୍ଷ କେନ୍ଦ୍ର**

**୨ ବର୍ଷରେ ୨.୮ ଲକ୍ଷ କୋଟି ବିନିଯୋଗ**

**ରାଜ୍ୟରେ ବୃଦ୍ଧି ପାଉଛି ଶିଳ୍ପ ଓ ଚାକିରି ସୁଯୋଗ**

**ଇଞ୍ଜିନିୟରିଂ-ମେଡିକାଲ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି**




ଦେଶର ସମୃଦ୍ଧି ସୁନିଶ୍ଚିତ ହେବ ବୋଲି କେନ୍ଦୁଝରସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ (ଜିସିଇ)ର ରୌପ୍ୟ ଜୟନ୍ତୀ ସମାରୋହରେ ଆଜି ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ଛାତ୍ରଜୀବନର ସଂଘର୍ଷ ଦିନଗୁଡ଼ିକୁ ସ୍ମରଣ କରି କହିଥିଲେ ଯେ ୧୯୯୫ ମସିହାରେ ଏହି ସଂସ୍ଥା ପ୍ରତିଷ୍ଠା ସମୟରୁ ଆଜି ପର୍ଯ୍ୟନ୍ତ ଏହା ଉତ୍ତର ଓଡ଼ିଶାର ଯୁବପିଢ଼ି ପାଇଁ ଆଶାର ପ୍ରତୀକ ରହିଛି। ଦୃଢ଼ ସଙ୍କଳ୍ପର ଉତ୍କୃଷ୍ଟ ଉଦାହରଣ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏହି ମହାବିଦ୍ୟାଳୟରୁ ପ୍ରାୟ ୬୫୦୦ରୁ ଅଧିକ ଛାତ୍ରଛାତ୍ରୀ ଦେଶ-ବିଦେଶରେ ସଫଳତାର କାର୍ଯ୍ୟ କରୁଛନ୍ତି। ପ୍ଲେସମେଣ୍ଟ ବ୍ୟବସ୍ଥା ସନ୍ତୋଷଜନକ ହେବା ସହିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟାଂଶୁ ପାଲ୍‌ଙ୍କ ସଫଳତାକୁ ସେ ମହାବିଦ୍ୟାଳୟର ଗୌରବ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଜିସିଇକୁ ଏକ 'ଉତ୍କର୍ଷ କେନ୍ଦ୍ର' ଭାବେ ଘୋଷଣା କରି ସେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚତର ଗବେଷଣା ଓ ଦକ୍ଷତା ବିକାଶରେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ।

ରାଜ୍ୟର ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟି ବିଷୟରେ ମୁଖ୍ୟମନ୍ତ୍ରୀ ଜଣାଇଥିଲେ ଯେ, ଗତ ଦୁଇ ବର୍ଷରେ ପ୍ରାୟ ୨.୮ ଲକ୍ଷ କୋଟି ଟଙ୍କାର ବିନିଯୋଗ ହୋଇଥିବା ସହ ୨ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଶିଳ୍ପକୁ ଆଧାର କରି ଓଡ଼ିଶା ଏବେ ରାଜ୍ୟର ଯୁବପିଢ଼ିମାନଙ୍କ ପାଇଁ ଏକ ଆକର୍ଷଣ କେନ୍ଦ୍ର ଭାବେ ଉଭା ହେଉଛି। ସେ ଆହୁରି କହିଥିଲେ ଯେ ଇଞ୍ଜିନିଅରିଂ ଓ ମେଡିକାଲ ଶିକ୍ଷାରେ ଆଦିବାସୀ, ଦଳିତ ଓ ଏସଇବିସି ବର୍ଗ ପାଇଁ ସଂରକ୍ଷଣ ବୃଦ୍ଧି କରାଯାଇଛି, ଯାହା ରାଜ୍ୟରେ ପଛୁଆ ବର୍ଗଙ୍କ ଶିକ୍ଷାର ବିକାଶକୁ ସୁନିଶ୍ଚିତ କରିବ। ସେ ଉଲ୍ଲେଖ କରିଥିଲେ ଯେ ପରମାଣୁ ଆଧାରିତ ଶକ୍ତି ଉତ୍ପାଦନରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି। ଓଡ଼ିଶାରେ ପ୍ରଚୁର ଥୋରିଅମ୍ ସମ୍ପଦ ଥିବାରୁ ଭବିଷ୍ୟତରେ ଏଠାରେ ପରମାଣୁ ଶକ୍ତି କେନ୍ଦ୍ର ପ୍ରତିଷ୍ଠାର ଉଜ୍ଜ୍ୱଳ ସମ୍ଭାବନା ରହିଛି। ଯୁବବର୍ଗଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେବଳ ଚାକିରି ଖୋଜୁଥିବା ଆଶାୟୀ ନୁହେଁ, ଚାକିରି ସୃଷ୍ଟି କରୁଥିବା ମଣିଷ ହୁଅନ୍ତୁ। ଇନୋଭେସନ ଓ ଏଣ୍ଟ୍ରପ୍ରିନ୍ୟୋର୍‌ସିପ୍ ଦ୍ୱାରା ନୂତନ ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ କରିଥିଲେ। ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ଯୁବଶକ୍ତିର ଭୂମିକା ନିର୍ଣ୍ଣାୟକ ବୋଲି ସେ କହିଥିଲେ। ଏହି ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ଶ୍ରୀ ବିଶାଳ ସିଂ, ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ, ଗଭର୍ଣ୍ଣିଙ୍ଗ ବଡି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସେନାପତି ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାରବାଟୀ ଫୁଡ୍‌କୋଟ୍ କାର୍ଯ୍ୟ ସମୀକ୍ଷା

## ମେ ୩୧ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ



**କଟକ,୧୧।୪/ଏନ୍‌ଏନ୍‌ଏସ୍:** ଶନିବାର ପୂର୍ବାହ୍ନରେ ମେୟର ସୁବାସ ସିଂହ ଓ କମିଶନର କିରଣଦୀପ କୌର ସହୋତା ବାରବାଟୀ ଫୁଡ୍‌କୋଟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମେୟର ଘଟଣା ସ୍ଥଳ ପରିଦର୍ଶନ କରି ୨ ବର୍ଷ ତଳେ କଟକ ମହାନଗର ନିଗମ ପକ୍ଷରୁ ୬କୋଟି ୬୬ଲକ୍ଷ ଟଙ୍କା ଅର୍ଥ ବ୍ୟୟରେ ହେଉଥିବା ଏହି କାର୍ଯ୍ୟର ତଦାରଖ କରିଥିଲେ। ଫୁଡ୍‌କୋର୍ଟରେ ୮୮ଟି ଦୋକାନ ଘର ହେବାର ବ୍ୟବସ୍ଥା ରହିଛି। ପ୍ରଥମ ପର୍ଯ୍ୟାୟରେ ୪୫ଟି ଦୋକାନଘର ଲଟେରୀ ଯୋଗେ ବଣ୍ଟନ କରାଯାଇଛି। ଗତ ଏପ୍ରିଲ ୪ ତାରିଖରୁ ଏପ୍ରିଲ ୨୪ ତାରିଖ ପର୍ଯ୍ୟନ୍ତ ଅନଲାଇନ ଆବେଦନ ପ୍ରକ୍ରିୟା ଚାଲିଛି। ଦୋକାନୀମାନେ ଆବେଦନ କଲାପରେ ସର୍ତ୍ତ ପୂରଣ କରିଥିବା ଆବେଦନକାରୀଙ୍କୁ ୩୮ଟି ଘର ପ୍ରଦାନ କରାଯିବ। ଏହି କାର୍ଯ୍ୟ ମେ ୩୧ ତାରିଖ ସୁଦ୍ଧା ଶେଷ ହେବ ବୋଲି ମେୟର ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରକଳ୍ପର ଚାରିପଟେ ଲୁହାବାଡ଼ ଦିଆଯାଇ ଗୋଟିଏ ପ୍ରବେଶପଥ ରହିଛି। ଦୋକାନୀମାନେ ତାଙ୍କ ଜିନିଷପତ୍ର ଯେପରି ସହଜରେ ନେବା ଆଣିବା କରିପାରିବେ ଏହାର ବ୍ୟବସ୍ଥା କରାଯାଇଛି। ସୌନ୍ଦର୍ଯ୍ୟକରଣ ନିମନ୍ତେ ଏଠାରେ ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଛି। ଏହାଛଡ଼ା ଏଠାରେ ୨ଟି ଆଧୁନିକ ଶୌଚାଳୟ ସହିତ ହାତ ଧୋଇବା ପାଇଁ ସ୍ଥାନ ଓ ପାନୀୟଜଳର ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ ଏକାଥରେ ୨ ଶହ ଲୋକ ବସି ଖାଦ୍ୟ ଖାଇପାରିବେ ଏବଂ ପାର୍କିଂ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ କାର ଓ ବାଇକ ରହିବାର ବ୍ୟବସ୍ଥା ରହିଛି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ପ୍ରଳୟ ବେହେରା, ସ୍ଥାନୀୟ କର୍ପୋରେଟର୍ ଲକ୍ଷ୍ମୀପ୍ରିୟା ବେହେରା, ଶେଖବଜାର ପୂଜା କମିଟି ସମ୍ପାଦକ କିଶୋର ବେହେରା, ଡେପୁଟି କମିଶନର ଶ୍ୱାତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅମୃତ ପିଢ଼ି ସାରସ୍ୱତ ସମାରୋହ



**କଟକ,୧୧।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅମୃତ ପିଢ଼ି ସାରସ୍ୱତ ସମାରୋହ ଓ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ସ୍ୱରାଜ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଉଦଘାଟନ କରିଥିଲେ। ସାହିତ୍ୟ ଇତିହାସରେ ବ୍ୟାସକବି ଫକୀରମୋହନ ସେନାପତି, ଗୋପୀନାଥ ମହାନ୍ତି ଓ ପ୍ରତିଭା ରାୟଙ୍କ ଭଳି ଅନେକ ସାରସ୍ୱତ ସାଧକଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନକୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ସ୍ମରଣ କରିଥିଲେ। ଏହି ପବିତ୍ର ଅବସରରେ ସେ ଉପସ୍ଥିତ ରହି ନିଜକୁ ଗର୍ବିତ ଅନୁଭବ କରୁଥିବା ଜିଲ୍ଲାପାଳ ଶ୍ରୀ ସିନ୍ଦେ ମତପ୍ରକାଶ କରିଛନ୍ତି। ଏହି ସମାରୋହରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭବାନୀ ଶଙ୍କର ଭୂୟାଁ, ବିଶିଷ୍ଟ ସାହିତ୍ୟିକ ଅମରେଶ ପଟ୍ଟନାୟକ, ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ସୁରେଶ ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମାରୋହରେ ୫୦ରୁ ଊର୍ଦ୍ଧ୍ୱ ସାହିତ୍ୟିକ ଯୋଗଦେଇ କବିତାପାଠ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ ଓ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ ସଭା ପରିଚାଳନା କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିପ୍ତୀ ଚୌଧୁରୀ ଧନ୍ୟବାଦ୍ ଦେଇଥିଲେ।

# କଟକ ରେଳ ଷ୍ଟେସନରୁ ୧୨ ନାବାଳକ ଉଦ୍ଧାର




**କଟକ,୧୧।୪/ଏନ୍‌ଏନ୍‌ଏସ୍:** ରେଳ ସୁରକ୍ଷା ବଳର ବିଶେଷ ଅଭିଯାନ 'ନନ୍‌ହେ ଫରିସ୍ତେ' ଅଧୀନରେ କଟକ ରେଳବାଇ ପୁଲିସ ଏକ ବଡ଼ ଧରଣର ସଫଳତା ପାଇଛି। ଶନିବାର ପୂର୍ବାହ୍ନରେ କଟକ ରେଳ ଷ୍ଟେସନରୁ ୧୨ ଜଣ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କୁ ଆବଶ୍ୟକ ଯତ୍ନ ଓ ସୁରକ୍ଷା ପାଇଁ ଶିଶୁ ସହାୟତା କେନ୍ଦ୍ର (ଚାଇଲ୍ଡ ଲାଇନ୍) କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, କଟକ ରେଳ ସୁରକ୍ଷା ବଳର ଅଧିକାରୀ ଓ କର୍ମଚାରୀମାନେ ଶନିବାର ଷ୍ଟେସନ ପରିସରରେ କାର୍ଯ୍ୟରତ ଥିବାବେଳେ ୪ ନମ୍ବର ପ୍ଲାଟଫର୍ମରେ ଅମୃତ ଭାରତ ଏକ୍ସପ୍ରେସରୁ ୧୨ ଜଣ ନାବାଳକ ଓହ୍ଲାଉଥିବା ଦେଖିବାକୁ ପାଇଥିଲେ। ପୁଲିସ ସେମାନଙ୍କୁ ପଚରାଉଚରା କରିବା ପରେ ଜଣାପଡ଼ିଥିଲା ଯେ ଓଡ଼ିଶାର ଜଣେ ଅଜଣା ବ୍ୟକ୍ତି ସେମାନଙ୍କୁ ଏଠାରେ ଓହ୍ଲାଇବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସେଠାରେ ସେମାନଙ୍କୁ ସ୍ୱାଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଷ୍ଟେସନରେ ସେମାନଙ୍କୁ ନେବା ପାଇଁ କେହି ଆସିନଥିଲେ। ଅଧିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଉଦ୍ଧାର ହୋଇଥିବା ସମସ୍ତ ନାବାଳକ ବିହାର ରାଜ୍ୟର ଅରରିଆ ଜିଲ୍ଲାର ବାସିନ୍ଦା। ସେମାନେ ଅତ୍ୟନ୍ତ ଗରିବ ପରିବାରରୁ ଆସିଛନ୍ତି। ଓଡ଼ିଶାରେ ମାଗଣା ଶିକ୍ଷା ସହିତ ରହିବା ଓ ଖାଇବାର ସୁବିଧା ଯୋଗାଇ ଦେବା ବାହାନାରେ ସେହି ଅଜଣା ବ୍ୟକ୍ତିଜଣକ ସେମାନଙ୍କୁ ପ୍ରଲୋଭିତ କରି ଏଠାକୁ ଆଣିଥିଲେ। ରେଳବାଇ ପୁଲିସ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦେବା ସହ ଏ ସମ୍ପର୍କରେ ଶିଶୁ ସହାୟତା କେନ୍ଦ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଅବଗତ କରାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଖୋର୍ଦ୍ଧା-ପୁରୀ ଜାତୀୟ ରାଜପଥ ନିର୍ମାଣ ପାଇଁ ସାଂସଦଙ୍କୁ ଦାବିପତ୍ର



**ଖୋର୍ଦ୍ଧା,୧୧।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧାଠାରୁ ପୁରୀ ପର୍ଯ୍ୟନ୍ତ ଏକ ଜାତୀୟ ରାଜପଥ ନିର୍ମାଣ କରାଯିବା ଦାବି ନେଇ 'ଖୋର୍ଦ୍ଧା ବିକାଶ ମଞ୍ଚ' ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଞ୍ଚର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଏହି ଦାବି ଦୋହରାଇବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଓ ପୁରୀ ମଧ୍ୟରେ ଥିବା ପ୍ରାଚୀନ ଆଧ୍ୟାତ୍ମିକ ସମ୍ପର୍କ ଉପରେ ମଞ୍ଚ ପକ୍ଷରୁ ଆଲୋକପାତ କରାଯାଇଛି। ଇତିହାସ ଅନୁଯାୟୀ, ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରୁ ଖୋର୍ଦ୍ଧା ଦୁର୍ଗରୁ ହିଁ ଶ୍ରୀମନ୍ଦିରର ପରିଚାଳନା କାର୍ଯ୍ୟ କରାଯାଉଥିଲା। ଏହି ନୂତନ ରାଜପଥ ନିର୍ମାଣ ହେଲେ ଖୋର୍ଦ୍ଧା, ଜଟଣୀ, ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି, ଚିଲିକା ଓ ପୁରୀ ଭଳି ୭ଟି ବିଧାନସଭା କ୍ଷେତ୍ରର ଅର୍ଥନୈତିକ ଏବଂ କୃଷି କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ। ବିଶେଷ କରି ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଭାରତରୁ ପୁରୀ ଯାଉଥିବା ଭକ୍ତମାନଙ୍କ ପାଇଁ ଏହି ରାସ୍ତା ବେଶ୍ ସହାୟକ ହେବ। ଏହା ଦ୍ୱାରା ଭୁବନେଶ୍ୱର ଦେଇ ଯିବା ଅପେକ୍ଷା ପ୍ରାୟ ୬୦ କିଲୋମିଟର ଦୂରତା କମିଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଆଜିର ଏହି ପ୍ରତିନିଧି ଦଳରେ ଶ୍ରୀ ପୃଷ୍ଟିଙ୍କ ସମେତ ସମାଜସେବୀ ଡ. ପ୍ରଫୁଲ୍ଲ ସାମନ୍ତରାୟ, ଇତିଶ୍ରୀ ସାହୁ, ଶିକ୍ଷାବିତ୍ ଗୁଣନିଧି ମହାପାତ୍ର, ସାମ୍ବାଦିକ ଧନେଶ୍ୱର ବିଧାର, ଶିକ୍ଷାବିତ୍ ଡ. ବୃନ୍ଦାବନ ପଣ୍ଡା, ସମବାୟବିତ୍ ନିତ୍ୟାନନ୍ଦ ଦାଶ ଏବଂ 'ସମ୍ପର୍କ'ର ସଭାପତି ଲଳିତ ସ୍ୱାଇଁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## କ୍ୱାର୍ଟର୍ସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ:ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେବ ରୋଗୀସେବା ସୁଦୃଢ଼



**ବୟାଳିଶମୌଜା,୧୧।୪/ଏନ୍‌ଏନ୍‌ଏସ୍:** କଟକ ସଦର ବୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ନିମନ୍ତେ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୩ କୋଟି ୮୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପକୁ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଆୟୋଜିତ ସଭାରେ ପୂର୍ତ୍ତ ବିଭାଗର ଏସଡିଓ ମନୋଜ କୁମାର ମିଞ୍ଜ, କନିଷ୍ଠ ଯନ୍ତ୍ରୀ ରଶ୍ମୀ ରଞ୍ଜନ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡାକ୍ତର ପ୍ରଶାନ୍ତ କୁମାର ସାମଲ, ବୟାଳିଶମୌଜା ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ, ବେଣ୍ଟକାର ସମିତି ସଭ୍ୟ ବିନୋଦ ବିହାରୀ ବେହେରା ଏବଂ ରୋଗୀ କଲ୍ୟାଣ ସମିତିର ସଭ୍ୟ ଶିବପ୍ରସାଦ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ପରେ ଅସୀମ ଦାସ ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ମଣ୍ଡଳ ସମ୍ପାଦକ ଅମିତାଭ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀମାନଙ୍କ ରହିବା ପାଇଁ ବାସଗୃହ ନଥିବାରୁ ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟସେବାରେ ବହୁ ବାଧା ଉପୁଜୁଥିଲା। ବିଶେଷ କରି ରାତି ସମୟରେ ଡାକ୍ତରମାନେ ରହିପାରୁ ନଥିବାରୁ ସାଧାରଣ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଥିଲେ। ବହୁ ପ୍ରତୀକ୍ଷିତ ଏହି ଦାବି ନୂତନ ସରକାର ଓ ସ୍ଥାନୀୟ ବିଧାୟକଙ୍କ ପ୍ରଚେଷ୍ଟାରେ ପୂରଣ ହୋଇଥିବାରୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଂ ଅଶୋକ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଅନିଲ ଦାସ, ପ୍ରବେଶ ରାଉତ, ବିଜୟ ରାଉତରାୟ, ସୌମ୍ୟରଞ୍ଜନ ଦାଶ, ଅମର ଦାଶ, ପ୍ରିୟବ୍ରତ ଖଟୁଆଙ୍କ ସମେତ ଶତାଧିକ ମହିଳା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ରାଜ୍ୟରେ ଗଠନ ହେବ ...

କମିଟି ବ୍ଲକକୁ ଅବଗତ କରିବ। ବ୍ଲକ, ଜିଲ୍ଲା ତଥା ଭିଲେଜ ୱାଟର ସାନିଟେସନ କମିଟିରେ ଥିବା ମ୍ୟାନେଜରଙ୍କୁ ଜଣାଇବାକୁ ମଧ୍ୟ ଦାୟିତ୍ୱ ଦିଆଯିବ। ୧୯ଟି ପଏଣ୍ଟ ଭାରତ ସରକାର ଦେଇଛନ୍ତି ତାକୁ ଆଧାର କରିକି ସରକାର ନୀତି ପ୍ରଣୟନ କରିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି।

### ସ୍କୁଲ୍ ଲିଭିଂ ସାର୍ଟିଫିକେଟ ...

କିମ୍ବା ବର୍ଷା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ପାଇଁ ନଷ୍ଟ ହୋଇଥିଲେ ପ୍ରଦାନ କରାଯିବ। କିନ୍ତୁ ଓରିଜିନାଲ ଏସ୍‌ଏଲସିକୁ କୌଣସି ନାମଲେଖାରେ ବ୍ୟବହାର କରି ଆଉ ଥରେ ଆବେଦନ କଲେ ତାହା ଗ୍ରହଣ କରାଯିବ ନାହିଁ।

### ପୃଥିବୀକୁ ଫେରିଲା ...

ଏବଂ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଦୁଇଟି ପୃଥିବୀ ଫେରନ୍ତା ପଥକୁ ସଂଶୋଧନ କରାଯାଇଥିଲା। ନାସାର ଆର୍ଟେମିସ୍-୧ ମିଶନର ତିନି ବର୍ଷ ପରେ, ଏହି ମିଶନ ପ୍ରଥମ ଥର ପାଇଁ ବାସ୍ତବବାଦୀ ପରିସ୍ଥିତିରେ ଜୀବନ ସହାୟକ ପ୍ରଣାଳୀ, ଜଳ ପ୍ରଣାଳୀ ଏବଂ ଅନ୍ୟାନ୍ୟ ଜରୁରୀ ସୁବିଧାଗୁଡ଼ିକର ପରୀକ୍ଷଣ କରିଥିଲା। ଆର୍ଟେମିସ୍ କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଚନ୍ଦ୍ରରେ ଦୀର୍ଘକାଳୀନ ମାନବ ଉପସ୍ଥିତି ସ୍ଥାପନ କରିବା ଏବଂ ମଙ୍ଗଳ ଭଳି ଦୂର ଗ୍ରହକୁ ଭବିଷ୍ୟତର ମିଶନ ପାଇଁ ପ୍ରସ୍ତୁତ ହେବା। ଏହି ଦୃଷ୍ଟିରୁ ଆର୍ଟେମିସ୍-୨କୁ ମହାକାଶ ଅନୁସନ୍ଧାନ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ପଦକ୍ଷେପ ଭାବରେ ବିବେଚନା କରାଯାଉଛି।

### ୨ୟ ପର୍ଯ୍ୟାୟ ସିଜ୍‌ଫାୟାର୍ ...

ସ୍ୱାଗତ କରିଥିଲେ। ଯଦିଓ ପାକିସ୍ତାନ ମଧ୍ୟସ୍ଥତାରେ ଇରାନ୍ ଏବଂ ଆମେରିକା ମଧ୍ୟରେ ଏହି ବୈଠକ ଆରମ୍ଭ ହୋଇଛି କିନ୍ତୁ ବୈଠକର ସଫଳ ହେବାକୁ ନେଇ ଅନେକ ସଂଶୟ ସୃଷ୍ଟି ହୋଇଛି। କାରଣ ଇସ୍ରାଏଲ ଏବଂ ଲେବାନନ୍‌ରେ ଥିବା ହିଜ୍‌ବୁଲ୍ଲା ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଆକ୍ରମଣ-ପ୍ରତି ଆକ୍ରମଣ ଜାରି ରହିଛି। ଶନିବାର ମଧ୍ୟ ହିଜବୁଲ୍ଲା ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିବା ଏବଂ ଏହାର ଜବାବରେ ଇସ୍ରାଏଲ୍ ପକ୍ଷରୁ ଭୟଙ୍କର ଆକ୍ରମଣ ଲେବାନନ୍‌ର ବିଭିନ୍ନ ପ୍ରାନ୍ତରେ ହୋଇଥିବା ଜଣାପଡିଛି। ଦକ୍ଷିଣ ଲେବାନନ୍‌ରେ ହୋଇଥିବା ଆଜିର ଏକ ଆକ୍ରମଣରେ ପ୍ରାୟ ୧୦ଜଣ ପ୍ରାଣ ହରାଇଥିବା ଜଣାପଡିଛି। ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଇସ୍ରାଏଲ ଗତ ୨୪ ଘଣ୍ଟା ମଧ୍ୟରେ ୨୦୦ଟି ହିଜବୁଲ୍ଲା ଆଡ୍ଡାସ୍ଥଳୀ ଉପରେ ଆକ୍ରମଣ କରିଛି। କେବଳ ସେତିକି ନୁହେଁ ଇସ୍ରାଏଲ୍ ଶନିବାର ଦିନ ସ୍ୱଷ୍ଟ କରିଛି ଯେ, ହିଜ୍‌ବୁଲ୍ଲା ସହ କୌଣସି ପ୍ରକାର ଅସ୍ତ୍ରବିରତି ଚୁକ୍ତି ହେବନାହିଁ। ଏହାର ଅର୍ଥ ଇସ୍ରାଏଲ୍ ହିଜବୁଲ୍ଲା ଉପରେ ଆକ୍ରମଣ ଜାରି ରଖିବ। ଇସ୍ରାଏଲ୍ ସେନା (ଆଇଡିଏଫ୍) ଅନୁଯାୟୀ, ଏହାର ବାୟୁସେନା ନିରନ୍ତର ଭାବରେ ହିଜବୁଲ୍ଲାର ଲକ୍ଷ୍ୟସ୍ଥଳ ଏବଂ ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରୁଛି ଏବଂ ଦକ୍ଷିଣ ଲେବାନନରେ ସର୍ଜିକାଲ୍ ଷ୍ଟ୍ରାଇକ୍ ଚଳାଇଛି। ଏସବୁ ମଧ୍ୟରେ ଇରାନ୍ ଶାନ୍ତି ଆଲୋଚନା ମଧ୍ୟରେ ସର୍ତ୍ତ ରଖିଛି ଯେ, ଆଲୋଚନା ଆଗକୁ ସେତେବେଳେ ବଢ଼ିବ ଯେତେବେଳେ ଇସ୍ରାଏଲ୍ ପକ୍ଷରୁ ଲେବାନନ୍ ଉପରେ ଆକ୍ରମଣ ବନ୍ଦ ହେବ ଏବଂ ଏହା ରଖିଥିବା ସମସ୍ତ ସର୍ତ୍ତ ପୂରଣ ହେବ। ଅନ୍ୟପକ୍ଷେ ଇସ୍ରାଏଲ ମଧ୍ୟ ଏବେ ଆଉ ଆମେରିକା କଥାକୁ ଶୁଣୁନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ପରିସ୍ଥିତିକୁ ଅଧିକ ଉତ୍ତେଜନାପୂର୍ଣ୍ଣ କରିବାରେ ଲାଗିଛନ୍ତି। ସେ ବାରମ୍ବାର କହି ଚାଲିଛନ୍ତି ଯେ, ଇରାନ୍ ଯଦି ଶାନ୍ତି ବୁଝାମଣା ଚୁକ୍ତି ସ୍ୱାକ୍ଷର ନକରେ ତେବେ ଏହା ଉପରେ ଭୟଙ୍କର ଆକ୍ରମଣ କରାଯିବ। ସେହିପରି ଇରାନ ପୂର୍ବରୁ ସ୍ୱଷ୍ଟ କରିଛି ଯେ, ଯଦି ଇସଲାମାବାଦରେ ଚାଲିଥିବା ଏହି ଆଲୋଚନା ବିଫଳ ହୁଏ ବା ଏଥିରୁ କୌଣସି ନିଷ୍କର୍ଷ ନ ବାହାରେ ତେବେ ଏଥିପାଇଁ ଉଭୟ ଆମେରିକା ଏବଂ ଇସ୍ରାଏଲ୍ ହିଁ ଦାୟୀ ରହିବେ। ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆସନ୍ତାକାଲି ମଧ୍ୟ ଜାରି ରହିପାରେ। ବୈଠକର ନିଷ୍କର୍ସ ଉପରେ ସମଗ୍ର ବିଶ୍ୱର ତୀକ୍ଷ୍ଣ ନଜର ରହିଛି। ବିଶ୍ୱ ବଜାର ଏବଂ ବିଶେଷ କରି ଅଶୋଧିତ ତୈଳ ଦର ଉପରେ ଏହି ବୈଠକର ବଡ଼ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି।

### ବଢ଼ିଲା ମହାନଦୀ ...

ଟ୍ରିବ୍ୟୁନାଲଙ୍କ ଶୁଣାଣିବେଳେ ଗତ ଅଗଷ୍ଟ ମାସଠାରୁ ଅଦ୍ୟାବଧି ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ବୈଷୟିକ କମିଟି, ମୁଖ୍ୟ ସଚିବ ଓ ଜଳସମ୍ପଦ ବିଭାଗ ସଚିବଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଯାଇଛି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀସ୍ତରରେ ଯେଉଁ ସବୁ ବାର୍ତ୍ତାଳାପ ଚାଲିଛି ଓ ଆପୋଷ ଆଲୋଚନା ମାଧ୍ୟମରେ ଯେଉଁ ନିଷ୍ପତ୍ତି ନିଆଯାଉଛି ତା'ର ବିବରଣୀ ଟ୍ରିବ୍ୟୁନାଲଙ୍କ ପାଖରେ ଉପସ୍ଥାପନ କରାଯାଇଥିଲା। ଅନେକ ବିବାଦୀୟ ବିଷୟରେ ଦୁଇ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଥିବାରୁ ଟ୍ରିବ୍ୟୁନାଲ ତାକୁ ରେକର୍ଡଭୁକ୍ତ କରିଛନ୍ତି ଓ ଗତ ୮ ଏପ୍ରିଲ ତାରିଖରେ ହୋଇଥିବା ଶେଷ ବୈଷୟିକ କମିଟି ବୈଠକର ବିବରଣୀକୁ ମଧ୍ୟ ସମୀକ୍ଷା କରିଛନ୍ତି। ଏହି ବର୍ଦ୍ଧିତ ୯ମାସ ମଧ୍ୟରେ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆପୋଷ ବୁଝାମଣା ଓ ଆଲୋଚନାର ସୁଫଳ ମିଳିବ ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖି ମହାନଦୀ ଜଳରାଶିର ସୁବିନିଯୋଗ ପାଇଁ ଏକ ଉଚିତ୍ ନିଷ୍କର୍ଷ ବାହାରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏବେ ଅନେକ ବିବାଦୀୟ ପ୍ରସଙ୍ଗରେ ସହମତି ହୋଇଥିବାରୁ ସେ ସମ୍ପୂର୍ଣ୍ଣ ଆଶାବାଦୀ ଅଛନ୍ତି ଓ ଏହା ଶୀର୍ଷ ନେତୃତ୍ୱ ଉପରେ ନିର୍ଭର କରୁଥିବାରୁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗାମୀ ଦିନର ଆଲୋଚନା ଏକ ଠିକ୍ ସମାଧାନ ଦେବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଠନ କରିଥିବା ହାଇପାୱାର କମିଟି ଆପୋଷ ଆଲୋଚନାରେ ସହାୟକ ହେବ ଓ ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ବିବାଦର ସମାଧାନ ହେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

### ବଢ଼ିଲା ଡିଜେଲ୍,ଏଟିଏଫ୍ ...

କରିଛନ୍ତି। ସରକାର ହାଇ-ସ୍ପିଡ୍ ଡିଜେଲ୍ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କକୁ ଲିଟର ପିଛା ୨୪ ଟଙ୍କା ଏବଂ ସଡ଼କ ଏବଂ ଭିତ୍ତିଭୂମି ସେସ୍ ପ୍ରତି ଲିଟର ପିଛା ୩୬ ଟଙ୍କାକୁ ବୃଦ୍ଧି କରିଛନ୍ତି, ଯାହାକି ତୁରନ୍ତ ପ୍ରଭାବୀ ମୋଡ୍‌ରେ କାର୍ଯ୍ୟକାରୀ ହେବ। ଆର୍ଥିକ ଆଇନ, ୨୦୦୨ର ଅଷ୍ଟମ ସୂଚୀ ସଂଶୋଧନ କରି ଉତ୍ପାଦ ଶୁଳ୍କରେ ମଧ୍ୟ ବୃଦ୍ଧି କରାଯାଇଛି, ଯେତେବେଳେ କି ଆର୍ଥିକ ଆଇନ, ୨୦୧୮ ଢାଞ୍ଚାରେ ପରିବର୍ତ୍ତନ ମାଧ୍ୟମରେ ସଡ଼କ ଏବଂ ଭିତ୍ତିଭୂମି ସେସ୍‌ରେ ବୃଦ୍ଧି କରାଯାଇଛି। ବିଶ୍ୱସ୍ତରୀୟ ଅଶୋଧିତ ତୈଳ ମୂଲ୍ୟ ଅସ୍ଥିର ରହିବା ସତ୍ତ୍ୱେ, ଇନ୍ଧନ କର ଆର୍ଥିକ ସମର୍ଥନର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଥିବା ସମୟରେ ସରକାରୀ ରାଜସ୍ୱକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଭାରତ, ଏହାର ଯଥେଷ୍ଟ ବିଶୋଧନ କ୍ଷମତା ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍, ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍, ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଭଳି କମ୍ପାନୀଗୁଡ଼ିକ ସହିତ, ଏକ ବିଶ୍ୱ ରପ୍ତାନିକାରୀ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେବେ ଏହି ନୂତନ ତଥା ବର୍ଦ୍ଧିତ ରପ୍ତାନୀ ଶୁଳ୍କ ସିଧାସଳଖ ଭାବରେ ଏହି କମ୍ପାନୀଗୁଡ଼ିକ ଅନ୍ତର୍ଜାତୀୟ ବିକ୍ରୟରୁ ଉପଭୋଗ କରିଥିବା ଲାଭଜନକ ମଧ୍ୟସ୍ଥତା ସୁଯୋଗ ଏବଂ ଲାଭ ସମ୍ଭାବନାକୁ ମାତ୍ରାଧିକ ହ୍ରାସ କରିଦେଇଛି। କାରଣ ବର୍ଦ୍ଧିତ ରପ୍ତାନି ଶୁଳ୍କ ସିଧାସଳଖ ରିଫାଇନର୍ସମାନଙ୍କୁ ସେମାନଙ୍କ ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସହିତ ଅନ୍ତର୍ଜାତୀୟ ବଜାର ପାଇଁ ଉଦ୍ଦିଷ୍ଟ କ୍ଷତି ପହଞ୍ଚାଏ।

### ହର୍ମୁଜ ଦେଇ ଭାରତକୁ ...

ସିଙ୍ଗାରେନି କୋଲିୟରିଜକୁ ନିର୍ଦ୍ଦେଶ ଦେଇଛି। କଳାବଜାରୀ ଏବଂ ମହଜୁଦକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ ଅଧୀନରେ କ୍ଷମତା ଦିଆଯାଇଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଦୈନନ୍ଦିନ ପ୍ରବର୍ତ୍ତନ ଅଭିଯାନକୁ ଜୋରଦାର କରିବା ଏବଂ ସୋସିଆଲ ମିଡିଆରେ ଗୁଜବକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ୨୪ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ନିୟମିତ ଏ ବାବଦରେ ଗଣମାଧ୍ୟମକୁ ସୂଚିତ କରୁଛନ୍ତି। ଏବେକାର ଏଲପିଜି ଯୋଗାଣ ସ୍ଥିତି ବିଷୟରେ ସୂଚନା ଦେଇ ପେଟ୍ରୋଲିୟମ ଓ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏଲପିଜି ବିତରକଙ୍କ ପାଖରେ କୌଣସି ଷ୍ଟକ୍ ଅଭାବ ହୋଇନାହିଁ। ଇଣ୍ଡଷ୍ଟ୍ରିରେ ଅନଲାଇନ ଏଲପିଜି ବୁକିଂ ପ୍ରାୟ ୯୮% କୁ ବୃଦ୍ଧି ପାଇଛି। ୧୦.୦୪.୨୦୨୬ ରେ, ୫୧.୫ ଲକ୍ଷରୁ ଅଧିକ ଘରୋଇ ଏଲପିଜି ସିଲିଣ୍ଡର ବିତରଣ କରାଯାଇଛି। ଛାତ୍ର ଏବଂ ପ୍ରବାସୀ ଶ୍ରମିକଙ୍କ ସମେତ ଅସହାୟ ସମ୍ପ୍ରଦାୟକୁ ୨୩ ମାର୍ଚ୍ଚ ୨୦୨୬ ରୁ ୧୨ ଲକ୍ଷରୁ ଅଧିକ ୫ କିଲୋଗ୍ରାମର ମୁକ୍ତ ବ୍ୟାପାର (ଏଫଟିଏଲ୍) ସିଲିଣ୍ଡର ବିକ୍ରି କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଭାରତୀୟ ମିଶନଗୁଡ଼ିକ ଚବିଶ ଘଣ୍ଟିଆ ହେଲ୍ପଲାଇନ ଚଳାଉଛନ୍ତି ଏବଂ ଭାରତୀୟ ନାଗରିକମାନଙ୍କୁ ସକ୍ରିୟ ସହାୟତା ପ୍ରଦାନ କରୁଛନ୍ତି। ୨୮ ଫେବୃଆରୀ ପରଠାରୁ ପ୍ରାୟ ୮,୭୧,୦୦୦ ଯାତ୍ରୀ ସେହି ଅଞ୍ଚଳରୁ ଭାରତ ଭ୍ରମଣ କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସକୁ ପ୍ରାୟ ୯୫ଟି ବିମାନ ଆଜି ଚଳାଚଳ କରିବାର ଆଶା ଅଛି। ଇରାନ ରାଜଧାନୀ ତେହେରାନରେ ଥିବା ଭାରତୀୟ ଦୂତାବାସ ଏପର୍ଯ୍ୟନ୍ତ ୨,୨୨୫ ଜଣ ଭାରତୀୟ ନାଗରିକଙ୍କୁ (୯୮୧ ଜଣ ଛାତ୍ର ଏବଂ ୬୬୨ ଜଣ ମତ୍ସ୍ୟଜୀବୀଙ୍କ ସମେତ) ଆର୍ମେନିଆ ଏବଂ ଆଜରବାଇଜାନ ମାଧ୍ୟମରେ ଭାରତକୁ ଯିବାରେ ସହାୟତା କରିଛି।

# ଆମ୍ବେଦକରଙ୍କ ଜୟନ୍ତୀରେ ନିଶାଦ୍ରବ୍ୟ ବିକ୍ରିରେ ପ୍ରତିବନ୍ଧକ ଲଗାଇବାକୁ ଦାବି



**ଭବାନୀପାଟଣା, ୧୧।୪/ଏନ୍‌ଏନ୍‌ଏସ୍:** ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀକୁ କଳାହାଣ୍ଡିର ବିଭିନ୍ନ ସ୍ଥାନରେ ଦଳିତ ସଂଗଠନ ପକ୍ଷରୁ ଧୁମ୍‌ଧାମ୍‌ରେ ପାଳନ ପାଇଁ ପ୍ରସ୍ତୁତି ଜାରି ରହିଛି। ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ଡଃ ବି ଆର୍ ଆମ୍ବେଦକର ସମାଜ ସେବକ ସଂଘ କେସିଙ୍ଗା (ବ୍ରାସ୍) ଉକ୍ତ ଦିନ ମାଦକ ଓ ନିଶାଦ୍ରବ୍ୟ ବିକ୍ରି ଉପରେ ପ୍ରତିବନ୍ଧକ ପାଇଁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସଂଗଠନର ବରିଷ୍ଠ ସଦସ୍ୟ ଅଭିମନ୍ୟୁ ମହାନନ୍ଦ, ଆଇନଜୀବୀ ଯୁଗଳ କିଶୋର ଦୀପ, ଚକାଡ଼ୋଲା ବାରିକ ଓ ଗୌରଚନ୍ଦ୍ର ସାହୁ ପ୍ରମୁଖଙ୍କ ସହ ସଂଗଠନର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଜିଲ୍ଲାପାଳ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିକୁ ଆଦିବାସୀ ସମାଜ, ଓବିସି ସମାଜ, ସଂଖ୍ୟାଲଘୁ ବର୍ଗ, ଡ୍ରାଇଭର୍ ସଂଘ, ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି, କେସିଙ୍ଗା ଏନ୍‌ଏସି, ଅଧ୍ୟକ୍ଷ ନୃପରାଜ ଯାଦବ ଓ ବିଆର୍ ଆମ୍ବେଦକର ସେବକ ସଂଘ ପକ୍ଷରୁ ସଫଳ କରିବା ଦିଗରେ ସହଯୋଗ କରିବାକୁ ସମସ୍ତ ସମାଜସେବୀ ଓ ମାନବବାଦୀ ସଂଗଠନକୁ ମଧ୍ୟ ଅନୁରୋଧ କରାଯାଇଛି।

ପ୍ରକାଶଥାଉକି ବ୍ରାସ୍ ସଂଗଠନ ଗତ ୨୦୦୯ରୁ ପ୍ରତି ବର୍ଷ ଅପ୍ରେଲ୍ ୧୪ରେ କେସିଙ୍ଗାରେ ଆମ୍ବେଦକର୍‌ଙ୍କ ଜୟନ୍ତୀ ଭବ୍ୟ ରୂପେ ପାଳନ କରିଆସୁଛି। ଉକ୍ତ ଦିନ ହଜାର ହଜାର ଲୋକଙ୍କ ଜନସମାଗମ ହେଉଥିବାବେଳେ ଡଃ ଆମ୍ବେଦକର୍‌ଙ୍କୁ ଆଦର୍ଶ ମାନି ଆସୁଥିବା ସମସ୍ତ ବୁଦ୍ଧିଜୀବୀ ଓ ମାନବବାଦୀ ସଂଗଠନ ଗୁଡ଼ିକ ଚଳିତ ବର୍ଷ ସମ୍ପୂର୍ଣ୍ଣ କଳାହାଣ୍ଡିରେ ମାଦକ ଓ ନିଶାଦ୍ରବ୍ୟ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ଉପରେ ନିଷ୍ପତ୍ତି ନେଇଛନ୍ତି।

ହୋମଗାର୍ଡ ଚାକିରି ପାଇଁ ଲିଖିତ ପରୀକ୍ଷା

# ୯୦ ପଦବୀ ପାଇଁ ୪,୬୭୨ ପରୀକ୍ଷାର୍ଥୀ



**ନବରଙ୍ଗପୁର, ୧୧।୪/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ଜିଲ୍ଲାରେ ହୋମଗାର୍ଡ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୯୦ଟି ପଦବୀ ପାଇଁ ହୋଇଥିବା ଏହି ପରୀକ୍ଷା ନିମନ୍ତେ ୪,୬୭୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ କୌଣସି କେନ୍ଦ୍ରରେ କରାନଯାଇ ପୁଲିସ୍ ରିଜର୍ଭ ପଡ଼ିଆରେ ଏହି ପରୀକ୍ଷା ହୋଇଥିଲା। ଅନ୍ୟପଟେ ପଡ଼ିଆରେ ପରୀକ୍ଷା ହେଉଥିବାରୁ ଖରା ଟାଣ ହେବା ପୂର୍ବରୁ ଅର୍ଥାତ୍ ସକାଳ ୯ଟାରେ ପରୀକ୍ଷା ସରିଯାଇଥିଲା। ନବରଙ୍ଗପୁର ଏସ୍‌ପି ଏମ୍ ମଡକାର୍ ସମ୍ପତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ଲିଖିତ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଦୁଇ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିବାବେଳେ ପରୀକ୍ଷା କେନ୍ଦ୍ରକୁ ସିସିଟିଭି ନଜରରେ ରଖାଯାଇଥିଲା। ଟାଣ ଖରାକୁ ଦୃଷ୍ଟିରେ ରଖି ପାନୀୟଜଳ ସହ ଓଆର୍‌ଏସ୍ ମଧ୍ୟ ରଖାଯାଇଥିଲା। ଅନ୍ୟ କୌଣସି ସରକାରୀ ଚାକିରି ନଥିବାରୁ ବାଧହୋଇ ଗ୍ରାଜୁଏସନ୍ ଡିଗ୍ରୀଧାରୀ ଯୁବକ ଯୁବତୀମାନେ ମଧ୍ୟ ପରୀକ୍ଷାରେ ସାମିଲ୍ ହୋଇଥିଲେ। ପରୀକ୍ଷାରେ ପ୍ରଶ୍ନ ସହଜ ଥିବା ପରୀକ୍ଷାର୍ଥୀମାନେ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ



**ରେଢ଼ାଖୋଲ, ୧୧।୪/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ମିଶନଶକ୍ତି ସଭାଗୃହରେ ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟଙ୍କା ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ସାରଦା ମହାରଣା, ତୃପ୍ତିମୟୀ ସାହୁ, ସମାଜସେବୀ ବିଜୟ ମହାନ୍ତି, ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ବିଶେଷତଃ କନ୍ୟା ସନ୍ତାନଙ୍କ ପାଇଁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଶିଶୁ ସୁରକ୍ଷା ପାଇଁ ରହିଥିବା ନୀତିନିୟମ ଓ ସହାୟତା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ରେଢ଼ାଖୋଲ ବ୍ଲକ୍‌ର ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଆବାସିକ ବିଦ୍ୟାଳୟ ପରିଚାଳିକା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଅଦ୍ୱିକା ପ୍ରତିନିଧି ଓ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ହରିଶଙ୍କର ମହୋତ୍ସବ ପାଇଁ ଲୋଗୋ ଉନ୍ମୋଚିତ



**ପାଟଣାଗଡ଼, ୧୧।୪/ଏନ୍‌ଏନ୍‌ଏସ୍:** ହରିଶଙ୍କର ମହୋତ୍ସବ ପାଇଁ ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୁନୀଲ କୁମାର ମେହେର ଲଗୋ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେବୋତ୍ତର ବିଭାଗର ଉପଦେଷ୍ଟା ସଦସ୍ୟ ବିସମ୍ବର ପାଣିଗ୍ରାହୀ, ଦୀନବନ୍ଧୁ ପାଣିଗ୍ରାହୀ, ବିଜୟ ପାଣିଗ୍ରାହୀ, ସଦାଶିବ ସରାଫ, ଦୀନବନ୍ଧୁ ଠାକୁର, ନରହରି ହୋତା ଓ ପ୍ରଫୁଲ୍ଲ କୁମାର ମେହେର ଉପସ୍ଥିତ ରହି କିଭଳି ହରିଶଙ୍କର ମେଳାକୁ ଆକର୍ଷିତ କରିହେବ ସେବିଷୟରେ ଆଲୋଚନା କରିଥିଲେ। ଦେବୋତ୍ତର ବିଭାଗ ଡେପୁଟି କଲେକ୍ଟର୍ ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ



**ରାୟଗଡ଼ା, ୧୧।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ସହରାଞ୍ଚଳର କଳା ସଂସ୍କୃତି ସଂଘର ଉପସଭାପତି, ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ଓ ସହକଳାକାରମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥିଭାବେ ନଗର କଳା ସଂସ୍କୃତି ସଂଘର ଉପସଭାପତି ସୁକାନ୍ତ ଯୋଗଦେଇ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରି କଳାକାରଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଦିନ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଏହି ଦିବସ ପାଳିତ ହୋଇଥିଲା। ଏହାସହ ଲୋକକଳା କଳାକାର ଏବଂ ବରିଷ୍ଠ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଏହାଦ୍ୱାରା ଲୋକକଳା ଅଧିକରୁ ଅଧିକ ମାତ୍ରାରେ ଯୁବପିଢ଼ିଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନୃତ୍ୟଗୁରୁ ତ୍ରିଲୋଚନ ସାହୁ, ଶିବା ଭାସ୍କର, ପିଙ୍କି ରଥ, ଦେବୀପ୍ରସାଦ, ଉଷା ଦେବୀ, ଗୁପ୍ତ ଶିଖା, ଏନ୍ ବିବେକାନନ୍ଦ ଓ ମାନସୀ ମେଲାକାଙ୍କ ସମେତ ଅନ୍ୟ କଳାକାରମାନେ ଲୋକକଳା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗୀତଜ୍ଞ ପ୍ରଶାନ୍ତ କୁମାର ନାୟକ ସଂଯୋଜନା କରିଥିଲେ।

କାଉନସିଲ୍ ବୈଠକ

# ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୫ କୋଟିର ପ୍ରକଳ୍ପ ପାଇଁ ପ୍ରସ୍ତାବ




**ଝାରସୁଗୁଡ଼ା, ୧୧।୪/ଏନ୍‌ଏନ୍‌ଏସ୍:** ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟରେ ପୌରାଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ୧୯ତମ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଅଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ବଳବିନ୍ଦର ସିଂ ଓ ସାଂସଦଙ୍କ ପ୍ରତିନିଧି ନେତାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହରର ବିଭିନ୍ନ ଜନହିତକର କାର୍ଯ୍ୟ ଓ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ପ୍ରାରମ୍ଭରେ ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ସହରର ସମସ୍ତ ନର୍ଦ୍ଦମା ସଫା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ସହରର ବିଭିନ୍ନ ସ୍ଥାନରେ ଥିବା ଫାଉଣ୍ଟେନ୍ ବା ଝରଣା ଗୁଡ଼ିକର ମରାମତି ଏବଂ ସମସ୍ତ ୱାର୍ଡରେ ଆବଶ୍ୟକୀୟ ଆଲୋକ ବ୍ୟବସ୍ଥାର ଆକଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୁଲିସ୍ ଓ ପଥିକଙ୍କ ପାଇଁ ଅସ୍ଥାୟୀ ଟ୍ରାଫିକ୍ ସେଡ୍ ନିର୍ମାଣ କରିବାକୁ ମଧ୍ୟ ସ୍ଥିର କରାଯାଇଛି। ସହରର ଭିତ୍ତିଭୂମି ଓ ପରିବେଶ ସୁରକ୍ଷା ପାଇଁ କେତେକ ବୈପ୍ଳବିକ ପଦକ୍ଷେପ ଉପରେ ମୋହର ବାଜିଛି। ଝାଡ଼େଶ୍ୱର ମନ୍ଦିର ନିକଟରେ ଏକ ସୁଏଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ, ପୁରୁଣା ବସ୍ତି ଜଳାଶୟର ପୁନରୁଦ୍ଧାର ଓ ଡମ୍ପିଂୟାର୍ଡକୁ ଏକ ସବୁଜ ବଳୟରେ ପରିଣତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସର୍ବୀହାଲ ହାଇସ୍କୁଲ, ମନମୋହନ ସ୍କୁଲ୍ ଓ ଇଞ୍ଜିନିୟରିଂ ସ୍କୁଲ୍ ନିକଟରେ ଥିବା ଖୋଲା ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ବିକାଶ କରାଯିବ। ଆଧୁନିକ ଜୀବନଶୈଳୀକୁ ଦୃଷ୍ଟିରେ ରଖି ସହରରେ ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ ମଧ୍ୟ ଯୋଜନା ରହିଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ପଞ୍ଚପଡ଼ାରେ ଏକ ୭୫ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ପ୍ରତିଷ୍ଠା ଏବଂ ସହରର ଭୂମିହୀନ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇବା ପାଇଁ ଆଲୋଚନା ହୋଇଥିଲା। ଏହାବ୍ୟତୀତ ସହରର ବିଭିନ୍ନ ସ୍ଥାନରେ ରାସ୍ତା ଓ ନାଳ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାଉନସିଲ୍ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଗତ ପ୍ରାୟ ୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ପୌରପାଳିକାରେ କର୍ମଚାରୀ ଅଭାବ ଦୂର କରିବା ଏବଂ ୨୦୨୮ ସୁଦ୍ଧା ଅବସର ନେବାକୁ ଥିବା ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମସ୍ତ ୱାର୍ଡର କାଉନସିଲର୍ ଓ ପୌରପାଳିକା ଅଧିକାରୀମାନେ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର ପ୍ରସ୍ତୁତି

**ସିନାପାଲି, ୧୧।୪/ଏନ୍‌ଏନ୍‌ଏସ୍:** ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଇଓ ଯତୀନ୍ଦ୍ର କୁମାର ସେଠ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୯ ତାରିଖ ହେବାକୁ ଥିବା ଏହି ରକ୍ତଦାନ ଶିବିରକୁ ସଫଳ କରିବାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଶିକ୍ଷକଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟା ଯାଇଥିଲା। ଏଥିସହ ଆଗାମୀ ଦିନରେ ଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଓ ସୃଜନଶୀଳତାର ବୃଦ୍ଧି ପାଇଁ କବିତାପାଠ ଭଳି ଏକାଧିକ କାର୍ଯ୍ୟକ୍ରମର ଆୟୋଜନ ସହ ଏକ ପତ୍ରିକା ପ୍ରକାଶନ କରିବା ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବିଦ୍ୟାଳୟ ଗୁଡ଼ିକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ମଧ୍ୟ ସ୍ଥିର କରାଯାଇ ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହି ବୈଠକରେ ରବୀନ୍ଦ୍ରନାଥ ଯୋଶୀ, ବୈଷ୍ଣବ ମେହେର, ତରୁଣ କୁମାର ମେହେର, ବଂଶୀଧର ଜଗତ, ଭୀମସେନ ମେହେର, ଉପେନ୍ଦ୍ର ସୁନାନୀ, ଖଗେଶ୍ୱର ବାଗ, ଗୌତମ ମେହେର, ହରେକୃଷ୍ଣ ମେହେର, ପ୍ରସନ୍ନ ସାହୁ ଓ ସାନୁର୍ଯ୍ୟ ମେହେର ପ୍ରମୁଖ ଶିକ୍ଷକ ଓ ସିଆର୍‌ସିସି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ।

# ପ୍ରଭୁଜୀ ଇଂରାଜୀ ମାଧ୍ୟମିକ ସ୍କୁଲ୍‌ର ବାର୍ଷିକୋତ୍ସବ



**ରେଢ଼ାଖୋଲ, ୧୧।୪/ଏନ୍‌ଏନ୍‌ଏସ୍:** ରେଢ଼ାଖୋଲ ରାଜବାଟିସ୍ଥିତ ପ୍ରଭୁଜୀ ଇଂରାଜୀ ମାଧ୍ୟମିକ ସ୍କୁଲ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବହିଧାର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ, ସମ୍ମାନିତ ଅତିଥିଭାବେ ରେଢ଼ାଖୋଲ ତହସିଲଦାର୍ ରାମ ଗୋବିନ୍ଦ ପରିଡ଼ା, ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଓ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ପ୍ରମୁଖ ଯୋଗଦେଇ ପିଲାଙ୍କୁ ମନଦେଇ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ମୁଖ୍ୟ କୋଷାଧ୍ୟକ୍ଷ ସୁଧାକର ବାବା ମଞ୍ଚାସୀନ ହୋଇ ପିଲାଙ୍କୁ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବହିଧାର ସ୍ୱାଗତ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଇପ୍ସିତା ମିଶ୍ର ଧନ୍ୟବାଦ୍ ଦେଇଥିଲେ।

## ଇଶ୍ୱର



ଅଖିଳ କୁମାର ମିଶ୍ର

ହେ ମୋ ଇଶ୍ୱର,
ସାଥିରେ ରୁହ, ପାଖରେ ରୁହ –
ମଣିଷ ତ ଆସେ ମନ୍ଦିର,
ଦୁଃଖର ବଳି ଦବାକୁ,
ସୁଖ ନବାପାଇଁ ।
ମାଟିରେ ମିଶୁଚି ମନ
ଅନୁତାପର ଅଶ୍ରୁ ଢାଳି ପଡୁଛି ପାଦ ଉପରେ
ଭୁଲ୍ ତ ହେଇଯାଏ କେବେ କେବେ,
ମାତ୍ର ଯେ ଫେରିଆସେ ବାଟକୁ,
ତା' ପାଇଁ ଅନାଇବ ନାହିଁକି ଟିକିଏ ଆଖି ଆଡ଼େଇ ?
ଇଶ୍ୱର !
କଳଙ୍କର ରାସ୍ତା ଯେତେ ଜଟିଳ,
ଭଲ ହେବା ଲାଗି ଆହୁରି ଅଧିକ ମେହନତ ଲୋଡ଼ା,
ବେଢାରେ ଯେ ଠିଆ ହୁଏ ହାତଯୋଡ଼ି,
ଦେଖ ତା' ଦେହରେ କାହାଣୀର ବର୍ଣ୍ଣ,
ବେପରୁଆ ସେ ଆଶୀଷ ମାଗେ ।
ପ୍ରତିଟି ମଣିଷ ମଥା ଉପରେ ଇଶ୍ୱରଙ୍କ ଥାଏ,
ସବୁ ଇଶ୍ୱର ହାତରେ ମାନବର ରୂପଚିତ୍ର ଟିଏ,
ରୂପାନ୍ତର ହେଇ ଯେ ଠିଆ ହୋଇଛି,
ସେ ଖାଲି ମଣିଷ ନୁହଁ ଚେହେରାରେ,
ସେ ମଣିଷ ହବାକୁ ଚାହୁଁଚି/
ତାକୁ ହାତରେ ଧର ଓ
ରାତିରେ ନିଦଟିଏ ଦିଅ ।

**ଆଡିସନାଲ ଡି.ଜି. ପିଆଇବି,**
**ଭୁବନେଶ୍ୱର**



# ପ୍ରେମରାଗ



ସଚ୍ଚିଦାନନ୍ଦ କର

କୋଉ ଝିଅ କାଳେ କୋଉ ପୁଅକୁ ପ୍ରେମ କରିବସିବ, ସେଥିପାଇଁ ଗାଆଁଟିରେ କଡ଼ା କଟକଣା ଥିଲା । ଆଉ ଯିଏ ସେ କଟକଣା ନମାନିବ ତା' ପାଇଁ କଠୋର ଶାସ୍ତିବିଧାନର ମଧ ବ୍ୟବସ୍ଥା ଥିଲା ।

ଇଏ ସେଇ ଗାଆଁର ଗୋଟିଏ ଝିଅର କଥା । କୋଉ ପୁଅକୁ ପ୍ରେମ କରିବା ତ ପଛକଥା, ଝିଅଟି ପ୍ରେମ କ'ଣ ଜାଣି ନଥିଲା । ହେଲେ ତା' ପାଖରେ ଗୋଟିଏ ସୁନ୍ଦର ମନ ଥିଲା । ସୁନ୍ଦର ଦେହଟିଏ ବି ଥିଲା ।

ଝିଅଟିର ବୟସ କ୍ରମଶଃ ବଢ଼ିଚାଲିଥିଲା । ବୟସ ବଢ଼ିବା ସଙ୍ଗେସଙ୍ଗେ ବଦଳି ଚାଲିଥିଲା ତା'ର ରୂପ, ରଙ୍ଗ, କାନ୍ତି । ତା' ଅଙ୍ଗେଅଙ୍ଗେ ପ୍ରକାଶ ପାଇଥିଲା ଯୌବନର ରାଗରଙ୍ଗ । ଖୁବ୍ ଅପୂର୍ବ ଦଶିଲା ସେ ।

ଝିଅଟିକୁ ଷୋହଳ କିମ୍ବା ସତର ବର୍ଷ ବୟସ ହେବ ସେତେବେଳକୁ । ବହୁ ପୁରୁଷଙ୍କ ମନ ଉପରେ ପ୍ରଭାବ ବିସ୍ତାର କରିସାରିଥିଲା ସେ । ହେଲେ ପ୍ରେମ କ'ଣ ତାହା ଜାଣି ନଥିବା କାରଣରୁ କୌଣସି ପୁରୁଷର କୋମଳ ଆବେଗ ଉଚ୍ଛ୍ୱାସକୁ ସମ୍ମାନ କରିବା ଭଳି ମାନସିକତା ତା'ର ନ ଥିଲା ।

ସ୍କୁଲ୍ ମାଟି ମାଡ଼ି ନଥିଲା ଝିଅଟି, ମାତ୍ର ସ୍କୁଲ୍ ଝିଅଟିଏ ପରି ଥିଲା ସେ ସରଳ ଓ ନିଷ୍ପାପ । ତା' କଣ୍ଠସ୍ୱରରେ ଥିଲା ମାଦକତା, ସରଳ ଶିଶୁଟିଏ ପରି । ତାହା ଶୁଣିଲେ କେଉଁ ବିସ୍ମୃତ ସଙ୍ଗୀତ ଶିଳ୍ପୀର ଅଭୁଲା ମୂର୍ଚ୍ଛନା ଶୁଣିବା ପରି ମନେ ହେଉଥିଲା ।

ମନେହେଲେ ଦର୍ପଣ ଧରି ବସିପଡୁଥିଲା ଝିଅଟି । ନିଜର ରୂପ ଦେଖିବାକୁ ପସନ୍ଦ କରୁଥିଲା । ସଜେଇ ହେଉଥିଲା । ହସୁଥିଲା ଓ ମିଠାମିଠା ଶବ୍ଦରେ ନିଜ ସହ ନିଜେ କଥାବାର୍ତ୍ତା କରୁଥିଲା । ମନେମନେ ଖୁସି ହେଉଥିଲା ।

– 'ମାଁ ! ମୁଁ ଏବେ ଜଙ୍ଗଲକୁ ଯାଇପାରିବିକି ?' ଦିନେ ମାଆକୁ ପଚାରିଦେଲା ଝିଅଟି । ଝିଅଟିର ଗୋଡ଼ରୁ ମୁଣ୍ଡଯାଏ ମାଆ ଆଗ ଚାହିଁଲା । ପରେ ହସହସ ମୁହଁରେ କହିଲା – 'ହଁ, ଝିଅ ! ତୁ ବଡ଼ ହେଲୁଣି । ଜଙ୍ଗଲକୁ ଯିବାର ବୟସ ଏବେ ତୋର ହୋଇଗଲାଣି । ତୁ ଜଙ୍ଗଲକୁ ଗଲେ କିଛି ରୋଜଗାର ତ କରିପାରିବୁ । ଶୁଣ୍,ତୁ ରୋଜଗାର କଲେ ସିନା ମୁଁ ତୋର ବାହାଘର କରିବି ।'

ମା'ର ଏଇ ହସହସ କଥାଶେଷରେ ମୁର୍କି ହସିଦେଇ ଲାଜେଇଗଲା ଝିଅଟି । ଆଦିବାସୀ ଝିଅ । ସେତେବେଳକୁ ଜଙ୍ଗଲ ଭୟ ଆଉ ତା' ମନରେ ନଥିଲା । ପରଦିନ ସକାଳେ କୁରାଢ଼ି, କଟୁରି ଧରି ଜଙ୍ଗଲକୁ ବାହାରିଗଲା ସେ । କିଛି ରୋଜଗାର କରିବାକୁ ଲାଗିପଡ଼ିଲା ।

ଜଙ୍ଗଲରୁ କାଠ ସଂଗ୍ରହ କଲେ ରୋଜଗାର ହୁଏ । ମହୁଲ ସଂଗ୍ରହ କଲେ ରୋଜଗାର ହୁଏ । ଶାଳପତ୍ର, ଶାଳଫୁଲ ମଞ୍ଜି, କେନ୍ଦୁପତ୍ର ସଂଗ୍ରହ କଲେ ବି ରୋଜଗାର ହୁଏ । ଏବେ ସବୁଦିନ ସକାଳ ପାହିଲେ ଅଧିକରୁ ଅଧିକ ରୋଜଗାର ଆଶାରେ ଝିଅଟି ଜଙ୍ଗଲକୁ ଯିବାରେ ଲାଗିଲା ।

ପରିଶ୍ରମ କରି ଝିଅଟି ଜଙ୍ଗଲରୁ ସଂଗ୍ରହ କଲା ବିଡ଼ା ବିଡ଼ା କାଠ, ମହୁଲ, ଶାଳପତ୍ର, କେନ୍ଦୁପତ୍ର ଓ ଶାଳଫୁଲ ମଞ୍ଜି । ଘରେ ହାତଠେଲା ଘଣାରେ ପେଡ଼ି ତା' ମା' ଶାଳଫୁଲ ମଞ୍ଜିରୁ ଟୁଲ ତେଲ ବାହାର କଲା । ହାଟବାରି ଦିନ ସବୁସବୁ ଜିନିଷ ନେଇ ହାଟରେ ବିକିଲା ସେ । ଯାହା ରୋଜଗାର ହେଲା ସବୁତକ ଆଣି ମା' ହାତରେ ଦେଲା ।

ଦିନେ ଶ୍ରମ କରି ଝାଳ ସରସର ହୋଇଯାଇଥାଏ ଝିଅଟି । ଜଙ୍ଗଲୀ ଝରଣାକୁ ଆସି ପାଣିରେ ମୁହଁ ଧୋଉଥାଏ ।

ଏତିକିବେଳେ କାହା ବଂଶୀର ମଧୁର ଶବ୍ଦ ଆସି ତା' କାନରେ ପଡ଼ିଲା । ସେ ଟିକେ ଆକୁଳ ଓ ଆନମନା ହୋଇଗଲା । ନିଜେ ଶାନ୍ତ ଓ ସ୍ୱାଭାବିକ ହୋଇପାରିଲା ନାହିଁ ହଠାତ୍ । କିଛିକ୍ଷଣ ପାଇଁ ହେଲେ ବି ସେ ଉନ୍ମାଦିନୀ ହୋଇଉଠିଲା ।

ପ୍ରଥମ ପ୍ରେମ ! ହଁ, ହୋଇଥିବ !

କିଏ ବଂଶୀ ବଜାଉଛି ! କିଏ ସେ ! ଝିଅଟି ଏବେ ତାହା ଜାଣିବାକୁ ବ୍ୟଗ୍ର ହୋଇଉଠିଲା । ଗୋଟିଏ ପୁଅପିଲାର ସ୍ପର୍ଶ ଓ ମିଳନ ଖୋଜିଲା । ସମୟ ଅପରାହ୍ନ । ସେ ଖୋଜିଖୋଜି ଆସି ବଂଶୀ ବଜାଉଥିବା ସେଇ ପୁଅପିଲାଟି ପାଖରେ ପହଞ୍ଚିଲା । ଆରେ ! ଇଏ ତ ମୋ ଗାଆଁର ପିଲା ! ଏଡ଼େ ସୁନ୍ଦର ବଂଶୀ ବଜାଉଛି ! ସେ ମନକୁ ମନ କହିଲା ।

ସେତିକିବେଳେ ବର୍ଷାଟା କୁଆଡ଼େ ଥିଲା କେଜାଣି ଆସି ଅସରାକୁ ଅସରା ବର୍ଷିଲା । ସତେ ପ୍ରେମର ବର୍ଷା ! ଆଉ ସେତେବେଳେ କିଏ କାହାକୁ ଅଟକାଇବ ! ଆଖିର ଇସାରାରେ ଦୁହେଁ ନିରବରେ କଥାବାର୍ତ୍ତା ହୋଇଗଲେ । ମଧୁର ପ୍ରେମର ଆକର୍ଷଣରେ ଧୀରେଧୀରେ ପାଖକୁ ଲାଗିଆସିଲେ । ତା' ପରେ ଏକାଠି ହୋଇଗଲେ । ବର୍ଷାରେ ଭିଜିଭିଜି ପ୍ରେମର ଗଜଲ୍ ଗାଇଲେ ।

ପ୍ରେମ ପାଇଁ ଗାଆଁରେ ଥିବା କଡ଼ା କଟକଣାକୁ ଫୁ କରିଦେଇ ଏବେ ସେଇ ପିଲାଟି ସହିତ ମିଶି ପ୍ରେମରାଗରେ ଉଛୁଳୁଥିଲା ଝିଅଟି । ସେଥିପାଇଁ ଗାଆଁରେ ଥିବା କଠୋର ଶାସ୍ତିବିଧାନକୁ ମଧ ଆଉ ତା'ର ଭୟ ନ ଥିଲା ।

ପ୍ରେମରାଗ । ବୁଝେକି ତାହା କଡ଼ା କଟକଣା ! ଥାଏକି ତା' ପାଖରେ କଠୋର ଶାସ୍ତିବିଧାନର କରାମତି ! କେହି ତାକୁ ରୋକିପାରେ କ'ଣ !!

**'ନିର୍ମାଲ୍ୟ'**
**ନୂଆପଡ଼ା, ନୟାବଜାର, କଟକ**
**ମୋ - ୮୯୧୭୫୭୯୯୨୬**

## ଅନ୍ତା



ପୀତାମ୍ବର ମହାପାତ୍ର

ତମ ଅନନ୍ତା ଆଉ
ଅନନ୍ତା ହୋଇ ନାହିଁ ହୋ
ସାଆନ୍ତେ !
ସେ ଏବେ ଅନ୍ତା ହୋଇଗଲାଣି
ବଢ଼ି ପାଣି ଉଛୁଳି ପଡ଼ିଲେ
ସେ ଆଉ ବନ୍ଧ ଉପରେ
ଶୋଇ ପଡୁ ନାହିଁ କି
ମାଟି ପକାଅ ବୋଲି କହୁନି ।

ବରଂ କାହା ପ୍ରରୋଚନାରେ
ବନ୍ଧକୁ ଉଖାରି ଦେଉଛି
ଲୁଚି ଲୁଚି
ଘାଇ କରି ଗାଁ' ଭିତରକୁ
ପଶି ଆସୁଛି ବଢ଼ି ପାଣି
ରିଲିଫ୍ ନବାକୁ ଧାଡ଼ି ଭାଙ୍ଗି
ଆଗରେ ଠିଆ ହେଉଛି
କିଏ କହିଲେ-
ନାଲି ଆଖି ଦେଖାଉଛି
ଗାଁ' ଲୋକଙ୍କୁ ଧମକାଉଛି
ଝିଅ ବୋହୂଙ୍କୁ
ଚାହି ଟାପରା କରୁଛି ।

ସେଦିନ ଗୋଟାଏ ଡକାୟତି କେଶ୍‌ରେ
ଫସିଗଲା ଅନ୍ତା
ଏବେ ଜେଲ୍‌ରେ
ଆସିଲେ ପୁଣି ଉତ୍ପାତ କରିବ କି
ସୁଧାର ମଣିଷଟିଏ
ହୋଇଯିବ କେଜାଣି ?

**ସମ୍ପାଦକ- 'ଆଷାଢ଼'**
**'ମାୟା ମାଳତୀ', ହନୁମନ୍ତ ବ୍ରହ୍ମପୁର,**
**ମଧଶାସନ,**
**ଜଗତସିଂହପୁର,**
**ମୋ- ୯୯୩୭୬୩୧୫୪୪**

## ଛି...



ରାମକୃଷ୍ଣ ବାରିକ

ଛି...
ଛି...ଛି... ଛି...
ଛି – ବୋଲି କାହାକୁ କହୁଛୁରେ ମଣିଷ
ଜୀବନକୁ... ?
ନା ଜନ୍ମକୁ... ??
ନା ଜାତକକୁ... ???
ଜନ୍ମକୁ ଜମା ଛି' କରନିରେ
ଲକ୍ଷଲକ୍ଷ ଶୁକ୍ରାଣୁର ଦୌଡ଼ ଭିତରେ
ତୁ ହିଁ ଜଣେ, ଯିଏ ବିଜୟୀ ହୋଇ
ମଣିଷ ଜନ୍ମ ପାଇଛୁ...

ଆଉ ତେବେ ?
କାହାକୁ ଛି' କହିବା... ??
ହା... ହା... ହା
କେହି ଜଣେ ଅଦୃଶ୍ୟରେ ହସିହସି କହିଲା
ଜୀବନକୁ ଛି' କହିବାର ମୁର୍ଖାମୀ କରନି
କାରଣ, ଜୀବନ ଯେବେ ଛି' କରିଦେବ
ସେବେ ମଣିଷ ଛ'ଖଣ୍ଡ କାଠରେ ହିଁ ଶୋଇଥିବ...
ଆଉ ରହିଲା ଜାତକ କଥା...
ଏ ଜାତିର ଜାତକରେ ତ
ଜଗନ୍ନାଥଙ୍କ ନାଁ ଲେଖା
ତେବେ କେମିତି ଛି' କରିହେବ କୁହ ?

ତା'ହେଲେ କାହାକୁ ଛି' କରିବା ?
ଭାଗ୍ୟକୁ ନା ଭାଗ୍ୟରେଖାକୁ... ?
ଭାଗ୍ୟ ତ ସଦା କର୍ମରେ ହିଁ ଲେଖା...
ଆଉ ଭାଗ୍ୟରେଖା ?
ସମୟର ଗଣିତ ଖାତାରେ ଭାଗଭାଗ ହୋଇ
କେବେଠୁ ପାଲଟି ସାରିଲାଣି ସ୍ମୃତିରେଖା...

ଆଚ୍ଛା !
ଛି' ବୋଲି କହିବା କଣ ନିହାତି ଜରୁରୀ ?
ଛି' କଲା ପରେ କେହି ନିଏ କି ଆଦରି ??
ବରଂ ଛି... କଲେ
ଛିଡ଼ିଯାଏ ସମ୍ପର୍କ
ଛିଡ଼ିଯାଏ ଭାବଡୋରି
ଛିଡ଼ାହୁଏ ପାଚେରୀ
ଆଉ ଛିଡ଼ି ବି ପଡ଼େ ଆକାଶ...
ଛକିଶୁନ ଖେଳର ଛକାପଞ୍ଝା ଭିତରେ
ଛକି ବସିଥିବା ଛି' ହିଁ ସାଜେ
ଅବିଶ୍ୱାସ- ଅବସୋସର ଅନ୍ତିମ ପାଉଁଶ ।

ଅତଏବ;
ଜୀବନ ଯେଉଁଠି
ଛି' ନଥାଏ ସେଇଠି !
ଛି' ଛକିଥାଏ ଯେଉଁଠି
ସମ୍ପର୍କ ମରିଯାଏ ସେଇଠି !!

**ଶିଙ୍ଗୀଖୁଣ୍ଟା, ସୋର, ବାଲେଶ୍ୱର**
**ମୋ- ୯୭୭୬୭୩୧୨୧୫**

# ଗୋବର



କୈଳାସ ବେହେରା

ଗାଁ ପରିବେଶ ଓ ଚଳଣିରେ ନିଜକୁ ସାମିଲ୍ କରାଇପାରିବେନି ବୋଲି ପତ୍ନୀ ସୁଜିତ ବାବୁଙ୍କୁ ଅନେକ ଥର ଇଙ୍ଗିତ କଲେଣି । ହେଲେ ନୂଆ କମ୍ପାନୀ ଚାକିରୀ, ସ୍ୱଳ୍ପବେତନରେ ସହରରେ ଘରଭଡା ନେଇ ସପରିବାର ରହିବା କାଠିଏ ପାଠ । ପୁଣି ମା'ଙ୍କ ଚଳିବା ପାଇଁ ମାସକୁ ମାସ ପଇସା ପଠେଇବାକୁ ପଡିବ । କଷ୍ଟେମଷ୍ଟେ ଏଇଠି ଚଳିଯିବାକୁ ବହୁଥର ବୁଝେଇଛନ୍ତି ପତ୍ନୀଙ୍କୁ ସୁଜିତ ବାବୁ । ହେଲେ ପତ୍ନୀଙ୍କର ଏକାନ୍ତ ଜିଦ୍ ତୁମ ସହ ସହରରେ ରହିବି, ନଚେତ୍ ବାପ ଘରକୁ ଚାଲିଯିବି । ଏଠି ଘଷି ଗୋବରରେ ମୁଁ ଆଉ ରୋଷେଇବାସ କରିପାରିବିନି । ତୁମ ବୋଉ ପୁଣି କହିଲେଣି ଯେ ଗୋବର ଚକଡ଼ି ଘଷି ପାରିବାକୁ । ଏତକ କହିଦେଇ ଦମ୍ ଦମ୍ ପାଦ ପକାଇ ଘର ଭିତରକୁ ଚାଲିଗଲେ ପତ୍ନୀ ସୁମିତ୍ରା ।

ସପ୍ତାହକ ପାଇଁ ଛୁଟିରେ ଆସିଥିଲେ ସୁଜିତ୍ । ଗାଁ ପରିବେଶ ଭଲ ଓ ସହରର ଅଣନିଶ୍ୱାସୀ ଜୀବନ ବାବଦରେ ପତ୍ନୀଙ୍କୁ ବୁଝାଇ ଚାଲିଥାନ୍ତି ସୁଜିତ ବାବୁ । ହେଲେ ଫଳ କିଛି ନଥାଏ । ସେ ବାଡ଼ି ଆଡ଼କୁ ବୁଲିବାକୁ ଆସିଲେ, ଯେଉଁଠି ବୋଉ ଘଷି ପାରୁଥିଲା । ବସିପଡ଼ିଲେ ସେ ସେଇଠି କାଠ ଚେୟାର ଉପରେ; ଯେଉଁ ଚେୟାରଟି ବାପାଙ୍କର ଥିଲା ଅତି ପ୍ରିୟ । ବାପା ଆଜି ଯିବାର ପନ୍ଦର ବର୍ଷ ବିତିଗଲାଣି । ମନେପଡ଼ିଗଲା ସେଇ ବାଲ୍ୟତ କାଳର କଥା । ଅଗଣାରେ ଗୁରୁଣ୍ଡିଗୁରୁଣ୍ଡି ଖେଳୁଥିଲେ । ବୋଉର ଅଲକ୍ଷ୍ୟରେ କେତେଥର ଯେ ସେ ଗୋବରରେ ହାତ ପୂରେଇଛି, ତା'ର ହିସାବ ନାହିଁ । ବୋଉ ନଜରରେ ପଡ଼ିଲେ ସେ ଆକଟ କରି କହିଛି, କାହିଁକି ଏମିତି ଗୋବରରେ ଘାଣ୍ଟି ହେଉଛୁ ? ଚାଲ୍ ହାତ ଧୋଇବୁ, ଚାଲ୍ ।

ଗୋବର ସହ ତା'ର ସମ୍ପର୍କ ବହୁ ପୁରୁଣା । ଗାଁ ମାଟିର ସେଇ ମହକ ଆଉ ଖତଗଦାର ପରିଚିତ ଗନ୍ଧରେ ତା'ର ପିଲାଦିନ ହସୁଥିଲା । କିନ୍ତୁ ସମୟ ଚକ୍ରରେ ସବୁ ବଦଳିଗଲା । ଅଗତ୍ୟା ପତ୍ନୀଙ୍କ ଜିଦ୍ ଆଗରେ ହାରମାନି ସେ ସହରରେ ଏକ ଫ୍ଲାଟ୍‌ରେ ରହିଲେ । ସହରର ଅଣନିଶ୍ୱାସୀ ଜୀବନ ଭିତରେ ସେ ନିଜକୁ ରୁଦ୍ଧି ହେଇପଡୁଥିବା ଅନୁଭବ କରୁଥିଲେ । କାନ୍ଥ ବାଡ଼ର ସେଇ ସୀମିତ ପରିଧି ଭିତରେ ତାଙ୍କୁ ଲାଗୁଥିଲା ଯେମିତି ସେ ନିଜ ଅସ୍ତିତ୍ୱ ହଜାଇ ଦେଇଛନ୍ତି । କିନ୍ତୁ ଅପରପକ୍ଷରେ, ପତ୍ନୀଙ୍କର ମନ ପୂରା କୁଣ୍ଢେମୋଟ । ସହରର ଚିକ୍କଣ ଜୀବନଶୈଳୀରେ ସେ ବେଶ୍ ଖୁସ୍ । ଯା'ହେଉ, ସବୁଠାରୁ ବଡ଼ ଆଶ୍ୱସ୍ତି ଥିଲା ଏହି ଯେ, 'ଆଉ ଏଠି ଚୁଲି ନାହିଁ କି ଗୋବର ଘଷି ଜାଳିବାର ନାହିଁ ।' ଗାଁର ସେଇ ଧୂଆଁ ଆଉ କାଦୁଅରୁ ମୁକ୍ତି ପାଇ ସେ ଏବେ ଆଧୁନିକତାର ରଙ୍ଗରେ ବିଭୋର ।



କିନ୍ତୁ ହଠାତ୍ ଏମିତି ଏକ ପରିସ୍ଥିତିକୁ ସାମ୍ନା କରିବେ କେହି କେବେ କଳ୍ପନା କରିନଥିଲେ । ଅଫିସ ବାହାରୁଥାନ୍ତି ସୁଜିତ ବାବୁ । କିଚେନରୁ ଆୱାଜ୍ ଆସିଲା ଗ୍ୟାସ୍ ଶେଷ । ଏବେ ତୁରନ୍ତ ଗ୍ୟାସ୍ ବ୍ୟବସ୍ଥା କର, ନହେଲେ ଉପାସ । ଗ୍ୟାସ୍ କାଉଣ୍ଟର ଆଗରେ ଜନସମୁଦ୍ର । ବୁକିଂ କଲେବି ଠିକ୍ ସମୟରେ ମିଳୁନି । ଅନ୍‌ଲାଇନ୍‌ରୁ ଖାଦ୍ୟ ବରାଦ କରି କେତେଦିନ ବା ଆଉ ଖାଇହେବ ! ସ୍ୱଳ୍ପବେତନର ଚାକିରି । ଏଣୁ ବକଳ୍ପ ବ୍ୟବସ୍ଥା କିଛି କରିବାକୁ ହେବ । ତେବେ, ଆପାର୍ଟମେଣ୍ଟ ସାରା ତ ହାହାକାର । କେହିକେହି ବି ନିଜ ପରିବାରକୁ ନେଇ ଗାଁରେ ଛାଡିଦେଇ ଆସିଲେଣି । ଏସବୁ କଥା ଶୁଣି ସୁଜିତ ବାବୁଙ୍କ ପତ୍ନୀ ବଡ଼ ଶଙ୍କାରେ ପଡିଗଲେଣି । ସତରେ ପୁଣି କ'ଣ ତାଙ୍କୁ ସେଇ ଗାଁକୁ ଫେରିବାକୁ ପଡିବ !

ଘରେ ରେ ବସି ଚା' ପିଉଥିଲେ ସୁଜିତ ବାବୁ । ବାହାରେ କେହି ଜଣେ ଡାକୁଥିବାର ଲକ୍ଷ୍ୟ କଲେ ସେ । ହଁ, 'ଯାଉଛି' ବୋଲି କହି ଫୋନ୍ କାଟିଦେଇ ତଳକୁ ଗଲେ ସୁମିତ୍ରା ଦେବୀ । କିଛି ସମୟ ପରେ ହସହସ ବଦନରେ ବଡ଼ ପ୍ୟାକେଟଟିଏ ଧରି ଘର ଭିତରକୁ ପଶିଲେ । ସୁଜିତ ବାବୁ ପଚାରିଲେ – 'ଇଏ ପୁଣି କ'ଣ ? କିଛି ଅର୍ଡର କରିଥିଲକି ଅନ୍‌ଲାଇନ୍‌ରେ !' ଧୀର ସ୍ୱରରେ ସୁମିତ୍ରା ଦେବୀ କହିଲେ, 'ଗୋବର ଘଷି' । ଥରେ ସୁମିତ୍ରା ଦେବୀଙ୍କ ମୁହଁକୁ ଓ ଥରେ ସେହି ଘଷି ପ୍ୟାକେଟକୁ କିଛିକ୍ଷଣ ଧରି ସେମିତି ବଲବଲ କରି ଚାହିଁରହିଥିଲେ ସୁଜିତ୍ ।

**ତିହିଡି, ଭଦ୍ରକ, ମୋ- ୭୦୦୮୭୪୫୧୭୦**

## ଝଡ଼ର ଆଖି



ଶ୍ରୀକାନ୍ତ ମହାନ୍ତି

ଏମିତି ଝଡ଼ଟିଏ ଦିଅ
ଯାହାର ଥିବ ତିରିଶ ମାଇଲ ବ୍ୟାପି
ବ୍ୟାସାର୍ଦ୍ଧର ଗୋଟିଏ ଆଖି
ଯାହା ଭିତର ଦେଇ
ସୂର୍ଯ୍ୟାଲୋକ ବିଚ୍ଛୁରିତ ହେଉଥିବ ଓ
ଆକାଶର ଫର୍ଚ୍ଚା ରୂପ ଦିଶିଯାଉଥିବ ।

ଅଥଚ ଆଖିର ଚାରିପଟେ ତାଣ୍ଡବ
ସମୁଦ୍ର ମାଡ଼ିଆସିବାର ଓ ବଡ଼ ବଡ଼ ଦ୍ରୁମ
ମୋଡ଼ିମକଚି ଭାଙ୍ଗିପଡୁଥିବାର ଶବ୍ଦ ।
ମୁଁ ବସିଥିବି ଯୋଗମୁଦ୍ରାରେ
ସେଇ ଆଖିପତା ତଳେ
ଅଖଣ୍ଡ ନିରବତାରେ ।

ଏ'ଯେଉଁ ଯୁଦ୍ଧର ଝଡ଼ ଉଠିଛି
ତାକୁ ଆଖିଟିଏ ଦିଅ ।

**ମୋ: ୯୮୬୧୧୧୭୨୪୦**

## ବାରୁଦ



ସୁଧାଂଶୁ ଶେଖର ବଳ



ଚିତ୍କାର କାହାର ?
ହାରିବାର ନା ଜିତିବାର ?
କିଏ ଜିତିଛି ଏଠି
ମଣିଷ ନା ଅମଣିଷ ?

ସୁଦୂର ସୀମାନ୍ତ ସେପଟେ ଲାଲ୍ କାନ୍‌ଭାସ୍,
ଦୂର ଦିଗବଳୟରୁ ଭାସିଆସୁଛି ବାରୁଦର ଗନ୍ଧ
ପ୍ରଚାର ଚାଲିଛି ବିଜୟର ପରିଭାଷା,
ଶବ ଉପରେ ଠିଆ ହୋଇ
ହସୁଛି ସ୍ୱାର୍ଥର ସଭ୍ୟତା !

ଏପଟେ ମୋ ସହର ସାରା
ଏକ ଅଜବ ଅପେକ୍ଷା,
ଗ୍ୟାସ୍ ସିଲିଣ୍ଡର ପାଇଁ ତାରିଖ ଗଣନା,
ସତେ କି ଲାଇନ୍‌ରେ ଛିଡ଼ା ହୋଇଛି
ନିଜ ମୃତ୍ୟୁର ପଞ୍ଜିକରଣ !

ତମେ ଦେଇଥିବା ଚିଠି
ସୀମାନ୍ତ ସେପାଖ ମଳୟର ଛୁଆଁ,
ଏବେ ବି କେଉଁ ଏକ ଅଜଣା ସହରର
ପୋଷ୍ଟ ଅଫିସ୍‌ରେ ଅନିଦ୍ରା ଭୋଗୁଛି !

ଫେରିବ କି ସେ ଶାନ୍ତିର ସକାଳ ?
ଥମିବ କି ଏ ମୃତ୍ୟୁର କୋଳାହଳ ?
ଯେବେ ମିସାଇଲ ନୁହେଁ,
ମଣିଷ ଚିହ୍ନିବ ମଣିଷ ପଣ !

**ବେଙ୍ଗାଲୁରୁ**
**ମୋ : ୮୦୯୫୩୭୭୧୪୬**

## ନବପ୍ରକାଶ



ମାନବିକତାର
### ବିଶ୍ୱମୁକ୍ତି
**ସମ୍ପାଦକ-ଅଧ୍ୟାପକ ଶଶାଙ୍କ ଚୂଡ଼ାମଣୀ**
**କାନନ ବିହାର, ଭୁବନେଶ୍ୱର, ମୂଲ୍ୟ-୭୫/-**

ଓଡ଼ିଶା ସାହିତ୍ୟ ଜଗତର ଯେଉଁ କେତେକ ପତ୍ରପତ୍ରିକା ନିଜସ୍ୱତା ବଜାୟ ରଖନ୍ତି ଓ ନୂତନ କିଛି ସନ୍ଦେଶ ଆଣିପାରନ୍ତି, ସେ ମଧ୍ୟରୁ ବିଶ୍ୱମୁକ୍ତି ପତ୍ରିକା ସ୍ୱତନ୍ତ୍ର । ଏଥର ସଂଖ୍ୟାରେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀଙ୍କୁ ନେଇ ଯେଉଁ ସ୍ୱତନ୍ତ୍ର ସଂଖ୍ୟା ପ୍ରସ୍ତୁତି ହୋଇଛି, ତାହା ଓଡ଼ିଆ ପାଠକଙ୍କ ପାଇଁ ଏକ ବଡ଼ ଉପହାର । ଓଡ଼ିଶାର ଅନେକ ପାଠକ ଚିତ୍ରଶିଳ୍ପୀଙ୍କୁ ଜାଣିଥିଲେ ବି ତାଙ୍କ ବାବଦରେ ବେଶ ସଚେତନ ନୁହନ୍ତି । ବିଶ୍ୱମୁକ୍ତି ଯେଉଁ ପ୍ରୟାସ କରିଛି ଓ ଉପାଦେୟ ଆଲେଖ୍ୟ ସ୍ଥାନିତି କରିଛି, ଏହା ନିହାତି ଭାବରେ ଏକ ଗବେଷଣାତ୍ମକ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାର କେବଳ ସ୍ଥାପତ୍ୟ ନୁହେଁ ବରଂ ଅସ୍ମିତାର ଅନାଲୋଚିତ କାର୍ଯ୍ୟଧାରା ପାଇଁ ଯେଉଁ ବଳୀଦାନ ଦେଇଛନ୍ତି ଚିତ୍ରଶିଳ୍ପୀ, ଏହି ସଂଖ୍ୟା ମାଧ୍ୟମରେ ପତ୍ରିକାର ସମ୍ପାଦକ ଅନେକଙ୍କର ଆଖି ଖୋଲିଦେଇଛନ୍ତି । ଏହି ସଂଖ୍ୟାରେ ରକ୍ଷକ ନାୟକ, ପୃଥିରାଜ ହରିଚନ୍ଦନ, ନିତ୍ୟାନନ୍ଦ କାନୁନଗୋ, ପ୍ରଶାନ୍ତ ପଟ୍ଟନାୟକ, ସଦାଶିବ ଦାଶ, ଦେବେନ୍ଦ୍ରନାଥ ମାନସିଂ, ବିବୁଧେନ୍ଦୁ କେଶରୀ ଭୋଳ, ବିଜୟ ନାୟକ, ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ଆଶୁତୋଷ ସାମନ୍ତସିଂହାରଙ୍କ ଆଲେଖ୍ୟ ବେଶ ଉଚ୍ଚକୋଟୀର ହୋଇପାରିଛି । ଏହା ବ୍ୟତୀତ ସିଆନ୍ କଲିନ୍ ୟଙ୍ଗ୍, ଉମା ନାୟାର, ଅର୍ଚ୍ଚନା ଖାରେ ଘୋଷ, ଭିକ୍ଷୁ ଏମ୍. ନାରିମାସ୍ଥ ପ୍ରମୁଖଙ୍କ ଆଲେଖ୍ୟ ମଧ୍ୟ ଚିତ୍ରଶିଳ୍ପୀଙ୍କ ବିଭିନ୍ନ ଦିଗକୁ ଆଲୋକିତ କରିଛି । କବିତାରେ କବିତାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କୃଷ୍ଣଚନ୍ଦ୍ର ତ୍ରିପାଠୀ, ପ୍ରସନ୍ନ ପାଟ୍ଟଶାଣୀ, ତ୍ରିଲୋଚନ ଭୋଳ ପ୍ରମୁଖ । ଏହି ପତ୍ରିକା ଉପେନ୍ଦ୍ର ମହାରଥୀଙ୍କ ବାବଦରେ ଆଖି ଖୋଲିଦେଲା ଭଳି ଏକ ଦସ୍ତାବିଜ୍ ।

**ଆଜିର ମ୍ୟାଚ୍**

ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବନାମ ଗୁଜରାଟ ଟାଇଟନ୍ସ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ଲକ୍ଷ୍ନୌ

ମୁମ୍ବାଇ ଇଣ୍ଡିଆନ୍ସ ବନାମ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ମୁମ୍ବାଇ

ନିତିଦିନ NITIDIN

## ଉତ୍ତରପ୍ରଦେଶ ପ୍ରୋ-ହ୍ୟାଣ୍ଡବଲ୍ ଲିଗ୍‌ରେ ଗୌରୀଶଙ୍କରଙ୍କୁ ଗୁରୁଦାୟିତ୍ୱ



**ଭୁବନେଶ୍ୱର, ୧୧।୪/ଏଜେନ୍ସି:** ଓଡ଼ିଶାର ପ୍ରଥମ ହ୍ୟାଣ୍ଡବଲ ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କୁ ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗ୍‌ରେ ଟେକ୍‌ନିକାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଏହି ସମ୍ମାନଜନକ ଲିଗ୍ ପ୍ରତିଯୋଗିତା ଲକ୍ଷ୍ନୌ କେଡ଼ି ସିଂ ବାବୁ ଷ୍ଟାଡିୟମ୍‌ରେ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୮ଟି ଦଳ ଭାଗ ନେଇଛନ୍ତି। ଗୌରୀ ଶଙ୍କର ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଗୌରୀ ଶଙ୍କର ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୬ ୱିକେଟ୍‌ରେ ଜିତିଲା ପଞ୍ଜାବ କିଙ୍ଗ୍‌ସ

### ହାଇଦ୍ରାବାଦ୍‌ର ୨୧୯ ରନ୍, ୧୮.୫ ଓଭରରେ ପୂରା କଲା ଶ୍ରେୟସ୍ ବାହିନୀ

**ନ୍ୟୁ ଚଣ୍ଡିଗଡ଼, ୧୧।୪/ଏଜେନ୍ସି:** ନ୍ୟୁ ଚଣ୍ଡିଗଡ଼ରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୧୭ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ, ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୬ ୱିକେଟ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ପଞ୍ଜାବ କିଙ୍ଗ୍ସ ଚଳିତ ଆଇପିଏଲ୍ ସିଜିନ୍‌ରେ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟରୁ ପଞ୍ଜାବ ୨ ପଏଣ୍ଟ ହାସଲ କରିବା ସହ (ମୋଟ୍ ୭ ପଏଣ୍ଟ) ଟେବୁଲରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ପ୍ରକାଶ ଦଳ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚ୍ ଖେଳିଥିବା ବେଳେ ଏଥିମଧ୍ୟରୁ ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ତଥାପି ଦଳ ଏଥିରୁ ୧ ପଏଣ୍ଟ ହାସଲ କରିଛି। ସେହିପରି ବାକି ୩ଟି ମ୍ୟାଚ୍‌କୁ ଦଳ ଜିତିବାରେ ସଫଳ ହୋଇଛି।

ଟସ୍ ଜିତିବା ସତ୍ତ୍ୱେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ପଞ୍ଜାବ କିଙ୍ଗ୍‌ସ। ତେବେ ବ୍ୟାଟିଂ କରିବାକୁ ଆହ୍ୱାନ ପାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ଦୁଇ ଓପନିଂ ବ୍ୟାଟ୍ସମ୍ୟାନ୍ ଅଭିଷେକ୍ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ସେମାନଙ୍କ ଧୂଆଁଧାର ଖେଳ ଆରମ୍ଭ କରିଦେଇଥିଲେ। ଅଭିଷେକ ଶର୍ମା ମାତ୍ର ୨୮ ବଲ୍‌ରୁ ୭୪ ରନ୍ (୫ ଚୌକା ଏବଂ ୮ ଛକା) କରି ଆଉଟ୍ ହୋଇଥିବା ବେଳେ ହେଡ୍ ୨୩ବଲ୍‌ରୁ ୩୮ ରନ୍ କରିଥିଲେ। ଉଭୟଙ୍କ ଯୋଡି ଦଳ ପାଇଁ ମାତ୍ର ୫୦ ବଲରୁ ୧୨୦ ରନର ଓପନିଂ ପାର୍ଟନରସିପ୍ କରିଥିଲା। ପ୍ରଥମ ପାୱାର ପ୍ଲେ ଅର୍ଥାତ୍ ମାତ୍ର ୬ ଓଭରରେ ହିଁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓପନିଂ ଯୋଡିରେ ହିଁ ୧୦୫ ରନ୍ ସ୍କୋର ହାସଲ କରିନେଇଥିଲା। ଏହାସତ୍ତ୍ୱେ ହାଇଦ୍ରାବାଦ୍ ୨୦ ଓଭରରେ ୬ ୱିକେଟ୍‌ରେ ୨୧୯ ରନ କରିଥିଲା। ଦଳର ଦୁଇ ଓପନର ଆଉଟ୍ ହେବା ପରେ ଦଳର ସ୍କୋର ଗତି ଧୀମା ପଡ଼ିଯାଇଥିଲା। ଈଶାନ୍ କିଶନ୍ ୧୭ ବଲ୍‌ରୁ ୨୭ ରନ୍, ହେନ୍‌ରିକ୍ କ୍ଲାସେନ୍ ୩୩ ବଲ୍‌ରୁ ୩୯ ରନ୍ କରିଥିଲେ ଯାହାକି ଦଳକୁ ସମ୍ମାନଜନକ ସ୍କୋର ୨୧୯ରେ ପହଞ୍ଚାଇଦେଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂହ ଏବଂ ଶଶାଙ୍କ ସିଂହ ୨ଟି ଲେଖାଏ ୱିକେଟ୍ ଅକ୍ତିଆର୍ କରିଥିବା ବେଳେ ଜାଭିଅର ବାର୍ଟଲେଟ୍‌ଙ୍କୁ ୧ଟି ୱିକେଟ୍ ମିଳିଥିଲା।



ଅନ୍ୟପକ୍ଷେ ୨୨୦ ରନ୍‌ର ବିଜୟ ଲକ୍ଷ୍ୟକୁ ପଞ୍ଜାବ୍ କିଙ୍ଗ୍‌ସ ମାତ୍ର ୪ୱିକେଟ ହରାଇ ୧୮.୫ ଓଭରରେ ହିଁ ହାସଲ କରିନେଇଥିଲା।

ପଞ୍ଜାବର ଦୁଇ ଓପନର ପ୍ରିୟାଂଶ ଆର୍ଯ୍ୟା ଏବଂ ପ୍ରଭ୍‌ସିମ୍‌ରନ୍ ସିଂହ ଏକ ମଜବୁତ୍ ମୂଳଦୁଆ ସ୍ଥାପନା କରିଥିଲେ। ପ୍ରିୟାଂଶ ମାତ୍ର ୨୦ ବଲ୍‌ରୁ ୫୭ ରନ୍ ଏବଂ ପ୍ରଭସିମ୍‌ରନ୍ ୨୫ ବଲ୍‌ରୁ ୫୧ ରନ୍ ସଂଗ୍ରହ କରିଥିଲେ। ଏହାପରେ ଅଧିନାୟକ ଶ୍ରେୟସ ଆୟର ଅନ୍ୟ ସାଥୀ ଖେଳାଳିଙ୍କ ସହ ମିଶି ଅପରାଜିତ ୬୯ ରନ୍ କରିଥିଲେ ଏବଂ ଦଳକୁ ବିଜୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତାଙ୍କ ପାଳି ପାଇଁ ଶ୍ରେୟସ୍‌ଙ୍କୁ ଆଜି ମ୍ୟାଚ୍‌ରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ହାଇଦ୍ରାବାଦ୍ ପକ୍ଷରୁ ଶିବାଙ୍ଗ କୁମାର ୩ଟି ୱିକେଟ୍ ଏବଂ ହର୍ଷ ଦୁବେ ୧ଟି ଅକ୍ତିଆର୍ କରିଥିଲେ ମଧ୍ୟ ଦଳର ଅନ୍ୟ କୌଣସି ବୋଲର ୱିକେଟ୍ ନେବାରେ ସଫଳ ହୋଇନଥିଲେ, ଯାହାକି ଦଳକୁ ପରାଜୟ ଆଡକୁ ଠେଲିଦେଇଥିଲା। ଆଜିର ପରାଜୟ ସହ ହାଇଦ୍ରାବାଦ୍ ୪ଟି ମ୍ୟାଚ୍‌ରୁ ୩ଟିରେ ପରାଜୟ ଲାଭ କରିଛି ଏବଂ ଗୋଟିଏରେ ବିଜୟୀ ହୋଇଛି। ସୁତରାଂ ଦଳ ୨ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି।

### ପଡ଼ିଆରେ ସଞ୍ଜୁ ପ୍ରଳୟ, ଓଭରଟନ୍ ଓ କମ୍ବୋଜ୍‌ଙ୍କ ଘାତକ ବୋଲିଂ; ଦିଲ୍ଲୀ ଶିବିର ବିପର୍ଯ୍ୟସ୍ତ

## ଚଳିତ ସିଜିନ୍‌ରେ ଚେନ୍ନାଇର ପ୍ରଥମ ବିଜୟ



**ଚେନ୍ନାଇ, ୧୧।୪/ଏଜେନ୍ସି:** ଶନିବାର ଚେନ୍ନାଇର ଚେପକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଇପିଏଲ୍‌ର ୧୮ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ), ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ୨୩ ରନ୍‌ରେ ପରାସ୍ତ କରିଛି। ଟସ୍ ହାରିବା ପରେ ଚେନ୍ନାଇ ପ୍ରଥମେ ବ୍ୟାଟିଂ କରି ଧାର୍ଯ୍ୟ ୨୦ ଓଭରରେ ୨ ୱିକେଟ୍‌ରେ ୨୧୨ ରନ୍ କରିଥିଲା ଏବଂ ଦିଲ୍ଲୀ କ୍ୟାପିଟାଲ୍ସକୁ ୨୧୩ ରନ୍‌ର ଟାର୍ଗେଟ୍ ଦେଇଥିଲା। ତେବେ ଡିସି ଏହି ଲକ୍ଷ୍ୟକୁ ହାସଲ କରିବାରେ ବିଫଳ ହୋଇଛି। ଦିଲ୍ଲୀର ସମସ୍ତ ବ୍ୟାଟ୍ସମ୍ୟାନ୍ ଆଜି ଚେନ୍ନାଇ ବୋଲରଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିବା ଦେଖିବାକୁ ମିଳିଥିଲା। ତେବେ କ୍ରମାଗତ ୩ଟି ମ୍ୟାଚ୍ ହାରି ପଏଣ୍ଟ ଟେବୁଲ୍‌ରେ ସର୍ବନିମ୍ନରେ ଥିବା ଚେନ୍ନାଇ ଆଜି ପ୍ରଥମ ବିଜୟ ସ୍ୱାଦ ଚାଖିଛି। ୪ର୍ଥ ମ୍ୟାଚ୍‌ରୁ ୨ପଏଣ୍ଟ ପାଇ ଚେନ୍ନାଇ ପଏଣ୍ଟ ଟେବୁଲ୍‌ରେ ଖାତା ଖୋଲିବାରେ ସଫଳ ହୋଇଛି।

ଓପନର ସଞ୍ଜୁ ସାମ୍‌ସନ୍‌ଙ୍କ ଅପରାଜିତ ୧୧୫ ରନ୍‌ର ଇନିଂସ (୫୬ ବଲ୍, ୧୫ ଚୌକା, ୪ ଛକା) ଏବଂ ଆୟୁଷ ମାହାତ୍ରେଙ୍କ ୩୬ ବଲ୍‌ରୁ ୫୯ ରନ୍‌ର ପାଳି ବଳରେ ଚେନ୍ନାଇ ୨୦୦ରନ୍‌ର ବିଶାଳ ସ୍କୋର ଛିଡା କରିବାରେ ସଫଳ ହୋଇଥିଲା। ଆୟୁଷ୍ ୧୭.୩ତମ ଓଭରରେ ରିଟାୟର୍ଡ ହର୍ଟ୍ ହୋଇ ପାଭିଲିୟନ୍ ଫେରିଥିଲେ। ସେହିପରି ଅଧିନାୟକ ଋତୁରାଜ ଗାଏକ୍‌ୱାଡ୍ ୧୮ ବଲ୍‌ରୁ ମାତ୍ର ୧୫ ରନ୍ ହିଁ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଦିଲ୍ଲୀ ପକ୍ଷରୁ ଏକମାତ୍ର ବୋଲର ଭାବେ ଅଧିନାୟକ ଅକ୍ଷର ପଟେଲ୍ ମାତ୍ର ୱିକେଟ୍ ହାସଲ କରିଥିଲେ।

ଅନ୍ୟପକ୍ଷେ ୨୧୩ରନ୍‌ର ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିବା ଦିଲ୍ଲୀ ୧୩ ଓଭର ସୁଦ୍ଧା ୫ ୱିକେଟ୍ ହରାଇ ୧୩୦ ରନ୍ କରିନେଇଥିଲା। ପଥୁମ୍ ନିଶଙ୍କା ୨୪ ବଲ୍‌ରେ ୪୧ ରନ୍‌ର ପାଳି ଖେଳିଥିଲେ ମଧ୍ୟ ଦଳର ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ପଡିଆରେ ଅଧିକ ସମୟ ତିଷ୍ଠି ପାରିନଥିଲେ। କେଏଲ୍ ରାହୁଲ ୧୮ ରନ୍, ସମୀର ରିଜ୍‌ଭି ୬ ରନ୍, ଡେଭିଡ୍ ମିଲର ୧୭ ରନ୍, ଅଧିନାୟକ ଅକ୍ଷର ପଟେଲ୍ ୧ ରନ୍ କରି ପାଭିଲିୟନ୍ ଫେରିଥିଲେ। ଚେନ୍ନାଇ ପକ୍ଷରୁ ଜେମି ଓଭରଟନ୍ ସର୍ବାଧିକ ୪ଟି ୱିକେଟ୍ ହାସଲ କରିଥିଲେ। ସେହିପରି ଅନ୍‌ସୁଲ୍ କମ୍ବୋଜ୍ ୩ଟି, ଖଲିଲ ଅହମ୍ମଦ, ନୁର ଅହମ୍ମଦ, ଗୁରଜାପନିତ୍ ସିଂହ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ।



### ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାରାଥନ୍ ପ୍ରଚାର

## ଟିଏମ୍‌ସିର ଅହଂକାର ଭାଙ୍ଗିବେ ବଙ୍ଗବାସୀ

**କୋଲକାତା/ଚେନ୍ନାଇ/ଗୁଆହାଟୀ, ୧୧।୪/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ବାଂଲାଦେଶ ସୀମାନ୍ତବର୍ତ୍ତୀ ପୂର୍ବ ବର୍ଦ୍ଧମାନ ଜିଲ୍ଲାର କଟୱା, ମୁର୍ଶିଦାବାଦର ଜାଙ୍ଗିପୁର ଏବଂ ଦକ୍ଷିଣ ଦିନାଜପୁର ଜିଲ୍ଲାର କୁଶମଣ୍ଡିରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଛନ୍ତି। ରାଲି ସମୟରେ ସେ ରାଜ୍ୟରେ କ୍ଷମତାସୀନ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ

> **୧୫ ବର୍ଷରେ କରିଥିବା ଦୁର୍ନୀତିର ହିସାବ ଦେବାକୁ ହେବ**
>
> **ବିଦା ହେବା ପାଇଁ ପ୍ରସ୍ତୁତ ରୁହନ୍ତୁ ଅନୁପ୍ରବେଶକାରୀ**



କରିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ସ୍ୱାଧୀନତା ପରଠାରୁ, ବଙ୍ଗଳାକୁ ଚ୍ୟାଲେଞ୍ଜ କରିବାକୁ ସାହସ କରିଥିବା ଯେକୌଣସି ବ୍ୟକ୍ତିଙ୍କ ଅହଂକାର ଭାଙ୍ଗିଯାଇଛି। ପ୍ରଥମେ, ବ୍ରିଟିଶ, ତା'ପରେ କଂଗ୍ରେସ ଏବଂ ଶେଷରେ, ବାମପନ୍ଥୀମାନଙ୍କର ଅହଂକାର ଭାଙ୍ଗିସାରିଛି। ଏବେ ବଙ୍ଗଳାର ଲୋକମାନେ ଟିଏମସିର ଅହଂକାରକୁ ମଧ୍ୟ ଭାଙ୍ଗି ଦେବେ।' ମୋଦୀ କହିଛନ୍ତି, ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପଶ୍ଚିମବଙ୍ଗ ଆସିଥିଲେ। କିନ୍ତୁ ଏଠାରେ ତାଙ୍କୁ ଅପମାନିତ କରିବା ପାଇଁ ଚେଷ୍ଟା କରାଯାଇଥିଲା। ଟିଏମ୍‌ସି ଆଦିବାସୀ-ମହିଳାଙ୍କ ସମ୍ମାନ କରେନାହିଁ। ଏହା ଟିଏମ୍‌ସି ଗର୍ବରୁ ସୂଚୀତ କରୁଛି। ଟିଏମ୍‌ସି ସରକାରରେ ମହିଳାମାନେ ଆଦୌ ସୁରକ୍ଷିତ ନୁହଁନ୍ତି। ଅପରାଧୀ, ଦୁର୍ନୀତିଗ୍ରସ୍ତମାନଙ୍କୁ ଟିଏମ୍‌ସି ଏଠାରେ ସୁରକ୍ଷା ପ୍ରଦାନ କରୁଛି।

ପୂର୍ବ ବର୍ଦ୍ଧମାନ, କଟୱା ଅଞ୍ଚଳରେ ଆୟୋଜିତ ରାଲିକୁ ସମ୍ବୋଧନ କରି ମୋଦୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ଏବେ ପରିବର୍ତ୍ତନ ପାଇଁ ପ୍ରସ୍ତୁତ। ଅନୁପ୍ରବେଶକାରୀଙ୍କୁ ଏବେ ସେମାନଙ୍କ ପେଡି ପୁଟୁଳି ବାନ୍ଧିବା ଆରମ୍ଭ କରିଦେବା ଉଚିତ୍, କାରଣ ସେମାନଙ୍କ ଯିବାର ସମୟ ଆସିଯାଇଛି। କେବଳ ଭୋଟ୍ ବ୍ୟାଙ୍କ୍ ପାଇଁ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ବ୍ୟକ୍ତିବିଶେଷଙ୍କୁ କଦାପି ଛଡାଯିବ ନାହିଁ। ମୋଦୀ ଏଠାରେ ଦୃଢ଼ତାର ସହ କହିଛନ୍ତି ଯେ, ବିଜେପି ସରକାରକୁ ଆସିବା ପରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନାଗୁଡ଼ିକୁ କଦାପି ବନ୍ଦ କରିବ ନାହିଁ ବରଂ ସେମାନଙ୍କ ଦ୍ୱାରା ବର୍ଷ ବର୍ଷ ଧରି ଚାଲିଥିବା ଲୁଟତରାଜ୍‌କୁ ଶେଷ କରିବ। ସେହିପରି ଜଙ୍ଗିପୁର, ମୁର୍ଶିଦାବାଦ୍ ରାଲିରେ ମୋଦୀ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଟିଏମ୍‌ସିର ମହାଜଙ୍ଗଲରାଜ୍‌କୁ ଶେଷ କରିବା ପାଇଁ ବିଜେପିର ମାନିଫେଷ୍ଟୋ ଏକ ସୁଦୃଢ଼ ରୋଡ୍‌ମ୍ୟାପ୍ ଅଟେ। ଯେତେବେଳେ ବଙ୍ଗଳା ପରିବର୍ତ୍ତନର ସଂକଳ୍ପ ନେଇଥାଏ, ସେତେବେଳେ ବିଶ୍ୱର କୌଣସି ଶକ୍ତି ଏହାକୁ ରୋକିପାରିନଥାଏ। ଏତଦ୍‌ବ୍ୟତୀତ ଦକ୍ଷିଣ ଦିନାଜପୁର ରାଲିରେ ମୋଦୀ କହିଛନ୍ତି, ଟିଏମ୍‌ସି ତାଙ୍କୁ ଗାଳିଗୁଲଜ କରୁଛି। ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଲାଗୁ କରୁଛି। କିନ୍ତୁ କେବେ ନିଜ ରାଜ୍ୟବାସୀଙ୍କୁ ସେମାନେ ଦୀର୍ଘ ୧୫ ବର୍ଷ ଧରି କ'ଣ ସବୁ କରିଛନ୍ତି ସେସବୁର ହିସାବ ଦେଇନାହାନ୍ତି। ସେମାନଙ୍କ ପାଖରେ କୌଣସି ନିୟମ କାନୁନ ନାହିଁ କିମ୍ବା ସେମାନେ କୌଣସି ନୀତିକୁ ମାନୁନାହାନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆମେ ବଙ୍ଗଳାକୁ ବିକାଶର ନୂତନ ଶିଖରରେ ପହଞ୍ଚାଇବାକୁ ସଂକଳ୍ପବଦ୍ଧ। ମମତା ସରକାରଙ୍କ ୧୫ ବର୍ଷର ସମ୍ପୂର୍ଣ୍ଣ ହିସାବ ନିଆଯିବ। ବିଜେପି ଯାହା କହିଥାଏ ତାହା କରେ। ଟିଏମସି ସରକାର ଲୋକଙ୍କର ବହୁତ କ୍ଷତି କରିଛି। ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେବା ପରେ ବଙ୍ଗଳାର ଲକ୍ଷ ଲକ୍ଷ ପରିବାର ମାଗଣା ଚିକିତ୍ସା ପାଇବେ। ଏହି ନିର୍ବାଚନ ବଙ୍ଗଳାର ପରିଚୟ ସଂରକ୍ଷଣ କରିବା ବିଷୟରେ। ଆମେ ବଙ୍ଗଳାରେ କମିଶନ ବ୍ୟବସ୍ଥା ଏବଂ ଦୁର୍ନୀତିକୁ ସମାପ୍ତ କରିବୁ। ମୋଦୀ, ସିଲିଗୁଡିରେ ଏକ ରୋଡ୍ ଶୋ' ସମୟରେ ଲୋକମାନଙ୍କୁ ସ୍ୱାଗତ କରିଥିଲେ। ନିଜ ନିର୍ବାଚନୀ ରାଲି ସମୟରେ ମୋଦୀ ନିର୍ବାଚନ କମିଶନଙ୍କୁ ପ୍ରଶଂସା କରିବା ଦେଖିବାକୁ ମିଳୁଛି।

ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଝାଡଗ୍ରାମ ଏବଂ ପଶ୍ଚିମ ମେଦିନୀପୁରର କେଶ୍ୟାରୀରେ ରାଲି କରିଛନ୍ତି। ରାଲି ସମୟରେ ସେ ଘୋଷଣା କରିଥିଲେ, 'ବିଜେପି ବଙ୍ଗଳା ବିରୋଧୀ। ସେମାନଙ୍କୁ ଆପଣଙ୍କ ଘରେ ପ୍ରବେଶ କରିବାକୁ ଦିଅ ନାହିଁ। ମମତା ଏହି ଅବସରରେ ଦାବି କରିଛନ୍ତି ଯେ ବିଜେପି ଦୁଇଟି ମିଥ୍ୟା ଶପଥପତ୍ର ଦାଖଲ କରି ଭବାନୀପୁରରୁ ତାଙ୍କ ପ୍ରାର୍ଥୀତ୍ୱ ବାତିଲ କରିବାକୁ ଚେଷ୍ଟା କରିଥିଲା। ମମତା ଟିଏମସି ନେତାମାନଙ୍କୁ ଆଜି ସମ୍ବୋଧିତ କରି କହିଛନ୍ତି ଯେ, 'ଇଭିଏମ୍ ଯାଞ୍ଚ କରନ୍ତୁ, ଏବଂ ଯଦି ସେଗୁଡ଼ିକ ତ୍ରୁଟିପୂର୍ଣ୍ଣ ଥାଏ ତେବେ ସେଗୁଡ଼ିକୁ ବଦଳାନ୍ତୁ।

### ୨୦୦୦ କୋଟିର ଠକେଇ ଅଭିଯୋଗ

## ଇଆଇଏଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲା ଇଡି



**ନୂଆଦିଲ୍ଲୀ, ୧୧।୪/ଏଜେନ୍ସି:** ଘର ଯୋଗାଇଦେବା ନାଁରେ ୧୯,୪୨୫ ଜଣ ନିବେଶକଙ୍କ ଠାରୁ ପ୍ରାୟ ୨୦୦୦ କୋଟି ଟଙ୍କା ଠକିନେଇଥିବା ଅଭିଯୋଗରେ ଦିଲ୍ଲୀର ପ୍ରତିଷ୍ଠିତ ରିୟଲ ଇଷ୍ଟେଟ୍ ସଂସ୍ଥା "ଆର୍ଥ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍" (ଇଆଇଏଲ୍) ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ଉ ଆରମ୍ଭ ହୋଇଛି। ଦିଲ୍ଲୀ ଓ ଗୁରୁଗ୍ରାମର ୧୦ଟି ସ୍ଥାନରେ ମାରାଥନ୍ ଚଢ଼ାଉ କରି ଇଡି ଅଧିକାରୀମାନେ ପ୍ରାୟ ୬.୩ କୋଟି ଟଙ୍କାର ନଗଦ ଟଙ୍କା, ୭.୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅଳଙ୍କାର ସମେତ ବିପୁଳ ପରିମାଣର ରୁପା ବିସ୍କୁଟ ଓ ଦାମୀ ବିଳାସପୂର୍ଣ୍ଣ ଘଣ୍ଟା ଜବତ କରିଛନ୍ତି। ଇଡି ତଦନ୍ତରୁ ଜଣାପଡ଼ିଛି ଯେ, ଆର୍ଥ ଗ୍ରୁପ୍ ତା'ର ବିଭିନ୍ନ ସହଯୋଗୀ କମ୍ପାନୀ ଜରିଆରେ ଦିଲ୍ଲୀ-ଏନ୍‌ସିଆର, ଗୁରୁଗ୍ରାମ, ଗ୍ରେଟର ନୋଏଡା ଓ ଲକ୍ଷ୍ନୌ ଅଞ୍ଚଳରେ ଏକାଧିକ ଆକର୍ଷଣୀୟ ପ୍ରକଳ୍ପ ଆରମ୍ଭ କରିଥିଲା। ସମୟ ସୀମା ମଧ୍ୟରେ ଘର ହସ୍ତାନ୍ତର ଏବଂ ନିବେଶ ଉପରେ ନିଶ୍ଚିତ ରିଟର୍ଣ୍ଣ ଦେବାର ପ୍ରତିଶ୍ରୁତି ଦେଇ ନିବେଶକଙ୍କଠାରୁ ୨୦୨୪.୪୫ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। କିନ୍ତୁ ଏସବୁ ଅର୍ଥକୁ ବିଭିନ୍ନ ସେଲ୍ କମ୍ପାନୀ ମାଧ୍ୟମରେ ଦିଲ୍ଲୀ, ଗୁରୁଗ୍ରାମ ଓ ରାଜସ୍ଥାନରେ କମ୍ପାନୀ କର୍ତ୍ତୃପକ୍ଷମାନେ ନିଜ ନାମରେ ବେନାମୀ ଜମି କିଣିବା, ପରିବାର ସଦସ୍ୟଙ୍କ ନାମରେ ସମ୍ପତ୍ତି କରିବା ଏବଂ ବ୍ୟବସାୟରେ କୌଣସି ସକ୍ରିୟ ଭୂମିକା ନଥିବା ପରିବାର ଲୋକଙ୍କୁ ମୋଟା ଅଙ୍କର ଦରମା ଦେବାରେ ବ୍ୟୟ କରାଯାଇଛି। ଏହି ମହାଘୋଟାଲାରେ କମ୍ପାନୀର ପ୍ରମୋଟର ଓ ନିର୍ଦ୍ଦେଶକ ଅବଧେଶ କୁମାର ଗୋଏଲ, ରଜନୀଶ ମିତ୍ତଲ, ଅତୁଲ ଗୁପ୍ତା ଓ ବିକାଶ ଗୁପ୍ତା ପ୍ରମୁଖ ସାମିଲ ଥିବା ଜଣାପଡ଼ିଛି।

## ଆମେରିକା ରାଜ୍ୟପାଳ ପ୍ରାର୍ଥୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ



**କାଲିଫର୍ଣ୍ଣିଆ, ୧୧।୪/ଏଜେନ୍ସି:** କାଲିଫର୍ଣ୍ଣିଆ ଗଭର୍ଣ୍ଣର ପଦ ପାଇଁ ଆଶାୟୀ ଥିବା ଡେମୋକ୍ରାଟ୍ ନେତା ଏରିକ୍ ସ୍ୱାଲ୍‌ୱେଲ୍‌ଙ୍କ ବିରୋଧରେ ଯୌନ ଶୋଷଣ ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଏରିକ୍‌ଙ୍କ ବିରୋଧରେ ଅନେକ ମହିଳା ଏହି ଅଭିଯୋଗ ଆଣିଛନ୍ତି। ସିଏନ୍‌ଏନ୍‌କୁ ତାଙ୍କର ଜଣେ ପୂର୍ବତନ ଷ୍ଟାଫ୍ କହିଛନ୍ତି ଯେ ୨୦୨୪ରେ ଏରିକ୍ ତାଙ୍କୁ ପ୍ରଥମେ ମୃଦୁପାନୀୟ ନିଶା ସାମଗ୍ରୀ ମିଶାଇ ନିଶାସକ୍ତ କରିବା ପରେ ଦୁଷ୍କର୍ମ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏରିକ୍ ତାଙ୍କ ବିରୋଧରେ ଆସିଥିବା ଏପ୍ରକାର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବାନୁସାରେ ତାଙ୍କ ବିରୋଧରେ ଏପ୍ରକାର ଅଭିଯୋଗ ଏପରି ଏକ ସମୟରେ ଲଗାଯାଉଛି ଯେତେବେଳେ କି ସେ ନିର୍ବାଚନୀ ପ୍ରଚାରରେ ବ୍ୟସ୍ତ ରହିଛନ୍ତି। ସେ ଏବେ ଗଭର୍ଣ୍ଣର ପଦ ପାଇଁ ଆଶାୟୀ ଥିବାରୁ ତାଙ୍କ ବିରୋଧରେ ଏପ୍ରକାର ଉଦ୍ଦେଶ୍ୟମୂଳକ, ଭିତ୍ତିହୀନ ତଥା ପ୍ରମାଣବିହୀନ ଅଭିଯୋଗ ଅଣାଯାଉଛି। ଏରିକ୍ ଦୃଢ଼ତାର ସହ କହିଛନ୍ତି ଯେ, ସେ ସମସ୍ତ ଅଭିଯୋଗକୁ ଯଥାର୍ଥ ପ୍ରମାଣ ସହ ସାମ୍ନା କରିବେ ଏବେ ନିଜକୁ ବଞ୍ଚାଇବା ଆବଶ୍ୟକ ସ୍ଥଳେ ନ୍ୟାୟିକ୍ କାର୍ଯ୍ୟାନୁଷ୍ଠାନର ମଧ୍ୟ ଦ୍ୱାରସ୍ଥ ହେବେ।

ସିଏନ୍‌ଏନ୍ ମୁତାବକ ଅଭିଯୋଗ ଆଣିଥିବା ଅନ୍ୟଜଣେ ମହିଳା ଦାବି କରିଛନ୍ତି ଯେ, ୨୦୧୯ରେ ଏରିକ୍ ସ୍ୱାଲ୍‌ୱେଲ୍ ତାଙ୍କୁ ଡିନର ପାଇଁ ଡକାଇଥିଲେ ଏବଂ ଖାଦ୍ୟରେ ନିଶାସାମଗ୍ରୀ ଦେଇ ପରେ ତାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ବନ୍ଧ ରଖିଥିଲେ। ଏହି ମାମଲାରେ ଅନ୍ୟ ୩ ମହିଳା ମଧ୍ୟ ଭିନ୍ନ ଭିନ୍ନ ଘଟଣାକ୍ରମେ ସେମାନଙ୍କ ସହ ଏରିକ୍ ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି। ଏରିକ୍‌ଙ୍କ ଆଡ୍‌ଭୋକେଟ୍ ମଧ୍ୟ ଏପ୍ରକାର ଅଭିଯୋଗ କରିଛନ୍ତି। ଆଡ୍‌ଭୋକେଟ୍ କହିଛନ୍ତି ଯେ, ନିଜର କୌଣସି ଷ୍ଟାଫ୍‌ମାନଙ୍କୁ ଏରିକ୍ ଯୌନଶୋଷଣ କରିନାହାନ୍ତି। ଏରିକ୍‌ଙ୍କ ନ୍ୟାୟିକ ଟିମ୍ ମଧ୍ୟ ଏପ୍ରକାର ଅଭିଯୋଗ ଆଣିଥିବା ମହିଳାମାନଙ୍କୁ ତୁରନ୍ତ ନିଜ ନିଜ ଅଭିଯୋଗ ପ୍ରତ୍ୟାହାର କରିବାକୁ ନଚେତ୍ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବାକୁ ଚେତାବନୀ ଦେଇଛନ୍ତି।

## ୟୁସିସି ସାଜିଛି ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ

**କୋଲକାତା, ୧୧।୪/ଏଜେନ୍ସି:** ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ୨୩ ଓ ୨୯ ଏପ୍ରିଲରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ମତଦାନ ହେବ ଏବଂ ୪ ମେ'ରେ ଗଣନା କରାଯାଇ ଫଳାଫଳ ଘୋଷଣା କରାଯିବ। ତେବେ ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜ୍ୟରେ ସେତିକି ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି। ବିଶେଷକରି ଶାସକ ଓ ବିରୋଧୀ ଦଳର କର୍ମୀ ତଥା ସମର୍ଥକମାନଙ୍କ ମଧ୍ୟରେ ବାରମ୍ବାର ହିଂସାକାଣ୍ଡ ସଂଘଠିତ ହେଉଥିବାର ଦେଖିବାକୁ ମିଳୁଛି। ନିକଟରେ ଏପ୍ରକାର ୩ ତିନିଟି ଘଟଣା ଘଟିସାରିଥିବା ବେଳେ ଶୁକ୍ରବାର ହୁଗୁଳି ଜିଲ୍ଲାରେ ମଧ୍ୟସ ସମାନ ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ନିର୍ବାଚନୀ ପ୍ରଚାର ସମୟରେ ଟିଏମସି ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ହୁଗୁଳି ଜିଲ୍ଲା ପୁରସୁରା ନିର୍ବାଚନମଣ୍ଡଳୀ ଉଭୟ ଗୋଷ୍ଠୀ ହାତାହାତି ହୋଇଛନ୍ତି। ଏନେଇ ବିଜେପି ପ୍ରାର୍ଥୀ ବିମନ୍ ଘୋଷ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏହି ସଂଘର୍ଷରେ ୪ ବିଜେପି କର୍ମୀ ଆହତ ହୋଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ଏକ ପ୍ରମୁଖ ଯୁଦ୍ଧ ଅସ୍ତ୍ର ପାଲଟିଛି। ବିରୋଧୀ ବିଜେପି ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲା ବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାକୁ ବିରୋଧ କରିବାକୁ ପ୍ରତିଶ୍ରୁତି ଦେଇଛି। ବିରୋଧୀ ବିଜେପି ପାଇଁ ପ୍ରଚାର କରିବା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘୋଷଣା କରିଛନ୍ତି ଯେ, ଯଦି ବିଜେପି କ୍ଷମତାକୁ ଆସେ ତେବେ ୬ ମାସ ମଧ୍ୟରେ



> **ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ବାରମ୍ବାର ହିଂସାକାଣ୍ଡ**
>
> **ପ୍ରଚାର ଅଭିଯାନ ବେଳେ ପୁଣି ମୁହାଁମୁହିଁ ହେଲେ ବିଜେପି-ଟିଏମ୍‌ସି କର୍ମୀ**

ପଶ୍ଚିମବଙ୍ଗରେ ୟୁସିସି ଲାଗୁ କରିବ। ସଂକଳ୍ପ ପତ୍ର ଉନ୍ମୋଚନ ସମୟରେ ଶାହ ଏହି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଜୋର ଦେଇ କହୁଛନ୍ତି ଯେ, ୟୁସିସି ଭୋଟ୍ ବ୍ୟାଙ୍କ ରାଜନୀତି ସମାପ୍ତ କରିବ। ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଦଳ ୟୁସିସି କାର୍ଯ୍ୟକାରୀ କରିବା ବିରୁଦ୍ଧରେ ଲଢ଼ିବ। ଯଦି ଟିଏମ୍‌ସି ସଂଖ୍ୟାଗରିଷ୍ଠତା ବଜାୟ ରଖେ ତେବେ ଏହି ବିଲ୍ ପ୍ରତ୍ୟାହାର ହେବ। ୟୁସିସିକୁ ନେଇ ସେ ଅଭିଯୋଗ କରିଛନ୍ତି ଯେ ବିଜେପି ବଙ୍ଗଳାକୁ ବିଭାଜିତ କରିବା ଲକ୍ଷ୍ୟ ରଖିଛି।

### ଡିଏ ଓ ଡିଆର୍ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ପେନ୍‌ସନ୍‌ଭୋଗୀଙ୍କୁ ବି ସମାନ ମହଙ୍ଗା ଭତ୍ତା

**ନୂଆଦିଲ୍ଲୀ, ୧୧।୪/ଏଜେନ୍ସି:** ସୁପ୍ରିମକୋର୍ଟ ଡିଏ ଏବଂ ଡିଆର୍ ଉପରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମହଙ୍ଗା ଭତ୍ତା ବୃଦ୍ଧି କରିବା ସମୟରେ ରାଜ୍ୟ ସରକାର ଚାକିରି କରିଥିବା କର୍ମଚାରୀ ଏବଂ ପେନସନ୍‌ଭୋଗୀଙ୍କ ମଧ୍ୟରେ ପାତରଅନ୍ତର କରିପାରିବେ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କ ପାଇଁ ସମାନତାର ଅଧିକାରକୁ ବଜାୟ ରଖି ବିଚାରପତି ମନୋଜ ମିଶ୍ର ଏବଂ ପ୍ରସନ୍ନ ବି. ବରାଲେଙ୍କ ଖଣ୍ଡପୀଠ କେରଳ ସରକାର ଏବଂ କେରଳ ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି ଯେ କାର୍ଯ୍ୟରତ କର୍ମଚାରୀଙ୍କୁ ଦିଆଯାଉଥିବା 'ମହଙ୍ଗା ଭତ୍ତା' (ଡିଏ) ଏବଂ ପେନସନଭୋଗୀଙ୍କୁ ଦିଆଯାଉଥିବା 'ମହଙ୍ଗା ସହାୟତା' (ଡିଆର୍)ର ଉଦ୍ଦେଶ୍ୟ ସମାନ। ମହଙ୍ଗା ବୃଦ୍ଧି କାର୍ଯ୍ୟରତ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମାନ ଭାବରେ ପ୍ରଭାବିତ କରିଥାଏ। ତେଣୁ ପେନସନଭୋଗୀଙ୍କୁ କର୍ମଚାରୀଙ୍କ ତୁଳନାରେ କମ୍ ମହଙ୍ଗା ଭତ୍ତା ଦେବା ଅଯୌକ୍ତିକ। ତେଣୁ ଏହି ଦୁଇ ଶ୍ରେଣୀ ମଧ୍ୟରେ ପାର୍ଥକ୍ୟ କରିବା ଏବଂ କର୍ମଚାରୀମାନଙ୍କୁ ୧୪% ବୃଦ୍ଧି ଏବଂ ପେନସନ୍‌ଭୋଗୀଙ୍କୁ ୧୧% ବୃଦ୍ଧି ପ୍ରଦାନ କରିବା ସମ୍ବିଧାନର ଧାରା ୧୪ (ସମାନତା ଅଧିକାର)ର ଉଲ୍ଲଂଘନ ଅଟେ।



କେରଳ ରାଜ୍ୟ ପରିବହନ ନିଗମ ଯୁକ୍ତି ଦେଇଥିଲା ଯେ ଆର୍ଥିକ ପରିସ୍ଥିତି ଖରାପ ଥିଲା। ତେଣୁ ଏହା ପେନସନଭୋଗୀଙ୍କୁ କମ୍ ବୃଦ୍ଧି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ସୁପ୍ରିମକୋର୍ଟ କେରଳ ହାଇକୋର୍ଟର ଏକ ଡିଭିଜନ ବେଞ୍ଚର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଯାହା ପେନସନଭୋଗୀଙ୍କ ସପକ୍ଷରେ ରାୟ ଦେଇଥିଲା। ଏହି ନିଷ୍ପତ୍ତି ଦେଶର ଲକ୍ଷ ଲକ୍ଷ ସରକାରୀ ପେନସନଭୋଗୀଙ୍କ ପାଇଁ ଏକ ସୁରକ୍ଷା ସ୍ୱରୂପ କାର୍ଯ୍ୟ କରେ। ଏବେ କୌଣସି ରାଜ୍ୟ ସରକାର ଦରମା ସଂଶୋଧନ କିମ୍ବା ମହଙ୍ଗା ଭତ୍ତା ଘୋଷଣା କରିବା ସମୟରେ ପେନସନଭୋଗୀଙ୍କ ପ୍ରତି ପକ୍ଷପାତ କରିବେ ନାହିଁ ବୋଲି ଆଶା କରାଯାଉଛି।

## ହିଙ୍ଗୋଲିରେ ୪.୭ ତୀବ୍ରତାର ଭୂକମ୍ପ ଝଟ୍‌କା

**ମୁମ୍ବାଇ, ୧୧।୪/ଏଜେନ୍ସି:** ଶନିବାର ସକାଳେ ମହାରାଷ୍ଟ୍ରର ମରାଠାୱାଡା ଅଞ୍ଚଳର ହିଙ୍ଗୋଲି ଜିଲ୍ଲାରେ ୪.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ପଡ଼ୋଶୀ ନାନ୍ଦେଡ ଏବଂ ପରଭାନୀ ଜିଲ୍ଲାରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି। ହିଙ୍ଗୋଲିର ପାଙ୍ଗରା ସିନ୍ଦେ ଗାଁରେ କିଛି ଘର ଏବଂ ସାମୁଦାୟିକ କୋଠାରେ ଫାଟ ସୃଷ୍ଟି ହୋଇଛି। ତେବେ ଏଥିରେ ମୃତାହତ ନେଇ ବର୍ତ୍ତମାନ୍ ପର୍ଯ୍ୟନ୍ତ ସୂଚନା ମିଳିନି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra